ବର୍ଷ-୨୪, ସଂଖ୍ୟା-୨୩୬
ଭୁବନେଶ୍ୱର
୨୬ ସେପ୍ଟେମ୍ବର, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-24, Issue No. 236
Bhubaneswar
26 September, 2024, Thursday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

### ବେଙ୍ଗାଲୁରରେ ମହିଳାଙ୍କୁ ୫୯ ଖଣ୍ଡ ଘଟଣା

## ଆତ୍ମହତ୍ୟା କଲା ଭଦ୍ରକର ମୁଖ୍ୟ ଅଭିଯୁକ୍ତ

**ଭୁବନେଶ୍ୱର,୨୫।୯(ମହାଭାରତ):** ମହିଳାଙ୍କୁ ଜଘନ୍ୟ ହତ୍ୟା ପରେ ୫୯ ଖଣ୍ଡ କରିବା ଓ ଗିରଫ ଏଡ଼ାଇବାକୁ ଘରକୁ ଫେରିବା ପରେ ପୋଲିସ ଭୟରେ ଶେଷରେ ଆତ୍ମହତ୍ୟା କରିବା ଘଟଣା ବେଙ୍ଗାଲୁରୁରେ ଆରମ୍ଭ ହୋଇ ଓଡ଼ିଶାରେ ଶେଷ ହୋଇଛି । ବେଙ୍ଗାଲୁରୁରେ ଚାଞ୍ଚଲ୍ୟ ଖେଳାଇଥିବା ଜଣେ ମହିଳାଙ୍କୁ ୫୯ ଖଣ୍ଡ କରିଥିବା ମୁଖ୍ୟ ଅଭିଯୁକ୍ତ ଆତ୍ମହତ୍ୟା କରିଥିବା ଭଦ୍ରକ ଏସ୍‌ପି ସ୍ପଷ୍ଟ କରିଛନ୍ତି । କର୍ଣ୍ଣାଟକ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଚରମ ପଦକ୍ଷେପ ନେଇଛି । ମୃତ ଯୁବକ ହେଉଛନ୍ତି ସ୍ଥାନୀୟ ଭୂଇଁପୁର ଗ୍ରାମର ମୁକ୍ତିରଞ୍ଜନ ରାୟ (୩୦) । ଭଦ୍ରକ ଜିଲ୍ଲାର ଧୂଷୁରୀ ଥାନା ଓ ଆରଡି ଫାଣ୍ଡି ଅନ୍ତର୍ଗତ କୁଳେଇପଦା ଶ୍ମଶାନ ନିକଟରେ ଥିବା ଏକ ଗଛରେ ଆଜି ଭୋର୍ ସମୟରେ ସେ ବେକରେ ରଶି ଲଗାଇ ଝୁଲିପଡ଼ିଛି ।

ସୂଚନା ଅନୁସାରେ ମୁକ୍ତି ରଂଜନ ରାୟ ବେଙ୍ଗାଲୁରୁରେ ଏକ ଘରୋଇ କମ୍ପାନିରେ କାମ କରୁଥିଲେ । ସେ ମଙ୍ଗଳବାର ରାତିରେ ନିଜ ଘରେ ପହଞ୍ଚି ଥିଲେ । ରାତି ୪ଟାରେ ଏକ ସ୍କୁଟିରେ ଭଦ୍ରକ ଯିବେ ବୋଲି କହି ଘରୁ ଆସିଥିଲେ । ସ୍କୁଟି ଉପରେ ଏକ ଲାପଟପ ବ୍ୟାଗ ରଖି ସେ ବେକରେ ରଶି ଲଗାଇ ଝୁଲିପଡ଼ି ଥିଲେ । ମୁକ୍ତିରଂଜନର ମୃତ୍ୟୁର କାରଣ



ସେ ଥିଲା । ବେଙ୍ଗାଲୁରୁ ମହାଲକ୍ଷ୍ମୀ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବୋଲି ଭଦ୍ରକ ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ମହାଲକ୍ଷ୍ମୀଙ୍କୁ ହତ୍ୟା କରି ୫୯ ଖଣ୍ଡ କରାଯାଇଥିଲା ଏବଂ ଫ୍ରିଜ୍‌ରେ ରଖାଯାଇଥିଲା । ମୃତଦେହ ନିକଟରୁ ଏକ ସୁଇସାଇଡ ନୋଟ୍ ଜବତ ହୋଇଛି, ଯେଉଁଥିରେ ଅଭିଯୁକ୍ତ ହତ୍ୟା ନେଇ ସ୍ୱୀକାର କରିଛି । ଆରଡି ଫାଣ୍ଡି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବଦ କରି ବ୍ୟବଚ୍ଛେଦ କରିବା ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ୩୩/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

ଶନିବାର ୨୯ ବର୍ଷୀୟ ମହାଲକ୍ଷ୍ମୀଙ୍କ ଅଧା ପୋଚି ଯାଇଥିବା ଖଣ୍ଡବିଖଣ୍ଡିତ ମୃତଦେବକୁ ସେ ରହୁଥିବା ଆପାର୍ଟମେଣ୍ଟ ରୁମର ଫ୍ରିଜରୁ ଠାବ କରାଯାଇଥିଲା । ଅଭିଯୁକ୍ତ ମୁକ୍ତିରଞ୍ଜନ ଜଣଙ୍କ ବେଙ୍ଗାଲୁରୁର ଭୟାଲିକାବାଲ ଠାରେ ଜଣେ ଜଣେ ୨୯ ବର୍ଷୀୟା ମହାଲକ୍ଷ୍ମୀଙ୍କୁ ହତ୍ୟା କରିବା ପରେ ମୃତଦେହକୁ ୫୯ ଖଣ୍ଡ କରିଥିଲେ । ଏହାପରେ ଏହାକୁ ରୁମରେ ଥିବା ଫ୍ରିଜ ମଧ୍ୟରେ ରଖି ଫେରାର ହୋଇଯାଇଥିଲେ । ଘଟଣାକୁ ନେଇ କର୍ଣ୍ଣାଟକା ସମେତ ପୂରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିଲା ।

ବେଙ୍ଗାଲୁରୁ ପୁଲିସ୍ ଘଟଣାର ତନାଘନା କରୁଥିବାରୁ ଅଭିଯୁକ୍ତ ଜଣଙ୍କ ସେଠାରୁ ଓଡ଼ିଶା ଚାଲି ଆସିଥିବା ଜଣାପଡିଥିଲା । ଏକଥା ଜଣାପଡ଼ିବା ପରେ ଘଟଣାର ତଦନ୍ତ କରୁଥିବା କର୍ଣ୍ଣାଟକା ପୁଲିସର ସ୍ୱତନ୍ତ୍ର ଟିମ ଓଡ଼ିଶା ଅଭିମୁଖେ ଆସିଥିଲା । ଏ ସମ୍ପର୍କରେ କର୍ଣ୍ଣାଟକାର ଗୃହ ମନ୍ତ୍ରୀ ଜି ପରମେଶ୍ୱର ସୂଚନା ଦେଇଥିଲେ । ମନ୍ତ୍ରୀ ଜି ପରମେଶ୍ୱର କହିଥିଲେ ଯେ, ଆମେ ଏହି ମାମଲାକୁ ବେଶ ଗୁରୁତ୍ୱର ସହ ନେଇଛୁ । ହତ୍ୟା ଘଟଣା ପୂରା ବେଙ୍ଗାଲୁରୁକୁ ଦୋହଲାଇ ଦେଇଛି । ହତ୍ୟା ଅଭିଯୁକ୍ତକୁ ପୁଲିସ୍ ଓଡ଼ିଶାରେ ଠାବ କରି ସାରିଛି । ସେ ଅପରାଧ ଘଟାଇଥିବା ପ୍ରମାଣ ଏକାଠି କରାଯାଇଛି । ଅଭିଯୁକ୍ତକୁ ଧରିବାକୁ ପୁଲିସ୍ ୩ରୁ ୪ଟି ଟିମ ପଠାଇଛି । ଅଭିଯୁକ୍ତ ଜଣଙ୍କ ନିୟମିତ ସ୍ଥାନ ବଦଳାଉଥିବାରୁ ଧରିବାକୁ କଷ୍ଟସାଧ୍ୟ ହୋଇଥିଲା ।

## ନର୍ସିଂ ସଂଘ-ସରକାର ଆଲୋଚନା ବିଫଳ

ଭୁବନେଶ୍ୱର,୨୫।୯(ମହାଭାରତ): ନର୍ସିଂ ସଂଘ-ସରକାର ଆଲୋଚନା ବିଫଳ ହୋଇଛି । ସଂଘ ସାଧାରଣ ସଂପାଦକ କହିଛନ୍ତି ଯେ, ନର୍ସିଂ ସଂଘ ଓ ସରକାରଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଛି । ଆଲୋଚନା ବିଫଳ ହୋଇଥିବାରୁ ଆନ୍ଦୋଳନ ଚାଲୁ ରହିବ । ଉଚ୍ଚ ସ୍ତରୀୟ କମିଟି କରି ଆଲୋଚନା କରିବାକୁ ଦାବି କରିଛି ସଂଘ । ଏହାସହିତ ମୁଖ୍ୟମନ୍ତ୍ରୀ କିମ୍ବା ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଆଲୋଚନାକୁ ଆହ୍ୱାନ କରାଯାଇଛି । ଆଜି ଲୋକସେବା ଭବନରେ ସ୍ୱାସ୍ଥ୍ୟ ସଚିବ ଓ ନର୍ସିଂ ନିର୍ଦ୍ଦେଶକଙ୍କ ସହ ଏନେଇ ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା ।



ଉଲ୍ଲେଖଯୋଗ୍ୟ, ଆଜିଠାରୁ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛି ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ । ଜରୁରିକାଳୀନ ରୋଗୀ ସେବାରେ କୌଣସି ପ୍ରକାର ବାଧା ନ ଦେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ନର୍ସିଂ କର୍ମଚାରୀ । ଅନ୍ୟପଟେ ଏହି ଆନ୍ଦୋଳନ ପୂର୍ବରୁ ଚେତାବନୀ ଦେଇଛନ୍ତି ରାଜ୍ୟ ସରକାର । ଅଗଷ୍ଟ ମାସରୁ ଏସ୍ମା ଲାଗୁ ହୋଇଥିବାରୁ ଆନ୍ଦୋଳନକୁ ଓହ୍ଲାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ରାଜ୍ୟ ନର୍ସିଂ ନିର୍ଦ୍ଦେଶକ ସବୁ ସିଡିଏମ୍ଓ, ମେଡିକାଲ କଲେଜର ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି କହିଛନ୍ତି ।

ଓଡିଶା ସେବିକା କର୍ମଚାରୀ ସଂଘର ପ୍ରତିନିଧିମାନେ ସରକାର ସମୟାନ୍ତରରେ ତାଙ୍କର ବହୁପୁରୁଣା ସମସ୍ୟା ସମାଧାନ କରିଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ । ସରକାରଙ୍କ ପକ୍ଷରୁ ନର୍ସିଂ ଅଫିସରଙ୍କ ପାଇଁ ନିଆଯାଇଥିବା ବିବିଧ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗୁଡିକ ହେଲା, ୨୦୨୧ ମସିହାରେ ଖାଲି ଥିବା ୬୪୩୨ ଟି ପଦବୀମଧ୍ୟରୁ ୪୬୮୩ ଜଣ ନର୍ସିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିଲା ।- ସେହିପରି ଦୁଇବର୍ଷ ପରେ ପୁନଶ୍ଚ ୨୦୨୩ ମସିହାରେ ୭୪୮୩ ଟି ଖାଲି ପଦବୀ ମଧ୍ୟରୁ ୩୭୩୮ ଜଣ ନର୍ସିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିଲା । ବିଭିନ୍ନ ଯୋଜନା ଅଧୀନରେ କାର୍ଯ୍ୟରତ ୩୦୧୬ ଜଣ ସେବିକାଙ୍କୁ ଓଡ଼ିଶା ନର୍ସିଂ ସର୍ଭିସ କ୍ୟାଡରର ବେସଲେବେଲ ପଦବୀରେ ସାମିଲ କରାଯାଇଛି ଏବଂ ଚୁକ୍ତିଭିତ୍ତିକ ନିୟମ-୨୦୨୨ ଲାଗୁ ହେବା ପରେ କ୍ୟାଡର ନିୟମ ଅନୁଯାୟୀ ଆଜି ସୁଦ୍ଧା ୨୮୮୩ ଜଣ ସେବିକାଙ୍କୁ ନିୟମିତ କରାଯାଇଛି ।- ଚୁକ୍ତିଭିତ୍ତିକ ନର୍ସିଂ ଅଫିସରମାନଙ୍କ ଚାକିରୀ ନିୟମିତ ହେଲାପରେ ରିପିଲ ନିୟମ - ୨୦୨୨ ଅନୁଯାୟୀ ସେମାନଙ୍କୁ ସେବାକ୍ଷେତ୍ରରେ ବରିଷ୍ଠତାର ସୁବିଧା ପ୍ରଦାନ କରାଯାଇଛି । କ୍ୟାଡର ପୁନର୍ଗଠନ ଯୋଗୁଁ ପ୍ରାୟ ୧୧୯୩୩ ଜଣ ନର୍ସିଂ ଅଫିସର ପଦୋନ୍ନତିପାଇ ବିଶେଷ ଭାବରେ ଉପକୃତ ହେବେ ।

## ଶ୍ରୀମନ୍ଦିରରେ ନିଯୁକ୍ତ ହେବେ ଫୁଡ୍ ଅଫିସର



**ପୁରୀ,୨୫।୯(ମହାଭାରତ):** ଭୋଗ, ମହାପ୍ରସାଦରେ ନିମ୍ନମାନର ଘିଅ ବ୍ୟବହାର ପ୍ରସଙ୍ଗ ଶ୍ରୀମନ୍ଦିରରେ ନିଯୁକ୍ତ ହେବେ ଫୁଡ୍ ଅଫିସର । ଏହି ଅଧିକାରୀ ଭୋଗ, ମହାପ୍ରସାଦର ମାନ ଯାଞ୍ଚ କରିବେ । କେବଳ ମାନ ଯାଞ୍ଚ ନୁହେଁ, ଭୋଗରେ ବ୍ୟବହୃତ ସାମଗ୍ରୀର ବି ଯାଞ୍ଚ କରିବେ ଫୁଡ୍ ଅଫିସର । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯିବା ନେଇ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

ତିରୁପତି ମନ୍ଦିରରେ ଅପମିଶ୍ରିତ ଘିଅରେ ଲଡୁ ପ୍ରସ୍ତୁତିକୁ ନେଇ ବିବାଦ ଚାଲିଥିବାବେଳେ ଶ୍ରୀମନ୍ଦିରରେ ଘିଅର ମାନ ଯାଞ୍ଚ କରିବା ପାଇଁ ଦାବି ଉଠିଥିଲା ଅଭିଯୋଗ ହୋଇଥିଲା । ଶ୍ରୀମନ୍ଦିରରେ ବ୍ୟବହୃତ ହେଉଛି ନିମ୍ନମାନର ଘିଅ ଏନେଇ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶିତ ହୋଇଥିଲା । ବରିଷ୍ଠ ସେବାୟତ ତଥା ସୁଆର ମହାସୁଆର ନିଯୋଗର ଉପଦେଷ୍ଟା ବୈଦ୍ୟନାଥ ମହାସୁଆର ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି । ବରାଦି ମହାପ୍ରସାଦ ସହ ଖଜା ଓ ବିଭିନ୍ନ ମିଠା ପ୍ରସାଦ ପ୍ରସ୍ତୁତିରେ ସ୍ୱାସ୍ଥ୍ୟ ପାଇଁ ଖରାପ ଥିବା ଡାଲଡା ଘିଅ ଶ୍ରୀମନ୍ଦିରରେ ବ୍ୟବହାର ହେଉଛି ।

### ୩୦ରେ ପୁରୀ ଯିବ ଗୃହ କମିଟି

**ଭୁବନେଶ୍ୱର,୨୫।୯(ମହାଭାରତ):** ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପୁରୀ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ଓ ପରିକ୍ରମା ପ୍ରକଳ୍ପର ଅନୁଧ୍ୟାନ କରିବେ ବିଧାନସଭା ଗୃହ କମିଟି । ଆସନ୍ତା ୩୦ ତାରିଖରେ ଗୃହ ଓ ଆଇନ ବିଭାଗର ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି ପୁରୀ ଗସ୍ତରେ ଯାଇ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ଓ ପରିକ୍ରମା ପ୍ରକଳ୍ପର ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି । ବିଭାଗୀୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ସିଦ୍ଧାନ୍ତ ମହାପାତ୍ରଙ୍କ ନେତୃତ୍ୱାଧୀନ ୧୨ଜଣିଆ ସଦସ୍ୟ ବିଶିଷ୍ଟ କମିଟି ଚଳିତମାସ ୩୦ତାରିଖରେ ପୁରୀ ଗସ୍ତରେ ଯାଇ ସାମୁଦ୍ରିକ ଥାନା ଓ ପୁରୀ ଜେଲ୍ ପରିଦର୍ଶନ କରିବା ସହ ଆଇନଶୃଙ୍ଖଳା ପ୍ରସଙ୍ଗରେ ଜିଲ୍ଲାପାଳ, ଏସପି ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବେ ।

## ବିକାଶ ନାଁରେ ବିଜେଡି ବିନାଶ କରିଛି : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୫।୯(ମହାଭାରତ):** ସୁଭଦ୍ରା ଯୋଜନାରେ ଏ ପର୍ଯ୍ୟନ୍ତ ୨୫ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ମିଳିଥିବାବେଳେ ଅନ୍ୟାନ୍ୟ ମହିଳା ପର୍ବରେ ଅବଶିଷ୍ଟ ୨୫ ଲକ୍ଷ ମହିଳାଙ୍କୁ ପ୍ରଥମ କିସ୍ତି ମିଳିବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଏହି ଅବସରରେ ବିଜେଡି ଉପରେ ପ୍ରବଳ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ । ଆଜି ବିଜେପିର ଏକ ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଇ ଏ କଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିରୋଧୀ ବିଜେଡ଼ି ଉପରେ ଖୁବ ବର୍ଷିଛନ୍ତି । ବିକାଶ ନାଁର ପୂର୍ବ ସରକାର ରାଜ୍ୟର ବିନାଶ କରିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନବୀନଙ୍କ ୨୪ ବର୍ଷର

**୯୨ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ଆବେଦନ କରିସାରିଛନ୍ତି**

ଶାସନ ରାଜ୍ୟକୁ ବିକାଶ ବଦଳରେ ଧ୍ୱଂସ କରିଦେଲା । ରୂପାନ୍ତରଣ ନାଁରେ ୫ଟି କରି ଭଙ୍ଗା ସ୍କୁଲ କାନ୍ଥରେ ରଙ୍ଗ ମାରି ଟଙ୍କା ହରିଲୁଟ କଲେ । ସଭା ମଞ୍ଚରେ ସିଏମଓ ଅଧିକାରୀ ନେତୃତ୍ୱ ନେଇ ଭାଷଣ ଦେଲେ । ମନ୍ତ୍ରୀ, ବିଧାୟକ ମଞ୍ଚ ତଳେ ଛିଡ଼ା ହେଲେ । ଓଡ଼ିଆ ଅସ୍ମିତାକୁ ବିପଦରେ ପକାଇଦେଲେ । ଓଡ଼ିଆ ଯଦି କଷ୍ଟ ପାଇବ, ସରକାର ନିଶ୍ଚିତ ପରିବର୍ତ୍ତନ କରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ୨୦୦୯ ରେ ତାଙ୍କ ବିରୋଧରେ ଚକ୍ରାନ୍ତ କରାଯାଇଥିଲା । ତେବେ ସେ ଚକ୍ରାନ୍ତରେ ଫସିନଥିଲେ ଓ ଏବେ ସେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ପୂର୍ବ ସରକାର ମିଶନ ଶକ୍ତି ଋଣର ସୁଧ ଦେଉଥିଲେ କହୁଥିଲେ । କିନ୍ତୁ ଏହାର ୭ ପ୍ରତିଶତ କେନ୍ଦ୍ର ଓ ରାଜ୍ୟ ୪ ପ୍ରତିଶତ ସୁଧ ଦେଉଥିଲା । ନବୀନ ବାବୁ ପର ଛୁଆକୁ ମୋ ଛୁଆ କହିବା କଥା ଲୋକ ଜାଣି ପାରିଲେ । କେନ୍ଦ୍ର ଯୋଜନାକୁ ହଡ଼ପ କରିଥିଲେ ରାଜ୍ୟ ସରକାର । ଭୋଟ ପାଇଁ ହୀନ ଚକ୍ରାନ୍ତରେ ନିଜେ ଫସିଲେ ଓ ଲୋକ ସାଧାରଣ ନିର୍ବାଚନରେ ଜବାବ ଦେଲେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ୯୨ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ଆବେଦନ କରିସାରିଛନ୍ତି । ଏହି ସଂଖ୍ୟା ସପ୍ତାହକ ଭିତରେ ଏକ କୋଟି ଛୁଇଁବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ରାଜ୍ୟର ସମସ୍ତ ଯୋଗ୍ୟ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଟଙ୍କା ମିଳିବ ବୋଲି ସେ ପୁଣିଥରେ ଦୋହରାଇଛନ୍ତି । ଏଯାଏ ୨୫ ଲକ୍ଷ ୧୧ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଟଙ୍କା ଦେଇସାରିଛୁ । ଇକେୱାଇସି ପାଇଁ ଟିକେ ସମୟ ଲାଗୁଛି ବୋଲି ସେ କହିଛନ୍ତି । ସୁଭଦ୍ରା କୋଟିଏ ଲୋକଙ୍କ ପାଖରେ ପଂହଁଚିବା ପାଇଁ ୧ରୁ ସ୍ଲାବ ହେବ ପୁଣି ଲୋକଙ୍କୁ ଦିଆଯିବ । ଯେଉଁମାନେ ଆବେଦନ କରିଛନ୍ତି ସରକାର ସମସ୍ତଙ୍କର ଭେରିଫିକେସାନ କରିବ । ଏଥର ୨୫ ଲକ୍ଷ ୧୧ ହଜାର ଲୋକଙ୍କ ପାଖେ ପଂହଁଚିଛୁ, ପେ ସିଷ୍ଟମ ସୁବିଧା ଅଛି । କୋଟିଏ ଲୋକଙ୍କ ପାଖେ ଜଲଦି ପଂହଁଚିବୁ । ସମସ୍ତେ ଧୈର୍ଯ୍ୟ ଧରନ୍ତୁ । ମାର୍ଚ୍ଚ ୮ ପରେ ଏଭଳି ସ୍ଥିତି ହେବ ନାହିଁ । ଏହା ଏକ ପ୍ରଥମ ଥର ତେଣୁ ଟିକେ କଷ୍ଟ ହେଉଥିବ । ପ୍ରଥମ କିସ୍ତି ସମସ୍ତେ ପାଇବା ପରେ ଏଭଳି ସ୍ଥିତି ହେବ ନାହିଁ । ତେଣୁ ମାର୍ଚ୍ଚ ୮ ରେ ସମସ୍ତେ ଏକା ସାଙ୍ଗରେ ୨ୟ କିସ୍ତି ପଇସା ପାଇବେ ।

### ଖଣି ଅଧିକାରୀଙ୍କୁ ପିଟିଲେ

**କୋରାପୁଟ,୨୫।୯ (ମହାଭାରତ):** ବେଳେ ଖଣି ଅଧିକାରୀଙ୍କୁ ମାଫିଆମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଏପରି ଘଟଣା ଘଟିଛି କୋରାପୁଟ ଟାଉନରେ । ଆହତ ଖଣି ଅଧିକାରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଥିବା ଜଣାଯାଇଛି । ୬ଟି ହାଇୱା ଓ ଗୋଟିଏ ଟ୍ରାକ୍ଟରରେ ଚୋରାବାଲି ଚାଲାଣ ହେଉଥିବା ଖଣି ଅଧିକାରୀ କୌଣସି ସୂତ୍ରରୁ ଖବର ପାଇଥିଲେ ।

## ନିଲମ୍ବିତ ଆଇଆଇସିଙ୍କ ହେବ ପଲିଗ୍ରାଫ୍ ଟେଷ୍ଟ

**ଭୁବନେଶ୍ୱର,୨୫।୯(ମହାଭାରତ):** ଭୁବନେଶ୍ୱରର ଭରତପୁର ଥାନାରେ ଜଣେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କର ହେବ ପଲିଗ୍ରାଫ୍ ଟେଷ୍ଟ । ଏଥିପାଇଁ ଆଜି କ୍ରାଇମବ୍ରାଞ୍ଚକୁ ଅନୁମତି ଦେଇଛନ୍ତି ଭୁବନେଶ୍ୱର ଏସଡିଜେଏମ୍ କୋର୍ଟ ।

ଦୀନକୃଷ୍ଣ ମିଶ୍ରଙ୍କର ପଲିଗ୍ରାଫ୍ ଟେଷ୍ଟ ସହିତ ନାର୍କୋ ଆନାଲିସିସ୍ ଓ ବ୍ରେନ୍ ଫିଙ୍ଗର ପ୍ରିଣ୍ଟିଂ ଟେଷ୍ଟକୁ ବି ଅନୁମତି ଦେଇଛନ୍ତି କୋର୍ଟ । ଏହି ୩ଟି ଟେଷ୍ଟ ପାଇଁ ଦୀନକୃଷ୍ଣଙ୍କୁ ଗୁଜରାଟର ଗାନ୍ଧିନଗର ନେବ କ୍ରାଇମବ୍ରାଞ୍ଚ ।

ଅଭିଯୁକ୍ତ ତଥା ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କର ପଲିଗ୍ରାଫ୍ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚ ଭୁବନେଶ୍ୱର ଏସଡିଜେଏମ୍ କୋର୍ଟରେ ଆବେଦନ କରିଥିଲା । ପଲିଗ୍ରାଫ୍ ଟେଷ୍ଟ ପାଇଁ ଦୀନକୃଷ୍ଣ ରାଜି ହୋଇଥିବାରୁ କୋର୍ଟ ବି ଏହି ଆବେଦନ ଉପରେ ସହମତି ପ୍ରକାଶ କରିଥିଲା । ଅନ୍ୟପକ୍ଷରେ ଆଜି





କ୍ରାଇମବ୍ରାଞ୍ଚ ଟିମ୍ ଭରତପୁର ଥାନା ଏବଂ ପଥରଗାଡିଆ । ରାସ୍ତାରେ ମେଜର ଓ ତାଙ୍କ ବାନ୍ଧବୀଙ୍କ ସହ ତନାଘନା କରିଛି । ସେହିଦିନ ରାତିରେ ପ୍ରକୃତରେ କଣ ଘଟିଥିଲା ସେ ନେଇ କ୍ରାଇମବ୍ରାଞ୍ଚ ଖୋଲତାଡ଼ କରିଥିଲା । ପୀଡ଼ିତାଙ୍କ ସହ ଥାନା ଭିତରେ କ'ଣ ହୋଇଥିଲା ? କିଭଳି ସେ ଦୁର୍ବ୍ୟବହାରର ଶିକାର ହୋଇଥିଲେ ? ସବୁ ଘଟଣାର ସିନ୍ ରିକ୍ରିଏସନ୍ କରିଛି କ୍ରାଇମବ୍ରାଞ୍ଚ ଟିମ । ସକାଳେ ପ୍ରଥମେ ଭରତପୁର ଥାନାରେ ମେଜର ଓ ପୀଡ଼ିତା ତଦନ୍ତକାରୀ ଟିମ୍ ଆଗରେ ସେଦିନର ଘଟଣା ବାବଦରେ ପକ୍ଷ ରଖିଥିଲେ । ଏହାପରେ ସେମାନଙ୍କୁ ନେଇ ସୁନ୍ଦରପୁର ଯାଇଥିଲା ତଦନ୍ତକାରୀ ଟିମ୍ । ସେଠାରେ ରୋଡ୍ ରୋମିଓମାନେ ପୀଡ଼ିତା ଓ ମେଜରଙ୍କୁ ଅଟକାଇଥିଲେ । ଫଳରେ ସେଠାରେ ସେମାନଙ୍କ ମଧ୍ୟରେ ବଚସା ଓ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା । ସମସ୍ତ ତଦନ୍ତ ଓ ଯାଞ୍ଚ ପ୍ରକ୍ରିୟାର କ୍ୟାମେରାରେ ରେକର୍ଡ କରାଯାଇଛି । କ୍ରାଇମବ୍ରାଞ୍ଚ ସହିତ ଫୋରେନସିକ୍ ଟିମ୍ ମଧ୍ୟ ଥିଲେ ।

ସେହିପରି ଏହି ମାମଲାରେ ନିଲମ୍ବିତ ହୋଇଥିବା ପୁଲିସ କର୍ମଚାରୀମାନେ ଆଜି ଭରତପୁର ଥାନାରେ କ୍ରାଇମବ୍ରାଞ୍ଚ ଟିମ୍ ସଦସ୍ୟଙ୍କ ପାଖରେ ହାଜର ହୋଇଥିଲେ । ସେମାନଙ୍କୁ ନେଇ ସେଦିନର ଘଟଣା ସଂପର୍କରେ ସିନ୍ ରିକ୍ରିଏସନ୍ କରିଛି ତଦନ୍ତକାରୀ ଟିମ୍ । ସେଦିନ କ'ଣ ଘଟିଥିଲା ଜାଣିବାକୁ ଖୋଲତାଡ଼ କରିଛି ଟିମ୍ ।

## ଆଜି ଆସିବେ ଜେ.ପି ନଡ୍ଡା

**ଭୁବନେଶ୍ୱର,୨୫।୯ (ମହାଭାରତ):** ଆସନ୍ତା କାଲି ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା । ଆସନ୍ତାକାଲି ସକାଳ ୧୦.୩୦ରେ ଶ୍ରୀ ନଡ୍ଡା ଭୁବନେଶ୍ୱର ପହଞ୍ଚିବେ । ପାର୍ଟି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଅପରାହ୍ନରେ ଶ୍ରୀ ନଡ୍ଡା ପ୍ରତ୍ୟାବର୍ତ୍ତନ କରିବେ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଡ.ଯତୀନ ମହାନ୍ତି ସୂଚନା ଦେଇଛନ୍ତି । ସଦସ୍ୟତା ହେଉଛି କାର୍ଯ୍ୟକର୍ତ୍ତା ଚୟନର ମୂଳ ଆଧାର । ସଙ୍ଗଠନର ମୂଳ ଆଧାର ହେଉଛନ୍ତି କାର୍ଯ୍ୟକର୍ତ୍ତା ଏବଂ ବିଜେପିର ମୂଳ ଆଧାର ହେଉଛି ସଙ୍ଗଠନ । ସଦସ୍ୟତା ଅଭିଯାନକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଓ ଗତିଶୀଳ କରିବା ପାଇଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା ଓଡିଶା ଗସ୍ତରେ ଆସୁଛନ୍ତି ବୋଲି ଡ.ମହାନ୍ତି ସୂଚନା ଦେଇଛନ୍ତି ।



## ଚିନ୍ତାରେ ନବୀନ : ଗଢ଼ିଲେ ୬୦ ଜଣିଆ କମିଟି

**ଭୁବନେଶ୍ୱର,୨୫।୯(ମହାଭାରତ):** ନିର୍ବାଚନ ପରାଜୟ ପରେ ବିଜୁ ଜନତା ଦଳରେ ଦିନକୁ ଦିନ ବିଦ୍ରୋହ ଯେଭଳି ମୁଣ୍ଡ ଟେକୁଛି ତାକୁ ପ୍ରତିହତ କରିବା ପାଇଁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଏକ ନୂଆ ଫଣ୍ଡା ଆପଣାଇଛନ୍ତି । ଏହି ଘଟଣା ଭୁବନେଶ୍ୱର ବିଜେଡ଼ିରେ ନବୀନଙ୍କୁ ବେଶି ବିବ୍ରତ କରିବା ପରେ ସେ ୬୦ ଜଣିଆ ନୂଆ କମିଟି ଗଠନ କରିଛନ୍ତି । ଆସନ୍ତା ୨୭ ତାରିଖରେ ସେ ଏକ ଜରୁରୀ ବୈଠକ ଡାକିଛନ୍ତି । ଦଳର ୧୫ଜଣିଆ ସମନ୍ୱୟ କମିଟି ସଦସ୍ୟମାନଙ୍କ ସମେତ ଆଉ ୩ଟି ନୂଆ କମିଟିର ୬୦ ଜଣିଆ ସଦସ୍ୟ ଓ ସମସ୍ତ ସାଙ୍ଗଠନିକ ଜିଲ୍ଲା ସଭାପତିମାନଙ୍କୁ ଏହି ବୈଠକରେ ସାମିଲ ହେବା ପାଇଁ ଦଳ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ସମନ୍ୱୟ କମିଟି ଥିବାବେଳେ ଏହାକୁ ସହଯୋଗ କରିବା ପାଇଁ ପ୍ରସନ୍ନ ଆଚାର୍ଯ୍ୟଙ୍କ ସଂଯୋଜନାରେ ୧୭ ଜଣିଆ ଉପଦେଷ୍ଟା କମିଟି, ଅତନୁ ସବ୍ୟସାଚୀ ନାୟକଙ୍କ ସଂଯୋଜନାରେ ୨୨ ଜଣିଆ ସଦସ୍ୟତା ଅଭିଯାନ କମିଟି ଓ ସଞ୍ଜୟ ଦାସବର୍ମାଙ୍କ ସଂଯୋଜନାରେ ୨୧ ଜଣିଆ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ କମିଟି ଗଠନ କରାଯାଇଛି ।

ଆଜି ଶଙ୍ଖ ଭବନରେ ଆୟୋଜିତ ନୂଆପଡା ଜିଲ୍ଲା ସାଙ୍ଗଠନିକ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇ ଜିଲ୍ଲାର କାର୍ଯ୍ୟକର୍ତ୍ତା, କର୍ମୀ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ସହସଂଗଠନ ବିଷୟରେ ସିଧାସଳଖ ଆଲୋଚନା କରିଛନ୍ତି । ଏହି ସଭାରେ ଜିଲ୍ଲା ସଭାପତି ନରହରି ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ, ସାଂସଦ ପ୍ରାର୍ଥୀ ଲମ୍ବୋଦର ନିହାଲ, ଜିଲ୍ଲା ପରିଷଦ ସଭାପତି ଡଲି ମାଝୀ ପ୍ରମୁଖ



ଯୋଗଦେଇ ଦଳୀୟ ସଂଗଠନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ନୂଆପଡା ନେତୃମଣ୍ଡଳୀ ତାଙ୍କ ଅଭିଭାଷଣରେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ, ସାର୍ ଆମ ଜିଲ୍ଲାର ସମସ୍ତ ବିକାଶ ମୂଳକ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଆମ ଜିଲ୍ଲାର ବିକାଶ ପାଇଁ ଆମେ ଯାହା ମାଗିଛୁ, ଆପଣ ଅଜାଡି ଦେଇଛନ୍ତି । ଏବେ ସମୟ ଆସିଛି ଆପଣଙ୍କୁ ଫେରାଇବାର । ଆମେ ସମସ୍ତ ନେତୃବୃନ୍ଦ ପ୍ରତିଶ୍ରୁତି ଦେଉଛୁ, ଆପଣଙ୍କୁ ୧୪ରୁ ୧୪ ଜିଲ୍ଲା ପରିଷଦ ଓ ୫ଟି ବ୍ଲକର ଚେୟାରମ୍ୟାନ ଜିତାଇ ଆପଣଙ୍କ ପାଖରେ ପହଞ୍ଚାଇବୁ ।

ଏହି ସଭାରେ ନବୀନ ପଟ୍ଟନାୟକ କହିଲେ, ଆପଣମାନେ ବହୁ ପରିଶ୍ରମ କରି ଦୁଇ ଜଣ ବିଧାୟକ ଜିତାଇଥିବାରୁ ଆପଣଙ୍କୁ ବହୁତ ଧନ୍ୟବାଦ । ଆଗାମୀ ପଞ୍ଚାୟତ ନିର୍ବାଚନରେ ଏଭଳି ପରିଶ୍ରମ କରି ଦଳକୁ ଜିତାଇବାକୁ ପାଇଁ ଅନୁରୋଧ କରୁଛି । ଆମ ସରକାର ସମୟରେ ନୂଆପଡା ଜିଲ୍ଲାରେ ବହୁତ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି । ଜଗନ୍ନାଥ ସୁଯୋଗ ଦେଲେ ବାକି ରହିଥିବା କାମ ପୁଣି କରିବା । ଭଏ ସରକାରରେ ଭ୍ରଷ୍ଟାଚାର ଦିନକୁ ଦିନ ବଢିବାରେ ଲାଗିଛି । ରାଜ୍ୟପାଳଙ୍କ ପୁଅ ଓଡିଆ ଏଏସ୍ଓକୁ ମାଡ ଦେବା ଘଟଣା ହେଉ କି ଭରତପୁର ଥାନାରେ ମହିଳାଙ୍କୁ ଦୁର୍ବ୍ୟବହାର ଘଟଣା ହେଉ କିମ୍ବା ରାଉରକେଲାର ନାବାଳିକାଙ୍କୁ ଦୁଷ୍କର୍ମ ଘଟଣା ହେଉ । ଏଭଳି ଅକଥନୀୟ ଘଟଣାରେ ବିଜେପି ଶାସିତ ଆମ ରାଜ୍ୟରେ ବଢି ବଢି ଚାଲିଛି । ଏହା ଦୁର୍ଭାଗ୍ୟଜନକ । ସୁଭଦ୍ରା ଯୋଜନାରେ ମିଛ କହି ଲୋକଙ୍କଠାରୁ ଭୋଟ ନେଲେ । ଆପଣମାନେ ଏକତ୍ରୀତ ହୋଇ ଏ ସରକାର ବିରୋଧରେ ଲଢେଇ ଜାରି ରଖନ୍ତୁ । ମୁଁ ଆପଣମାନଙ୍କ ପାଖରେ ସଦସର୍ବଦା ରହିଛି । ବର୍ଷା ଛାଡିଲା ପରେ ମୁଁ ନୂଆପଡା ଜିଲ୍ଲା ଗସ୍ତ ଯାଇ ଆପଣଙ୍କ ସହ ପୁନର୍ବାର ଭେଟ ହେବି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

## ଖାକିରେ ପୁଣି ଦାଗ

**ଭୁବନେଶ୍ୱର,୨୫।୯(ମହାଭାରତ):** ଭରତପୁର ଥାନା ଘଟଣାରେ ଓଡ଼ିଶା ପୋଲିସ ବଦ୍‌ନାମ ହୋଇଛି । ଜଣେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସ ନିର୍ଯାତନା ଦେଇଥିବା ଘଟଣା ସାରା ଦେଶରେ ଚହଳ ପକାଇ ଦେଇଥିବା ବେଳେ ରାଉରକେଲା ଓ କଟକରୁ ୨ ଜଣ ପୁଲିସ କର୍ମଚାରୀଙ୍କ ବିରୋଧରେ ଅସଦାଚରଣ ଓ ଦୁର୍ବ୍ୟବହାର ଅଭିଯୋଗ ଆସିଛି । ଫଳରେ ଖାକିରେ ପୁଣି ଦାଗ ଲାଗିଛି ।

ବନ୍ଧମୁଣ୍ଡା ଥାନା ଅଧିକାରୀ ଅଶୋକ ଦାସଙ୍କ ନାଁରେ ଆସିଛି ଅସଦାଚରଣ ଅଭିଯୋଗ । ପୁଣି ଆଉ କେହି ନୁହନ୍ତି, ତାଙ୍କ ଥାନାରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ତାଙ୍କ ବିରୋଧରେ ଆଣିଛନ୍ତି ଏହି ଅଭିଯୋଗ । ସଂପୃକ୍ତ ଥାନା ଅଧିକାରୀଙ୍କୁ ରାଉରକେଲା ଏସପି ଅଫିସକୁ ବଦଳି କରି ଦିଆଯାଇଛି । ଏହା ସହିତ ଜଣେ ମହିଳା ଡିଏସପିଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି । ରାଉରକେଲା ଏସପି ତଦନ୍ତ ଉପରେ ନଜର ରଖିଛନ୍ତି । ଗତ ୫ ଦିନ ମଧ୍ୟରେ ରାଉରକେଲା ସହରରୁ ଦୁଇଟି ନାବାଳିକା ଗଣଦୁଷ୍କର୍ମ ମାମଲା ଆସିଥିବା ବେଳେ ସହରର ଜଣେ ପୁଲିସ ଅଫିସର ଜଣେ ମହିଳା ପୁଲିସ କର୍ମଚାରୀଙ୍କୁ ଅସଦାଚରଣ କରିବା ନେଇ ହୋଇଥିବା ଅଭିଯୋଗ ଘଟଣା ସମସ୍ତଙ୍କୁ ଚକିତ କରିଛି ।

ସେହିଭଳି କଟକ ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ପୁଲିସ କର୍ମଚାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ସଦର ଥାନାର କାର୍ଯ୍ୟରତ ଡ୍ରାଇଭର କର୍ମଚାରୀଙ୍କ ନାଁରେ ସଦର ଥାନାରେ ମାମଲା ରୁଜୁ ହୋଇଛି । ଗତ ୨୨ ତାରିଖ ରାତିରେ କଟକ ସଦର ଥାନା ଅଞ୍ଚଳ ଶଙ୍ଖତରାସ ଗାଁରେ ଏକ ଗଣ୍ଡଗୋଳ ହେଉଥିବା ଖବର ପାଇ ସଦର ଥାନାରୁ ପିସିଆର ଗାଡ଼ି ଯାଇଥିଲା । ସେଠାରେ ପହଞ୍ଚିବା ପରେ ପଚରାଉଚରା କରିବା ସମୟରେ ଅଭିଯୋଗକାରୀ ମହିଳାଙ୍କୁ ଓଏପିଏଫ କର୍ମଚାରୀ ନିଶାଶକ୍ତ ଅବସ୍ଥାରେ ଦୁର୍ବ୍ୟବହାର କରିଥିଲେ ବୋଲି ସେ ଥାନାରେ ଅଭିଯୋଗ କରିଥିଲେ ।

## ବ୍ରେଡ ଉତ୍ତପମ

ଆବଶ୍ୟକୀୟ ସାମଗ୍ରୀ : ୪/୬ ପିସ ବ୍ରେଡ, ୫ଚାମଚ ସୁଜି, ୫ଚାମଚ ମଇଦା, ଅଧା ଚାମଚ ମଇଦା,
ଜିରା, କଞ୍ଚା ଲଙ୍କା, ୨ଚାମଚ କଟା ଅଦା, ଧନିଆ ପତ୍ର, ଅଧା ଚାମଚ ସିମ୍ଲା ଲଙ୍କା, ଟମାଟୋ କଟା ଅଳ୍ପ,
ତେଲ ଓ ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତ ପ୍ରଣାଳୀ: ବ୍ରେଡ ଉତ୍ତପମ ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ ବ୍ରେଡର ଚାରିପଟକୁ ଛୁରୀରେ କାଟି ବାହାର କରିଦିଅନ୍ତୁ। ତାପରେ ଏକ ମକ୍ସଳର ଗ୍ରାଇଣ୍ଡରରେ ବ୍ରେଡ, ସୁଜି, ମଇଦା, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ପେଷି ଦିଅନ୍ତୁ। ପ୍ରସ୍ତୁତ ପେଷ୍ଟକୁ ଏକ ପାତ୍ରରେ କାଢି ସେଥିରେ କଟା ଅଦା, ଟମାଟୋ,ଜିରା,ସମିଲା ଲଙ୍କା, କଞ୍ଚା ଲଙ୍କା ଓ ଧନିଆ ପତ୍ର ମିଶାଇ ଭଲଭାବେ ଦିଅନ୍ତୁ । ଧ୍ୟାନ ରଖନ୍ତୁ ଘୋଳ ଯେପରି ବେଶୀ ପତଳା କିମ୍ବା ବେଶୀ ଗାଢା ନହୁଏ। ବର୍ତ୍ତମାନ ଏକ ନନଷ୍ଟିକ ପ୍ୟାନ ଗରମ କରି ସେଥିରେ ଟିକିଏ ତେଲ ଗରମ କରନ୍ତୁ ତାପରେ ପ୍ରସ୍ତୁତ ଘୋଳକୁ ଦେଇ ଉତ୍ତପମ ଆକାରରେ ବୁଲାଇ ଦିଅନ୍ତୁ । ଏହାର ଚାରିପଟେ ମଧ୍ୟ ତେଲ ଲଗାନ୍ତୁ । ତାପରେ ତାକୁ ଓଲଟାଇ ଅନ୍ୟ ପାଖଟି ମଧ୍ୟ ଠିକ୍ ସେହିପରି ସେକି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ବ୍ରେଡ ଉତ୍ତାପମ । ଏହାକୁ ଆପଣ କାଢି ଗରମ ଗରମ ଯେ କୌଣସି ଚଟଣୀ ସହିତ ସର୍ଭ କରନ୍ତୁ।



ଖବର

# ଭାଙ୍ଗିଲା ବିବାହ, ସ୍ୱାମୀଙ୍କୁ ଛାଡ଼ପତ୍ର ଦେବେ ଉର୍ମିଳା!



ବି-ଟାଉନରେ ଭାଙ୍ଗିଲା ଆଉ ଏକ ବିବାହ। ସ୍ୱାମୀ ଠାରୁ ଅଲଗା ହେବେ ଆଉ ଜଣେ ଅଭିନେତ୍ରୀ। ଛାଡପତ୍ର ନେବେ ବଲିଉଡର ରଙ୍ଗୀଲା ଗାର୍ଲ ଉର୍ମିଳା ମାତୋଣ୍ଡକର। ନିଜର ୮ ବର୍ଷର ବିବାହରେ ପକାଇବେ ପୂର୍ଣ୍ଣଛେଦ। ଏଭଳି କିଛି ଚର୍ଚ୍ଚା ଏବେ ଜୋର୍ ଧରିଛି।୮ ବର୍ଷର ବିବାହ ପରେ ଉର୍ମିଳା ତାଙ୍କ ସ୍ୱାମୀ ମୋହସିନ ଅଖତର ମୀରଙ୍କ ଠାରୁ ଅଲଗା ହେବାକୁ ଯାଉଛନ୍ତି। ସେ ତାଙ୍କୁ ଛାଡପତ୍ର ଦେବେୟ ଚର୍ଚ୍ଚା ହେଉଛି ଯେ ତାଙ୍କ ବ୍ୟକ୍ତିଗତ ଜୀବନରେ ଅଶାନ୍ତି ଦେଖାଦେଇଛି । ଏଥିପାଇଁ ଉର୍ମିଳା ଛାଡ଼ପତ୍ର ମାମଲା ଦାୟର କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ଏନେଇ ଅଭିନେତ୍ରୀଙ୍କ ଠାରୁ କୌଣସି ବୟାନ ସାମ୍ନାକୁ ଅସିନାହିଁ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଉର୍ମିଳା ଏବଂ ମୋହସିନ୍ ଦୀର୍ଘ ଦିନ ହେବ ଆଉ ଏକାଠି ରହୁ ନାହାଁନ୍ତି। ଏବେ ଉର୍ମିଳା ବିବାହ ବିଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଏନେଇ କୋର୍ଟରେ ଛାଡପତ୍ର ମାମଲା ଦାୟର କରିଛନ୍ତି। ତେବେ ଅଲଗା ହେବାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। କିନ୍ତୁ ଏହା ନିଶ୍ଚିତ ଭାବରେ ଦାବି କରାଯାଇଛି ଯେ ଉଭୟଙ୍କ ଛାଡପତ୍ର ପାରସ୍ପରିକ ସର୍ତ୍ତରେ ହେଉନାହିଁ। କହିବାକୁ ଗଲେ ଉର୍ମିଳା ଏବଂ ମୋହସିନ୍‌ଙ୍କ ମଧ୍ୟରେ ୧୦ ବର୍ଷର ବୟସ ପାର୍ଥକ୍ୟ ଅଛି । ଦୁହେଁ ୪ ଫେବୃଆରୀ ୨୦୧୬ ମସିହାରେ ବିବାହ କରିଥିଲେ। ଡିଜାଇନର୍ ମନୀଷ ମଲହୋତ୍ରାଙ୍କ ଯୋଗୁ ଉଭୟଙ୍କ ଦେଖାସାକ୍ଷାତ ହୋଇଥିଲା। ସେତେବେଳେ ଉର୍ମିଳାଙ୍କ ବିବାହ ବେଶ୍ ଚର୍ଚ୍ଚାରେ ଥିଲା। କାରଣ ୪୨ ବର୍ଷ ବୟସରେ ସେ ଜଣେ ବ୍ୟବସାୟୀଙ୍କୁ ବିବାହ କରିଥିଲେ। ଏପରିକି ଧର୍ମ ମଧ୍ୟ ଅଲଗା ଅଲଗା ଥିଲା।୨୦୧୪ରେ ଡିଜାଇନର୍ ମନୀଷ ମଲହୋତ୍ରାଙ୍କ ଭଣଜାଙ୍କ ବିବାହରେ ଉର୍ମିଳାଙ୍କ ସହ ତାଙ୍କର ଦେଖା ସାକ୍ଷାତ ହୋଇଥିଲେ। ଦୁହିଁଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା । ପରେ ଦୁହେଁ ପ୍ରେମରେ ପଡିଥିଲେ ।ଏହା ପରେ ଦୁହେଁ ଅମୃତସରର ସ୍ୱର୍ଣ୍ଣ ମନ୍ଦିରକୁ ଯାଇ ବିବାହ କରିଥିଲେ। ବ୍ୟବସାୟୀ ତଥା ମଡେଲ ମୋହସିନ୍ କଶ୍ମୀରର ବାସିନ୍ଦା ଅଟନ୍ତି।୨୧ ବର୍ଷ ବୟସରେ ସେ କଶ୍ମୀରୁ ମୁମ୍ବାଇ ଆସିଥିଲେ। ପ୍ରଥମେ ମେଡଲିଂ ଓ ପରେ ୨୦୦୯ରେ ଫିଲ୍ମ 'ଇଟ୍ସ ଏ ମେନ୍ସ ୱାର୍ଲ୍ଡ'ରୁ ବଲିଉଡରେ ଡେବ୍ୟୁ କରିଥିଲେ। ଏହାପରେ ତାଙ୍କୁ 'ଲକ୍ ବାଏ ଚାନ୍ସ', 'ମୁମ୍ବାଇ ମସ୍ତ କଲନ୍ଦର' ଓ 'ବିଏ ପାସ୍' ଭଳି ଫିଲ୍ମରେ ଦେଖିବାକୁ ମିଳିଥିଲା।

## ଶିବ ପୁରାଣ

ଭଗବାନ ଶଙ୍କରଙ୍କ ବିଷୟରେ ବର୍ଣ୍ଣନା ଥିବା ଅନେକ ଧର୍ମଗ୍ରନ୍ଥ ପ୍ରଚଳିତ ରହିଛି । ତେବେ ଶିବପୁରାଣକୁ ଅଧିକ ପ୍ରାମାଣିକ ବୋଲି ବିବେଚନା କରାଯାଇଥାଏ । ଏଥିରେ ଦେବ ଦେବ ମହାଦେବଙ୍କ ଅପାର ଲୀଳା ସମ୍ବନ୍ଧରେ ଚମତ୍କାରୀ ବର୍ଣ୍ଣନା ରହିଛି । ଶିବ ପୁରାଣକୁ ଶୈବ ସମ୍ପ୍ରଦାୟର ଅତି ପୂଜନୀୟ ଗ୍ରନ୍ଥ ଭାବେ ବିବେଚନା କରାଯାଇଥାଏ । ଏଥିରେ ଭଗବାନ ଶିବଙ୍କ କଲ୍ୟାଣକାରୀ ରୂପ ସମ୍ପର୍କରେ ବର୍ଣ୍ଣନା ରହିଛି । ଶିବ ପୁରାଣରେ ମୋଟ୍ ୨୪ ହଜାର ଶ୍ଳୋକ ଥିବା ବେଳେ ଏହାକୁ ୭ଟି ସଂହିତାରେ ଭାଗ ଭାଗ କରାଯାଇଛି । ଏହି ସଂହିତାଗୁଡ଼ିକ ହେଉଛି ବିଦ୍ଧେଶ୍ୱର ସଂହିତା, ରୁଦ୍ର ସଂହିତା, ଶତରୁଦ୍ର ସଂହିତା, କୋଟିରୁଦ୍ର ସଂହିତା, ଉମା ସଂହିତା, କୈଳାଶ ସଂହିତା, ବାୟବୀୟ ସଂହିତା । ଏହି ସଂହିତା ମଧ୍ୟରୁ ରୁଦ୍ର ସଂହିତାକୁ ପାଞ୍ଚ ଖଣ୍ଡରେ ବିଭକ୍ତ କରାଯାଇଥିବା ବେଳେ ବାୟବୀୟ ସଂହିତାକୁ ଦୁଇ ଖଣ୍ଡରେ ବିଭକ୍ତ କରାଯାଇଛି ।




## ତ୍ୱଚା ପାଇଁ କେତେ ଉପକାରୀ ମସୁର ଡାଲି

ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚାହେଁ। ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଅନେକ ଉପାୟ ଆପଣାଇଥାନ୍ତି। ତ୍ୱଚାର ଚମକ ବାଇବା ପାଇଁ କିଏ କସମେଟିକର ସହାୟତା ନିଅନ୍ତି ତ ଆଉ କିଏ ଘରୋଇ ଉପଚାରର। ଏଭଳି ଏକ ଘରୋଇ ଉପଚାର ହେଉଛି ମସୁର ଡାଲି। ମସୁର ଡାଲିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଉଜ୍ଜଳତା ବିବା ସହ ସୁନ୍ଦରତା ଦ୍ୱିଗୁଣ ହୋଇଯିବ। ଏଥିସହ ତ୍ୱଚା ନରମ ମଧ କରିଥାଏୟ ତେବେ ଆସନ୍ତୁ ଜାଣିବା ଏହାକୁ କିଭଳି ବ୍ୟବହାର କରିବେ..

ମସୁର ଡାଲିକୁ ବାଟି ଏଥିରେ ମହୁ ଏବଂ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ ଯାଏଁ ମୁହଁରେ ଲଗାନ୍ତୁ। ପରେ ଧୀରେ ଧୀରେ ମସାଜ କରନ୍ତୁୟ ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଆପଣ ଚାହିଁଲେ ଏଥିରେ କ୍ଷୀର ମିଶାଇ ମଧ ଲଗାଇ ପାରିବ। ସପ୍ତାହରେ ୨ ଥର ଏହି ଫେସ ପ୍ୟାକକୁ ଲଗାଇଲେ ରିଙ୍କଲ୍ସ ଦୂର ହେବା ସହ ମୁହଁର ଉଜ୍ଜଳତା ବିଥାଏୟ

ଏକ ଚାମଚ ମସୁର ଡାଲି ଗୁଣ୍ଡରେ ଦୁଇ ଚାମଚ କ୍ଷୀର ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ। ଯଦି ଆପଣଙ୍କ ବ୍ରଣ ସମସ୍ୟା ଥାଏ ତେବେ ଏଥିରେ ଏକ ଚୁଟକି ହଳଦୀ ମିଶାଇ ପାରିବ। ଏହି ମିଶ୍ରଣକୁ ମୁହଁରେ ୧୦ରୁ ୧୫ ମିନିଟ ଯାଏ ଲଗାଇ ରଖନ୍ତୁ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।

ଯଦି ମୁହଁରେ କିଛି କଳା ଦାଗ ଥାଏ ତେବେ ଏହାକୁ ଦୂର କରିବା ପାଇଁ ମସୁର ଡାଲିକୁ ବାଟି ସେଥିରେ ଦେଶୀ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏଥିରେ ଆପଣ ଚାହିଁଲେ ମହୁ ମଧ ମିଶାଇ ପାରିବୟ ଏହି ମଶ୍ରଣକୁ ମୁହଁ, ବେକ, ହାତ ଏବଂ ଗୋଡରେ ଥିବା କଳା ଦାଗ ଦୂର କରିବା ପାଇଁ ବ୍ୟବହାର କରିପାରିବେ। ଏହି ପେଷ୍ଟକୁ ନିୟମିତ ବ୍ୟବହାର କଲେ ତ୍ୱଚାରେ ଥିବା ଦାଗ ଦୂର ହେବା ସହ ମୁହଁର ସୁନ୍ଦରତା ଧୀରେ ଧୀରେ ବିବୟ ମସୁର ଡାଲିରେ ପ୍ରଚୁର ମାତ୍ରାରେ ପ୍ରୋଟିନ ରହିଛି। ଏହାକୁ ଫେସ ପ୍ୟାକ ଭଳି ବ୍ୟବହାର କଲେ ତ୍ୱଚା ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହୋଇଥାଏ। ତ୍ୱଚା ନରମ ହେବା ସହ ଚିକ୍କଣ ମଧ ହୋଇଥାଏ।



## ଭଗବାନ ବିଷ୍ଣୁ ଶେଷ ନାଗ ଉପରେ ଶୟନ କରିବା ପଛର କାରଣ



ଭଗବାନ ଶ୍ରୀହରି ବିଷ୍ଣୁ କ୍ଷୀର ସାଗରରେ ଶେଷନାଗ ବା ସର୍ପ ଉପରେ ଶୟନ କରିଥାନ୍ତି। ହିନ୍ଦୁ ଧର୍ମ ଶାସ୍ତ୍ର ଅନୁସାରେ ଶ୍ରୀବିଷ୍ଣୁ ଜଗତର ପାଳନ କର୍ତ୍ତା। ପ୍ରଭୁ ନାରାୟଣ ଉପଯୁକ୍ତ ସମୟରେ ମାନବ ଜାତିର ମାର୍ଗ ଦର୍ଶନ କରିଥାନ୍ତି। ଶାସ୍ତ୍ରରେ ଭଗବାନ ବିଷ୍ଣୁଙ୍କ ସ୍ୱରୂପକୁ ଶାନ୍ତ, ଆନନ୍ଦମୟୀ ତଥା କୋମଳ କୁହାଯାଇଥାଏ। ଭଗବାନ ବିଷ୍ଣୁ ଶେଷନାଗ ଉପରେ ଆନନ୍ଦ ମୁଦ୍ରାରେ ଶୟନ କରିଥାନ୍ତି। ଭଗବାନଙ୍କର ଏହି ସ୍ୱରୂପକୁ ଲକ୍ଷ୍ୟରେ ରଖି ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି 'ଶାନ୍ତାକାରଂ ଭୁଜଙ୍ଗଶୟନଂ' ଏହାର ଅର୍ଥ ଶାନ୍ତ ସ୍ୱରୂପ ତଥା ଭୁଜଙ୍ଗ ବା ଶେଷନାଗ ଉପରେ ଶୟନ କରୁଥିବା ଦେବତା ହେଉଛନ୍ତି ଭଗବାନ ବିଷ୍ଣୁ।

ଭଗବାନଙ୍କର ଏହି ସ୍ୱରୂପକୁ ଦେଖିଲା ପରେ ମନକୁ ପ୍ରଶ୍ନ ଆସିଥାଏ, କିପରି କାଳର ଛାୟାରେ ରହି ମଧ ଶେଷନାଗ ଉପରେ ଶୟନ କରିଛନ୍ତି ପ୍ରଭୁ । ହିନ୍ଦୁ ଧର୍ମ ଅନୁସାରେ ଶେଷନାଗ ଭଗବାନ ବିଷ୍ଣୁଙ୍କ ଶକ୍ତିର ପ୍ରତୀକ। ବାସ୍ତବରେ ମାନବ ଜୀବନର ପ୍ରତ୍ୟେକ ସମୟ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସହିତ ଜଡ଼ିତ, ଯାହା ପାରିବାରିକ, ସାମାଜିକ ଏବଂ ଆର୍ଥିକ ଦାୟିତ୍ୱ ସହିତ ଜଡ଼ିତ ରହିଛି। କିନ୍ତୁ ଏହି ସବୁ ଦାୟିତ୍ୱ ପୂରା କରିବା ସହିତ ଅନେକ ସମସ୍ୟା ମଧ ଆସିଥାଏ, ଯାହା କାଳ ରୂପୀ ନାଗ ଭଳି ହୋଇଥାଏ। କିଛି ସମୟରେ ବ୍ୟକ୍ତି ଦୁଃଖରେ ଭାଙ୍ଗି ପଡ଼ିଥିବା ସମୟରେ ଭଗବାନ ବିଷ୍ଣୁ ଶାନ୍ତ ସ୍ୱରୂପ ଧୈର୍ଯ୍ୟ ଦେବା ସହିତ ଜୀବନର ସବୁ କଷ୍ଟକୁ ଦୂର କରିବାର ପ୍ରେରଣା ଦେଇଥାଏ।

ହିନ୍ଦୁ ପୌରାଣିକ କଥା ଅନୁସାରେ ଶେଷନାଗ ନିଜର କୁଣ୍ଡଳୀରେ ସମସ୍ତ ଗ୍ରହକୁ ଧରି ରଖିଥାନ୍ତି ଏବଂ ଭଗବାନ ବିଷ୍ଣୁଙ୍କର ମନ୍ତ୍ର ଉଚ୍ଚାରଣ କରିଥାନ୍ତି। ଯଦି ଭଗବାନ ବିଷ୍ଣୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ, ଗ୍ରହ ଏବଂ ତାରାମାନଙ୍କର ପ୍ରତୀକ ଅଟନ୍ତି ତେବେ ବାସ୍ତବରେ ଏହାର ମହତ୍ୱ ସଠିକ୍। ଭଗବାନ ବିଷ୍ଣୁ ଏବଂ ଶେଷନାଗଙ୍କ ମଧ୍ୟରେ ସମ୍ବନ୍ଧ ଶାଶ୍ୱତ। ପୁରାଣରେ କୁହାଯାଇଛି, ଭଗବାନ ବିଷ୍ଣୁଙ୍କର ଅନନ୍ତଶୟନ ରୂପ ହେଉଛି ସମୟର ମାର୍ଗ ଦର୍ଶକ। ଖରାପ ଶକ୍ତିକୁ ବିନାଶ କରିବା ପାଇଁ ଭଗବାନ ବିଷ୍ଣୁଙ୍କର ପ୍ରତ୍ୟେକ ଅବତାରରେ ଶେଷନାଗ ଜଡ଼ିତ ଅଛନ୍ତି ଏବଂ ସେ ବିଶ୍ୱକୁ ପାପରୁ ରକ୍ଷା କରିଥିଲେ।

ତ୍ରେତୟା ଯୁଗରେ ଶେଷନାଗ ଲକ୍ଷ୍ମଣ ରୂପ ଏବଂ ଦ୍ୱାପର ଯୁଗରେ ବଳରାମଙ୍କ ଅବତାର ଧାରଣ କରିଥିଲେ। ଏହି ଦୁଇ ଜନ୍ମରେ ସେ ଭଗବାନ ରାମ ଏବଂ କୃଷ୍ଣଙ୍କର ସହାୟତା କରିଥିଲେ। ମହାଭାରତ ଆଦିପର୍ବ ଆସ୍ତିକ ଉପପର୍ବର ୩୬ତମ ଅଧ୍ୟାୟ ଶ୍ଲୋକରେ ଉଲ୍ଲେଖ କରାଯାଇଛି, ଭଗବାନ ବ୍ରହ୍ମା ପୃଥିବୀକୁ ନିଜ ଉପରେ ଧାରଣ କରିବା ପାଇଁ ଶେଷନାଗଙ୍କୁ କହିଥିଲେ।

## ବାପା-ମାଆଙ୍କୁ କେଉଁ ବୟସରେ ଚିହ୍ନିଥାଏ ଶିଶୁ

କୁନି ଶିଶୁଟିଏ ଘରର ସମସ୍ତଙ୍କ ଜୀବନ ହୋଇଥାଏ । ସମସ୍ତେ ସବୁ ମୁହୂର୍ତ୍ତରେ ଛୁଆ। ଉପରେ ନଜର ରଖିଥାନ୍ତି । ଖାସ୍ କରି ନୂଆ। କରି ମାତାପିତା ହୋଇଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏହି ସମୟଟି ଖୁବ୍ ଅଲଗା ହୋଇଥାଏ । କାରଣ ପ୍ରଥମ ଥର ପାଇଁ ସେମାନେ ଏଭଳି ଅନୁଭବ କରିଥା'ନ୍ତି । ତେବେ ପିଲାଟିଏ ଜନ୍ମ ହେବା ପରେ ମାତାପିତା ସିନା ଜାଣିଛନ୍ତି ଯେ ସେ ତାଙ୍କ ଛୁଆ। ବୋଲି କିନ୍ତୁ ଛୁଆ। କେତେବେଳେ ବାପା ମା'ଙ୍କୁ ଚିହ୍ନେ ! ଏହି ପ୍ରଶ୍ନ ପ୍ରାୟ ସମସ୍ତଙ୍କ ମନରେ ଉଙ୍କି ମାରୁଥିବ । ଆଜି ଆସନ୍ତୁ ଜାଣିବା ସେ ବିଷୟରେ



**ମା' ମୁହଁକୁ କେବେ ଚିହ୍ନେ:**

ଏକ ନବଜାତ ଶିଶୁ ନିଜ ମା' ପାଖରେ ସବୁଠାରୁ ଅଧିକ ସୁରକ୍ଷିତ ଅନୁଭବ କରିଥାଏ । କାରଣ ସେ ଜନ୍ମ ପୂର୍ବରୁ ମା'ର କଣ୍ଠ ସ୍ୱର ଓ ବାସ୍ନା ସହ ପରିଚିତ ଥାଏ । ଏଣୁ ଅନ୍ୟ ପରିବାର ସଦସ୍ୟଙ୍କ ତୁଳନାରେ ସେ ପ୍ରଥମେ ମା'କୁ ଚିହ୍ନିଥାଏ । ୩ ମାସର ହେଲା ପରେ ଶିଶୁଟି ଚିହ୍ନିବା ଆରମ୍ଭ କରିଥାଏ । ସେ ଭିନ୍ନ ଭିନ୍ନ ଚେହେରା ଭିତରେ ଅନ୍ତର କରିବା ଶିଖିଥାଏ।

**କେବେ ଚିହ୍ନେ ବାପାଙ୍କ ମୁହଁ:**

ବର୍ତ୍ତମାନ ପର୍ଯ୍ୟନ୍ତ ସେଭଳି କୌଣସି ରିସର୍ଚ୍ଚ ହୋଇନାହିଁ ଯେଉଁଥିରେ ପିଲା କେତେବେଳେ ବାପାଙ୍କୁ ଚିହ୍ନେ ସେ ବିଷୟରେ ଜଣାପଡ଼ିବ । କିନ୍ତୁ କୁହାଯାଏ ଯେ ପିଲା ମା' ଗର୍ଭରେ ଥିବା ଅବସ୍ଥାରୁ ହିଁ ପିତାର ସ୍ୱର ଚିହ୍ନିପାରେ । ପିଲା ଜନ୍ମ ବେଳେ ସେମାନଙ୍କ ଦୃଷ୍ଟି ଶକ୍ତି ଧୂଆଁଳିଆ। ରହିଥାଏ, ପ୍ରାୟ ୨ ସପ୍ତାହ ପରେ ସେ ମା'ବାପାଙ୍କ ମୁହଁ ଚିହ୍ନିବା ଆରମ୍ଭ କରିଥାଏ ।

**ପରିବାରର ଅନ୍ୟ ସଦସ୍ୟଙ୍କୁ କେବେ ଚିହ୍ନେ:**

ଏନେଇ କୌଣସି ଠୋସ୍ ପ୍ରମାଣ ନାହିଁ ଯେ ଶିଶୁ ପରିବାର ସଦସ୍ୟଙ୍କୁ କେବେ ଚିହ୍ନେ । ତେବେ କେତେକ ରିସର୍ଚ୍ଚ ମୁତାବକ ପିଲା ପ୍ରଥମେ ମା'କୁ ଚିହ୍ନିଥାଏ । ସେହିପରି କିଛି ମାସ ଓ କିଛି ବର୍ଷ ପରେ ଶିଶୁ ପରିବାରର ଅନ୍ୟ ସଦସ୍ୟଙ୍କୁ ଚିହ୍ନିବା ଆରମ୍ଭ କରିଥାଏ । ତେବେ କୌଣସି ସ୍ଥାନ ତୁଳନାରେ ଶିଶୁ ପ୍ରଥମେ ବ୍ୟକ୍ତିଙ୍କ ମୁହଁ ଚିହ୍ନିଥାଏୟ ସେ ସ୍ୱର, ଚେହେରା, କଥା କହିବା ଶୈଳୀ ଦେଖି ନିଜ ପରିବାର ଲୋକଙ୍କୁ ଚିହ୍ନିଥାଏ । ୩-୪ ମାସ ପର୍ଯ୍ୟନ୍ତ ଏକ ଶିଶୁ ନିଜ ମାତା ପିତାଙ୍କୁ ଚିହ୍ନିବାକୁ ଲାଗେ । ଧୀରେ ଧୀରେ ବଡ଼ ହେବା ପରେ ସେ ସମସ୍ତଙ୍କ ମୁହଁ ମନେ ରଖେ ଓ ଚିହ୍ନିଥାଏ ।

ମହାଭାରତ
# ନଗରନକ୍ସା
ମହାନଗରର ନିଜ ଭାଷା
ଗୁରୁବାର, ୨୬ ସେପ୍ଟେମ୍ବର, ୨୦୨୪


## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ତମ ଜନ୍ମ ଜୟନ୍ତୀ

**ଭୁବନେଶ୍ୱର,୨୫।୯ (ମହାଭାରତ):** ମହାନ ରାଷ୍ଟ୍ରବାଦୀ, ଜନନାୟକ, ଦାର୍ଶନିକ, ଭାରତୀୟ ଜନସଂଘର ପ୍ରତିଷ୍ଠାତା ସାଧାରଣ ସଂପାଦକ, ଆମ ଦଳର ମାର୍ଗଦର୍ଶକ ତଥା ଏକାତ୍ମ ମାନବ ଦର୍ଶନର ସ୍ରଷ୍ଟା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ ତମ ଜନ୍ମ ଜୟନ୍ତୀକୁ ଦେଶବ୍ୟାପୀ ପାଳନ କରାଯାଉଛି । ଏହି ଅବସରରେ ଆଜି ପାର୍ଟୀ ତରଫରୁ ରାଜ୍ୟର ପ୍ରତ୍ୟେକ ବୁଥରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ତାଙ୍କ ଜୀବନ ଓ ଯୋଗଦାନ ବିଷୟରେ ସ୍ମୃତିଚାରଣ କରାଯାଇଛି । ପାର୍ଟୀର ସାଂଗଠନିକ ମହାପର୍ବ – ୨୦୨୪ କୁ ଗୁରୁତ୍ୱ ଦିଆଯାଇ ଏହି ଅବସରରେ ସଦସ୍ୟତା ଅଭିଯାନକୁ ଗତିଶୀଳ କରାଯାଇଛି । ଏଥି ସହ ପ୍ରତ୍ୟେକ ବୁଥସ୍ତରରେ 'ମାଁ ପାଇଁ ଗଛଟିଏ ଅଭିଯାନ' ଅନ୍ତର୍ଗତ ବୃକ୍ଷରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବୁଥରୁ ଆରମ୍ଭ କରି ରାଜ୍ୟସ୍ତରର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ନିଜ ନିଜ ଅଂଚଳରେ ଉପସ୍ଥିତ ରହି ସଦସ୍ୟତା ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଅନୁଷ୍ଠିତ ଦୀନଦୟାଲ ଜୟନ୍ତୀ ପାଳନ ଉତ୍ସବରେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ ।



'ଏକାତ୍ମ ମାନବ ଦର୍ଶନ' ହେଉଛି ଆମର ମୂଳ ଆଧାର ଏବଂ 'ଅନ୍ତ୍ୟୋଦୟ' ହେଉଛି ସଂକଳ୍ପ । କ୍ଷମତା କେବଳ ଏକ ମାତ୍ର ଲକ୍ଷ୍ୟ ନୁହେଁ, ଜନସେବା ହେଉଛି ମୂଳ ଲକ୍ଷ୍ୟ । ରାଜ୍ୟରେ ବର୍ତ୍ତମାନ ବିଜେପିର ଡବଲ ଇଂଜିନ ସରକାର । ସଶକ୍ତ ଓ ସ୍ୱାବଲମ୍ବୀ ଓଡିଶା ଗଠନ କରିବା ଆମର ପ୍ରାଥମିକତା । ଓଡିଶାବାସୀଙ୍କ ବିପୁଳ ସମର୍ଥନ କାରଣରୁ 'ବିକଶିତ ଓଡିଶାର ମୂଳଦୁଆ' ପଡିସାରିଛି । ୨୦୩୬ ସୁଦ୍ଧା ଓଡିଶା ବିକଶିତ ହେବ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଓଡିଶା ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀ କହିଛନ୍ତି । ଏହି ଅବସରରେ ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ୫୪ ଓ ୫୫ନଂ ବୁଥ ବାସିନ୍ଦାଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସଦସ୍ୟତା ଗ୍ରହଣ କରାଇଥିଲେ । ଏଥି ସହ ବିଧାୟକ ବାବୁ ସିଂଙ୍କ ସମେତ ପାର୍ଟୀର ଅନେକ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ ଦେଇଥିଲେ ।

ସ୍ୱଦେଶୀ ଭାବନା ଓ ଭାରତୀୟ ସଂସ୍କୃତି ଆଧାରିତ ରାଷ୍ଟ୍ରଚିନ୍ତନକୁ ଦୃଢ ଓ ତଥ୍ୟ ପୂର୍ଣ୍ଣ ଅର୍ଥରେ ପରିପ୍ରକାଶ କରି ଏହାର ମହାନତାକୁ ସାବ୍ୟସ୍ତ କରିବା ହେଲା ଏକାତ୍ମ ମାନବବାଦର ମୂଳ ଲକ୍ଷ୍ୟ । ଭାରତୀୟ ଜନସଂଘ ଦଳର ନୀତି ଓ ସିଦ୍ଧାନ୍ତ ଉପସ୍ଥାପନା କରିବାକୁ ଯାଇ ଦୀନଦୟାଲଜୀ ଏକାତ୍ମ ମାନବବାଦ ଦର୍ଶନ ପ୍ରସ୍ତୁତ କରିଥିଲେ । ୧୯୮୫ ମସିହାରେ ଭାରତୀୟ ଜନତା ପାର୍ଟି ନିଜର ବୈଚାରିକ ସିଦ୍ଧାନ୍ତ ଭାବରେ ଗ୍ରହଣ କରି ଏହାକୁ ପଂଚନିଷ୍ଠାରେ ସ୍ଥାନିତ କରିଛି । ପରବର୍ତୀ ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ଏବଂ ବର୍ତମାନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହି ମହାନ ଦର୍ଶନକୁ ଆଧାର କରି ଦେଶ ତଥା ଦେଶବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି । ସମାଜର ସବୁଠୁ ତଳସ୍ତରରେ ବାସ କରୁଥିବା ଲୋକଙ୍କ ପାଖରେ ସମସ୍ତ ସରକାରୀ ବ୍ୟବସ୍ଥା ପହଂଚାଇବା ହେଉଛି ମୂଳ ଉଦ୍ଦେଶ୍ୟ । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀଙ୍କ ଅନ୍ତ୍ୟୋଦୟ ଯୋଜନାର ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବାର ପ୍ରୟାସ ଜାରୀ ରଖିଛନ୍ତି ପ୍ରଧାନମନ୍ତ୍ରୀ ମୋଦିଜୀ । ସମାଜର ଅନ୍ତିମ ସୋପାନରେ ଥିବା ଲୋକଙ୍କ କଲ୍ୟାଣ ଓ ବିକାଶ ପାଇଁ ରାଜ୍ୟରେ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବିଧାୟକ ବାବୁ ସିଂ କହିଛନ୍ତି ।

## ରାଜ୍ୟ ସରକାରଙ୍କ ପାଇଁ ଭୟ ଓ ଆଶଙ୍କାରେ ଆଦିବାସୀ : ନିରଞ୍ଜନ ବିଶି

**ଭୁବନେଶ୍ୱର,୨୫।୯ (ମହାଭାରତ):** ବିଜେଡି ସାଂସଦ ନିରଂଜନ ବିଶି ରାଜ୍ୟ ସରକାରଙ୍କୁ ନିଶାନା ସାଧି କହିଛନ୍ତି ଯେ, ଏବେର ସରକାର ପାଇଁ ଭୟ ଓ ଆଶଙ୍କାରେ ଆଦିବାସୀ ସେ କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କ ସମୟରେ ଆଦିବାସୀ ବିକାଶ ହୋଇଛି । ହେଲେ ଏବେର ସରକାର ଯୋଗୁଁ ଭୟ ଓ ଆଶଙ୍କାରେ ଆଦିବାସୀ । ନବୀନ ଯୋଜନା ବନ୍ଦ କରାଯାଇଛି. ତେଣୁ ବିକାଶ ଏବେ ସ୍ୱପ୍ନ. ସବୁ ଜିଲ୍ଲାରେ ଆଦିବାସୀ ଆନ୍ଦୋଳନ କରୁଛନ୍ତି ଜଙ୍ଗଲ ଜମି ଆଇନ ପାଇଁ. ଜମି ପଟା ଚାଷ ଜମିରେ ଦେବା କଥା. ହେଲେ ସରକାର ଶୁଣୁ ନାହାନ୍ତି. ୮ ଲକ୍ଷ ଆଦିବାସୀ ପଶ୍ଚିମ ଓଡ଼ିଶାରେ ଅଛନ୍ତି. ଯେଉଁ ମାନେ କେନ୍ଦୁ ପତ୍ର ତୋଳାଳୀ. ହେଲେ ୧୮ % ଜିଏସଟି ପ୍ରତ୍ୟାହାର କରୁନି କେନ୍ଦ୍ର. ଏସଡିସି ଜରିଆରେ ଅନୁଦାନ ଦେଇ କଳା ସଂସ୍କୃତି ବିକାଶ କରୁଥିଲେ. ହେଲେ ଏବେର ସରକାର ବନ୍ଦ କରି ଦେଇଛି ଅନୁଦାନ. ଆଦିବାସୀ ବିକାଶ ଚାହୁଁ ନାହାନ୍ତି ସରକାର. ତେଣୁ ଅନୁଦାନ ଦେଉ ନାହାନ୍ତି. ନବୀନ କରିଥିଲେ ଲାଭ ନାଁରେ ଏକ ଯୋଜନା. ତାକୁ ବନ୍ଦ କରି ଦେଲେ. ୧୩୫ ବର୍ଗ ଏବେ ବି ଆଦିବାସୀ ମାନ୍ୟତା ଅପେକ୍ଷାରେ ଅଛନ୍ତି. କନିଷ୍ଠ ଶିକ୍ଷକ ନିଯୁକ୍ତିରେ ସଂରକ୍ଷଣରେ ବଲାଙ୍ଗୀର ଜିଲ୍ଲା ରେ ୧୩୩୪ ପଦରୁ ୩୦୦ ସ୍ଥାନରେ ୨୦୨ ଦେଇଛନ୍ତି. ବାକି ୯୨ ଆଦିବାସୀଙ୍କୁ ଦେଇ ନାହାନ୍ତି. ଜିଲ୍ଲାପାଳ କହିଲେ, ବାକି ୯୨ ରେ ଯୋଗ୍ୟ ଆଦିବାସୀ ପ୍ରାର୍ଥୀ ନାହାନ୍ତି. ଯେଉଁଠି ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ, ଦେଶର ରାଷ୍ଟ୍ରପତି ଆଦିବାସୀ ମହିଳା, ସେଠି ଓଡ଼ିଶାରେ କେମିତି ଯୋଗ୍ୟ ଆଦିବାସୀ ନାହାନ୍ତି ? କି ଆଶ୍ଚର୍ଯ୍ୟ କଥା. ଏହା ଆଦିବାସୀ ବିରୋଧୀ ସରକାର ବୋଲି ବିଜେପି ପ୍ରମାଣ କରି ଦେଲା. ଆଟ୍ରୋସିଟି ଆଇନ ପରିବର୍ତନ ହେବାରୁ ଆଦିବାସୀ ଆନ୍ଦୋଳନ କରିଥିଲେ. ଏବେ କ୍ରିମି ଲେୟାର କରି ଦେଲେ. ଯାହା ପାଇଁ ଆଦିବାସୀ ଆଉ ଚାକିରୀ ପାଇବେ ନାହିଁ. କାରଣ ଏ ଯାଏଁ ତ ଆଦିବାସୀ ଜନଗଣନା ହୋଇନି. ତେବେ ଆଦିବାସୀ କିଏ କେମିତି ଜଣା ପଡିବ. ପେସା ଆଇନ ଲାଗୁ ହେଲାନି. ୧୦୦ ଦିନରେ କେବଳ ରଙ୍ଗ ବଦଳା ଯାଇଛି. ଏସଟି ଷ୍ଟାଇପେଣ୍ଡ ବି ବନ୍ଦ. ଏ ଯାଏଁ ପଢ଼ିବା ଉପକରଣ ବି ମିଳିଲାନି. କୋଶଲ, ଭୂମିଜ, ସୌରା, ହୋ, ମୁଣ୍ଡାରି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରୁନି କେନ୍ଦ୍ର. ଆଦିବାସୀ ପ୍ରତି ଅବହେଳା, ପାତରଅନ୍ତର ଓ ଅସ୍ମିତା ନଷ୍ଟ କରିବାକୁ ସରକାର ଯୋଜନା କରୁଛନ୍ତି. ଆଟ୍ରୋସିଟି ଆଇନ ହଟିବ କି, ଏପରି ଭୟରେ ଆଦିବାସୀ ଅଛନ୍ତି. ନବୀନଙ୍କ ବିକାଶ ଯୋଜନାକୁ କାର୍ଯ୍ୟକାରୀ କରନ୍ତୁ ସରକାର. ତା ହେଲେ ଯାଇ ସାମଗ୍ରିକ ବିକାଶ ହେବ. ତେଣୁ ନବୀନ ରାସ୍ତା ଭଲ ରାସ୍ତା. ଏହି ଭଲ ରାସ୍ତାରେ ଯାଆନ୍ତୁ. ନ ହେଲେ ରାଜ୍ୟବାସୀ ଜବାବ ଦେବେ. ମାଗଣା ବିଜୁଳି ଦେଲେନି, ଭତା ବୃଦ୍ଧି ଠିକା ସେ ହେଲାନି, ସୁଭଦ୍ରା ଟଙ୍କା ଠିକ ଭାବେ ମିଳିନି. ଆଉ ଠକନ୍ତୁ ନାହିଁ ସରକାର. ଆଦିବାସୀଙ୍କୁ ଅଧିକାର ଦିଅନ୍ତୁ ବୋଲି ଦାବି କରିଛନ୍ତି ନିରଞ୍ଜନ ବିଶି ।

### ଦେବଗଡରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ସମୀକ୍ଷା

## ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସ୍ଥାୟୀ ଜମିପଟ୍ଟା ଯୋଗାଇବାକୁ ନିର୍ଦ୍ଦେଶ




**ଭୁବନେଶ୍ୱର,୨୫।୯ (ମହାଭାରତ):** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦେବଗଡ଼ ଗସ୍ତରେ ଯାଇ ବିଭାଗ ପକ୍ଷରୁ ପରିଚାଳିତ ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାରେ ବିଶେଷ କରି ଜମିଜମାର ହାଇଟେକ୍ ସର୍ଭେ ପରବର୍ତ୍ତୀ ଉପୁଜିଥିବା ସମସ୍ୟା, ବସୁନ୍ଧରା ଯୋଜନାର ସର୍ଭେ କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରି ଘରଡିହ ନଥିବା ପ୍ରତ୍ୟେକ ପରିବାରଠାରୁ ଦରଖାସ୍ତ ଗ୍ରହଣ କରି ଘରଡ଼ିହ ପଟ୍ଟା ଯୋଗାଇଦେବା, ରେଙ୍ଗାଲି ପ୍ରକଳ୍ପ ଦ୍ୱାରା ବାସଚ୍ୟୁତ ଲୋକମାନଙ୍କର ତଥ୍ୟ ସଂଗ୍ରହ କରି କ୍ଷତିପୂରଣ ଓ ଜମିପଟ୍ଟା ଯୋଗାଇଦେବା, ବିମଳାଗଡ଼ ରେଲୱେ ଲାଇନ୍ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା, ଜିଲ୍ଲାର ସମସ୍ତ ତହସିଲରେ ଖାଲି ପଡ଼ିଥିବା ପଦବୀ ପୂରଣ ସଂପର୍କରେ ଆଲୋଚନା ହୋଇଥିଲା। ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସ୍ଥାୟୀ ଜମିପଟ୍ଟା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଥିଲେ। କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ବିଶିଷ୍ଟ ସମାଜସେବୀ ତଥା ସର୍ବଜନପ୍ରିୟ ବ୍ୟକ୍ତିତ୍ୱ ସ୍ୱର୍ଗତ ଭାଗବତ ନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ମନ୍ତ୍ରୀ ଶ୍ରୀ ପୂଜାରୀ ଉପସ୍ଥିତ ନେତୃବୃନ୍ଦ ଓ ଜନସାଧାରଣଙ୍କ ସହ ଦେବଗଡ଼ର ସାମୂହିକ ଉନ୍ନତି ନେଇ ଆଲୋଚନା କରିଥିଲେ।

## ଭୁବନେଶ୍ୱରରେ 'ସେହତ କି ସମୃଦ୍ଧି' ଅଭିଯାନ

**ଭୁବନେଶ୍ୱର,୨୫।୯ (ମହାଭାରତ):** ଭାରତର ଅଗ୍ରଣୀ ପ୍ରିମିୟମ, ହାଇ ପରଫର୍ମାନ୍ସ ଇଞ୍ଜିନ ଏବଂ ଇଣ୍ଡଷ୍ଟ୍ରିଆଲ ଲୁବ୍ରିକେଟ୍ ନିର୍ମାତା ମୋଟୁଲ ସେହତ କି ସମୃଦ୍ଧି ଏହାର ସିଏସଆର କାର୍ଯ୍ୟକ୍ରମ 'ମୋଟୁଲ ସେହତ କି ସମୃଦ୍ଧି'ର ଶୁଭାରମ୍ଭ କରିଛି ଅଟୋ ମେକାନିକ୍, ସେମାନଙ୍କ ଉପରେ ନିର୍ଭରଶୀଳ ଏବଂ ଅନ୍ୟାନ୍ୟ ସମୁଦାୟ ସଦସ୍ୟଙ୍କ ପ୍ରାଥମିକ ସ୍ୱାସ୍ଥ୍ୟସେବା ସୁବିଧା ବୃଦ୍ଧି କରିବା ଉଦ୍ଦେଶ୍ୟରେ ସେପ୍ଟେମ୍ବର ୨୪, ୨୦୨୪ରେ ଭୁବନେଶ୍ୱରରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା, ଯେଉଁଥିରେ ତିନୋଟି ଫଲୋଅପ୍ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଭାରତର ୨୦ଟି ସହରରେ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟରୁ ଏହା ହେଉଛି ପ୍ରଥମ । ସ୍ମାଇଲ ଫାଉଣ୍ଡେସନ ସହଯୋଗରେ ମୋଟୁଲ ଇଣ୍ଡିଆ ର ନେତୃତ୍ୱରେ ଏହି ଅଭିଯାନ ଜୁନ୍ ୨୦୨୪ରୁ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ପଞ୍ଜାବ, ରାଜସ୍ଥାନ, ଉତରପ୍ରଦେଶ, ଆସାମ, ଓଡ଼ିଶା, ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ର ପ୍ରମୁଖ ଅଂଚଳକୁ ଅନ୍ତର୍ଭୁକ୍ତ କରାଯିବ। ମୋଟୁଲ ଇଣ୍ଡିଆ ଆଣ୍ଡ ସାଉଥ ଏସିଆର ସିଇଓ ନଗେନ୍ଦ୍ର ପାଇ କହିଛନ୍ତି, "ସେହତ କି ସମୃଦ୍ଧି ଜରିଆରେ ସାରା ଦେଶରେ ଅଟୋ ମେକାନିକ ଏବଂ ସେମାନଙ୍କ ପରିବାରର ମଙ୍ଗଳ କୁ ପୋଷଣ କରିବା ଆମର ଲକ୍ଷ୍ୟ । ଆମେ ସ୍ୱାସ୍ଥ୍ୟସେବା ଉପଲବ୍ଧତା ବିଷୟରେ ସେମାନଙ୍କ ଜୀବନରେ ଏକ ଉଲ୍ଲେଖନୀୟ ପ୍ରଭାବ ସୃଷ୍ଟି କରିବାକୁ ଚାହୁଁଛୁ । ସ୍ମାଇଲ୍ ଫାଉଣ୍ଡେସନ୍ ସହିତ ମିଶି ପ୍ରଭାବଶାଳୀ ସାମାଜିକ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସେମାନଙ୍କର ଦକ୍ଷତା ସହିତ, ଆମେ ଅଟୋ

### ଅର୍ଥନୈତିକ ପରାମର୍ଶଦାତା ପରିଷଦ ରିପୋର୍ଟରେ ଓଡ଼ିଶାର ପ୍ରଗତିକୁ ପ୍ରଶଂସା

## ନବୀନଙ୍କ ଦୂରଦର୍ଶୀ ନେତୃତ୍ୱ ପାଇଁ ଓଡ଼ିଶା ସଫଳ : ବିଜେଡ଼ି

**ଭୁବନେଶ୍ୱର,୨୫।୯ (ମହାଭାରତ):** ନିକଟରେ ପ୍ରକାଶିତ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ରିପୋର୍ଟରେ ଦିଆଯାଇଥିବା ବିବରଣୀକୁ ଦର୍ଶାଇ, ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଜାତୀୟ ମୁଖପାତ୍ର ସଂତୃପ୍ତ ମିଶ୍ର କହିଛନ୍ତି ଗତ ଦୁଇ ଦଶନ୍ଧିରେ ଓଡିଶା ଅର୍ଥନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି, ଯାହା ପ୍ରତ୍ୟେକ ଓଡ଼ିଆ ପାଇଁ ଗର୍ବର ବିଷୟ। ଏହି ରିପୋର୍ଟ ବିଜୁ ଜନତା ଦଳ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ନୁହେଁ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଓ ଏଥିରେ ଓଡ଼ିଶାର ଦୁଇ ଦଶନ୍ଧିର ସଫଳତାକୁ ଭୂରି ଭୂରି ପ୍ରଶଂସା କରାଯାଇଛି। ନବୀନ ପଟ୍ଟନାୟକଙ୍କ ଚବିଶ ବର୍ଷର ଶାସନ କାଳରେ ରାଜ୍ୟରେ କୌଣସି ଆଖିଦୃଶିଆ ବିକାଶ ହୋଇନାହିଁ ବୋଲି ବିଜେପି ତରଫରୁ ଲଗାତର ଭାବେ କରାଯାଉଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ଶ୍ରୀ ମିଶ୍ର କହିଥିଲେ। ଶ୍ରୀ ମିଶ୍ର କହିଥିଲେ, ମୁଣ୍ଡ ପିଛା ଆୟ ବୃଦ୍ଧି କ୍ଷେତ୍ରରେ, ବିଗତ ଦୁଇ ଦଶନ୍ଧିରେ ଭାରତର ସମସ୍ତ ରାଜ୍ୟମାନଙ୍କ ତୁଳନାରେ ଓଡିଶାର ଅଭିବୃଦ୍ଧି ହାର ସର୍ବାଧିକ। ଏହି ଅଭିବୃଦ୍ଧି ଓଡିଶା ସରକାରଙ୍କ ପାରଦର୍ଶୀ ନୀତି ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ରିପୋର୍ଟରେ କୁହାଯାଇଛି। ରାଜ୍ୟର ଆପେକ୍ଷିକ ମୁଣ୍ଡ ପିଛା ଆୟ ଯାହା ୨୦୦୦ ମସିହାରେ ୫୫% ଥିଲା, ତାହା ୨୦୨୪ ବେଳକୁ ୮୮%କୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ଦେଶର ଜିଡିପିକୁ ବଡ଼ ବଡ଼ ରାଜ୍ୟମାନଙ୍କ ଅବଦାନ କମିଥିବା ବେଳେ ଓଡ଼ିଶାର ଅବଦାନ ଲଗାତାର ବୃଦ୍ଧି ପାଇଛି। ଶ୍ରୀ ମିଶ୍ର ଆହୁରି କହିଥିଲେ, ୨୦୦୦ ମସିହାରେ ନବୀନ ବାବୁ ରାଜ୍ୟ ଶାସନ ଦାୟିତ୍ୱ ନେବା ସମୟରେ ଓଡ଼ିଶାର ଆର୍ଥିକ ସ୍ଥିତି ଦେବାଳିଆ ସ୍ଥିତିରେ ଥିଲା। ସେହି ସମୟରେ ରିଜର୍ଭ ବ୍ୟାଙ୍କ ପାଖରେ ଓଡ଼ିଶାର ପ୍ରାୟ ୧୪୪ କୋଟି ଟଙ୍କାର ଓଭର ଡ୍ରାଫ୍ଟ ଥିଲା। ରିଜର୍ଭ ବ୍ୟାଙ୍କ ଏହି ଓଭର ଡ୍ରାଫ୍ଟକୁ ଆଉ ଅଧିକ କରିବା ପାଇଁ ଅନୁମତି ଦେଇନଥିଲେ, ଯାହା ଫଳରେ ରାଜ୍ୟ ସରକାରଙ୍କ ନିକଟରେ କାର୍ଯ୍ୟରତ ପ୍ରାୟ ଛଅ ଲକ୍ଷ କର୍ମଚାରୀ ଓ ପେନସନ ଧାରୀଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ କରିବାରେ ବିଳମ୍ବ ହେଉଥିଲା। କେନ୍ଦ୍ର ସରକାରଙ୍କ ରିପୋର୍ଟରୁ ସ୍ପଷ୍ଟ ଯେ, ଗତ ଦୁଇ ଦଶନ୍ଧିରେ ଓଡିଶା ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ସୁଦୃଢ଼ ରଖି ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟରେ ଅନୁକୂଳ ବାତାବରଣର ଆବଶ୍ୟକତା ରହିଛି।

## ଯୁବ ଉଦ୍ୟୋଗୀଙ୍କ ପ୍ରୟୋଗଶାଳା ସାଜିବ ଉତ୍କଳ ବିଶ୍ୱବିଦ୍ୟାଳୟ

### ଉତ୍ତର ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ସହିତ ଉତ୍କଳ ବିଶ୍ୱବିଦ୍ୟାଳୟ ବୁଝାମଣା ସ୍ୱାକ୍ଷର

**ଭୁବନେଶ୍ୱର,୨୫।୯ (ମହାଭାରତ):** ଛାତ୍ର ଅବସ୍ଥାରୁ ଉଦ୍ୟୋଗୀ ବନିବେ। ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବେ। ଦକ୍ଷ, କର୍ମଠ ଓ କୁଶଳୀ ଉଦ୍ୟୋଗୀ ସୃଷ୍ଟି ପାଇଁ ନୂତନ ଶିକ୍ଷାନୀତି-୨୦୨୪ରେ ଯେଉଁ ସମ୍ଭାବନା ସୃଷ୍ଟି ହୋଇଛି, ସେ କ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇଛି ଉତ୍କଳ ବିଶ୍ୱବିଦ୍ୟାଳୟ।




ଆଜି ବୋଷ୍ଟନ ସ୍ଥିତ ଉତ୍ତର ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ସହିତ ଉତ୍କଳ ବିଶ୍ୱବିଦ୍ୟାଳୟ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଯାହା ଛାତ୍ରଦ୍ୟୋଗୀ ସୃଷ୍ଟି ହେବା ନିମନ୍ତେ ପ୍ରୋତ୍ସାହିତ କରିବ ବୋଲି ବିଶ୍ୱବିଦ୍ୟାଳୟ ଭିସି ପ୍ରଫେସର ସବିତା ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ନୂତନ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୩୦୦୦ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯିବ। ଏହା ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଏହାର ସୁବିଧା ପାଇପାରିବେ। ଏପରିକି ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ମଧ୍ୟ ଏହାର ଲାଭ ଉଠାଇ ପାରିବେ। ପ୍ରତି ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୦ଜଣ ଛାତ୍ରଛାତ୍ରୀଙ୍କୁ ଅଧିକ ଜ୍ଞାନ ଆହରଣ ପାଇଁ ଶୈକ୍ଷିକ ଗସ୍ତ (ଷ୍ଟଡି ଟୁର)ରେ ପଠାଯିବାକୁ ବ୍ୟବସ୍ଥା ରହିଛି। ଏହାଦ୍ୱାରା ସେମାନେ ବିଭିନ୍ନ ନୂତନ ଜ୍ଞାନକୌଶଳ ଓ ଅଭିଜ୍ଞତା ହାସଲ କରିପାରିବେ।

ଏ ସମ୍ପର୍କରେ ସୂଚନା ଦେଇ ପ୍ରଫେସର ଆଚାର୍ଯ୍ୟ କହିଛନ୍ତି, ନୂତନ ଶିକ୍ଷାନୀତି ଆଧାରରେ ବ୍ୟାବସାୟିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ଏହାଦ୍ୱାରା ଛାତ୍ରାବସ୍ଥାରୁ ପିଲାମାନେ ଦକ୍ଷତା ହାସଲ କରିପାରିବେ। ଏହା ସେମାନଙ୍କୁ ଭବିଷ୍ୟତରେ ଉଦ୍ୟୋଗୀ ହେବାରେ ସହାୟକ ହେବ। ତେଣୁ ବିଶ୍ୱବିଦ୍ୟାଳୟ ଏ ଦିଗରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉତ୍ସ ଭାବେ କାର୍ଯ୍ୟ କରିବାକୁ ଯାଉଥିବା ସେ କହିଛନ୍ତି। କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଉଚ୍ଚତର ଅଭିଯାନ (ରୁଷା) ୨.୦ ପାଣ୍ଠିରୁ ଏଥିନିମନ୍ତେ ଖର୍ଚ୍ଚ କରାଯିବ।

## ବେଦାନ୍ତ ଆଇରନ୍ ଓର୍ ଓଡିଶା ପକ୍ଷରୁ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ ସ୍କୁଲ୍ ବସ୍ ପ୍ରୟାସ

**ଭୁବନେଶ୍ୱର,୨୫।୯ (ମହାଭାରତ):** ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ ତଥା ସ୍ଥାନୀୟ ଗୋଷ୍ଠୀଙ୍କର ଦ୍ୱାର ଦେଶରେ ସୁବିଧା ପହଂଚାଇବା ଉଦ୍ଦେଶ୍ୟରେ ବେଦାନ୍ତ ସେସା ଗୋଆ ଆଇରନ୍ ଓର୍ ଓଡିଶା (ଆଇଓଓ) ପକ୍ଷରୁ ରେଙ୍ଗାଲବେଡା ଏବଂ ନାଡିଡିହିର ପାରିପାର୍ଶ୍ୱିକ ଗ୍ରାମରୁ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସ୍କୁଲ ବସ୍ ସେର୍ଭ ଶୁଭାରମ୍ଭ କରାଯାଇଛି। ଏହି ପଦକ୍ଷେପ ସ୍ଥାନୀୟ ଅଂଚଳର ସ୍କୁଲ ପିଲାମାନଙ୍କ ପାଇଁ ନିରାପଦ ଏବଂ ନିର୍ଭରଯୋଗ୍ୟ ପରିବହନ ସେବାକୁ ମଧ୍ୟ ସୁନିଶ୍ଚିତ କରିବ। ୩୨ ସିଟର ସ୍କୁଲ ବସ୍, ବ୍ଲକ ଡେଭଲପମେଂଟ ଅଫିସର (ବିଡିଓ) ଏବଂ କାସିରାର ସରପଂଚଙ୍କୁ ହସ୍ତାନ୍ତର କରାଯାଇ ତିନୋଟି ବିଦ୍ୟାଳୟକୁ ଛାତ୍ରଛାତ୍ରୀ ପରିବହନ ପାଇଁ ଯୋଗାଇ ଦିଆଯିବ। ବସ୍ ସେବାର ଶୁଭାରମ୍ଭ ସହିତ ବେଦାନ୍ତ ଆଇଓଓ ଛାତ୍ରଛାତ୍ରୀ ସମ୍ମୁଖୀନ ହେଉଥିବା ପରିବହନ ଆହ୍ୱାନର ସମାଧାନ କରିଛି। ବିଦ୍ୟାଳୟକୁ ଚାଲିଚାଲି ଦୀର୍ଘ ଦୂରତା ଅତିକ୍ରମ କରି ପିଲାମାନଙ୍କର ହେଉଥିବ ।ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଏହା ଦ୍ୱାରା ହୋଇ ପାରିବ। ଏହା ସହିତ ସ୍କୁଲ ଉପସ୍ଥାନରେ ମଧ୍ୟ ବୃଦ୍ଧି ଘଟିବ। ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ନିରାପଦ ଏବଂ ଠିକ୍ ସମୟରେ ପହଂଚିପାରିବେ। ଏହି ଉଦ୍‌ଘାଟନୀ ଉତ୍ସବରେ କୋଇଡା ବ୍ଲକର ବିଡିଓ ଶ୍ରୀମତୀ ରଶ୍ମୀ ରେଖା ପାତ୍ର, ପଂଚାୟତ ସଦସ୍ୟ, ସ୍ଥାନୀୟ ଗୋଷ୍ଠୀର ସଦସ୍ୟ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଶ୍ୱନାଥ ସାହୋ (ସିଓଓ – ଆଇଓଓ), କାମିଲୋ ଫର୍ଣ୍ଣାଣ୍ଡିସ (ହେଡ୍ ଅଫ୍ ଲଜିଷ୍ଟିକ୍), ସମ୍ବିତ ନାୟକ (ହେଡ୍ ସିଏସ୍ଆର୍ ଏବଂ ଇଆର),ବିକିଲ (ହେଡ୍ ଏଚଏସଇ), ଉଦୟ ବର୍ମା (ହେଡ୍ ଅଫ୍ ସିକ୍ୟୁରିଟି)ଙ୍କ ସମେତ ପ୍ରମୁଖ ଆଇଓଓ କର୍ମକର୍ତା ମଧ୍ୟ ଉପସ୍ଥିତ ଥିଲେ। ଏହି ପ୍ରୟାସ ଉପରେ ମନ୍ତବ୍ୟ ଦେଇ ବେଦାନ୍ତ ଆଇରନ୍ ଓର୍ ଓଡ଼ିଶାର ସିଓଓ ବିଶ୍ୱନାଥ ସାହୁ କହିଲେ, ଏହି ସ୍କୁଲ ବସ୍ ସେବା କେବଳ ପରିବହନର ମାଧ୍ୟମ ନୁହେଁ, ଏହା ଆମେ ସେବା କରୁଥିବା ଗୋଷ୍ଠୀର ସାମଗ୍ରିକ ବିକାଶ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିପାଦିତ କରୁଛି।

## ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଦୁଇ ଶିକ୍ଷକ ସମ୍ବର୍ଦ୍ଧିତ



**ଭୁବନେଶ୍ୱର,୨୫।୯ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଓଡିଶାର ଦୁଇ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କୃତୀ ଶିକ୍ଷକ ଡ. ଦ୍ୱିତି ଚନ୍ଦ୍ର ସାହୁ ଏବଂ ସନ୍ତୋଷ କୁମାର କରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ସମ୍ବର୍ଦ୍ଧନା ଅବସରରେ ସେମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୪ ଜାତୀୟ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଓଡିଶାରୁ ଏହି ଦୁଇ ଜଣ କୃତୀ ଶିକ୍ଷକ ସ୍ଥାନ ପାଇବା ଆମ ପାଇଁ ଗର୍ବର ବିଷୟ। ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର ଅଭିନବ ଶିକ୍ଷା ପଦ୍ଧତିର ପ୍ରୟୋଗରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ବିଜ୍ଞାନ ଶିକ୍ଷାକୁ ସହଜ ଉପାୟରେ ପିଲାମାନଙ୍କୁ ବୁଝାଇ ଜଣେ ସୁନାମଧନ୍ୟ ଓ ଆଦର୍ଶ ଶିକ୍ଷକ ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ସେହିଭଳି କଳା ଶିକ୍ଷକ ଡ. ଦ୍ୱିତି ଚନ୍ଦ୍ର ସାହୁ ଆମୋଦପୂର୍ଣ୍ଣ ଶିକ୍ଷାଦାନ ସହିତ ଶିକ୍ଷାରେ ଜନ ଜାତି ସଂସ୍କୃତି ଓ କଳାକୁ ପ୍ରଦର୍ଶିତ କରିବା ଏକ ପ୍ରଶଂସନୀୟ କାର୍ଯ୍ୟ। ଉଭୟଙ୍କର ଏହି ଉଚ୍ଚ ଆଦର୍ଶ ଓ ଉଦ୍ୟମ ବଳରେ ସେମାନେ ଆଜି ଜାତୀୟ ସ୍ତରରେ ପ୍ରଶଂସନୀୟ ହୋଇଛନ୍ତି।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ନାଗରିକ ଭାବେ ଗଢି ତୋଳିବା ହେଉଛି ଆମ ଶିକ୍ଷକ ସମାଜର ଦାୟିତ୍ୱ। ସନ୍ତୋଷ କୁମାର କର ଏବଂ ଦ୍ୱିତି ଚନ୍ଦ୍ର ସାହୁ ହେଉଛନ୍ତି ଶିକ୍ଷା ଦାନ କ୍ଷେତ୍ରରେ କାମ କରୁଥିବା ସମସ୍ତଙ୍କ ପାଇଁ ପ୍ରେରଣା। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁ ପଦ ସେଠୀ କାର୍ଯ୍ୟକ୍ରମରେ କୃତୀ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।

## ଏଆଇଏସଇସିଟିର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୫।୯ (ମହାଭାରତ):** ସଂକଳ୍ପ ଓ ସଫଳତାର ଏକ ହୃଦୟସ୍ପର୍ଶୀ କାହାଣୀରେ ଏନଏସଡିସି ଏବଂ ଏଏମ/ଏନଏସ ଇଣ୍ଡିଆ (ଆର୍ସେଲର ମିତଲ ନିପନ ଷ୍ଟିଲ ଇଣ୍ଡିଆ)ର ମିଳିତ ସହଯୋଗରେ ଘରୋଇ ଡାଟା ଏଂଟ୍ରି ଅପରେଟର ପାଠ୍ୟକ୍ରମର ଚାକିରି ଭୂମିକାରେ ଆଇଏସଇସିଟିର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନେକ ଆଶାୟୀ ବ୍ୟକ୍ତିଙ୍କ ପାଇଁ ଆଶାର କିରଣ ପାଲଟିଛି । ମାତ୍ର ୨୩ ବର୍ଷ ବୟସରେ କରିସ୍ମା ଏକ କଠିନ ବାସ୍ତବତାର ସମ୍ମୁଖୀନ ହୋଇଥିଲେ। ଓଡ଼ିଶାର କେନ୍ଦ୍ରାପଡ଼ାର ଏକ ଦୁର୍ଗମ ଗାଁ ଖରିନାସୀର ବାସିନ୍ଦା ସେ ଏକ ସାମାନ୍ୟ ପରିବାରରେ ବଡ଼ ହୋଇଛନ୍ତି ଯେଉଁଠାରେ ତାଙ୍କ ବାପା ଜଣେ କୃଷକ ଭାବରେ କାମ କରୁଥିଲେ ଏବଂ ତାଙ୍କ ମା' ଘର ଚଳାଉଥିଲେ । ପଦାର୍ଥ ବିଜ୍ଞାନରେ ସ୍ନାତକ ଶେଷ କରିବା ସତ୍ତ୍ୱେ କରିସ୍ମା ଏପରି ଏକ ଚାକିରି ପାଇବା ପାଇଁ ସଂଘର୍ଷ କରୁଥିଲେ ଯାହା କେବଳ ତାଙ୍କ ପରିବାରକୁ ଆର୍ଥିକ ସହାୟତା କରିବ ନାହିଁ ବରଂ ତାଙ୍କ ଶିକ୍ଷାଗତ ଯୋଗ୍ୟତା ସହିତ ମଧ୍ୟ ମେଳ ଖାଇବ। ୧୮ ଡିସେମ୍ବର ୨୦୨୩ ରୁ ୩୦ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ଚାଲିଥିବା ଏହି ପାଠ୍ୟକ୍ରମରେ ଡାଟା ମ୍ୟାନେଜମେଂଟ, ଆଇଟି ଆପ୍ଲିକେସନ ଏବଂ ଯୋଗାଯୋଗ ଦକ୍ଷତା ଉପରେ ବ୍ୟାପକ ପ୍ରଶିକ୍ଷଣ ଦିଆଯାଇଥିଲା । ଏହା କେବଳ ଏକ ଧାରାବାହିକ ଶିକ୍ଷା ଠାରୁ ଅଧିକ ଥିଲା; ଏହା ଥିଲା ଆତ୍ମ-ଆବିଷ୍କାର ଏବଂ ସଶକ୍ତୀକରଣର ଏକ ଯାତ୍ରା ।

## ବିଜେବି ଫ୍ରେଣ୍ଡ୍ସ ପକ୍ଷରୁ ଗାନ୍ଧୀଙ୍କ ଉପରେ ରଚନା, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା

**ଭୁବନେଶ୍ୱର,୨୫।୯ (ମହାଭାରତ):** ଯୁବପିଢ଼ି ମାନଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତା ପହଞ୍ଚାଇବା ଉଦ୍ଦେଶ୍ୟରେ ବିଜେବି କଲେଜ ପୂର୍ବତନ ଛାତ୍ରଛାତ୍ରୀ ସଂଘ ବିଜେବି ଫ୍ରେଣ୍ଡ୍ସ ଆନୁକୁଲ୍ୟରେ ବିଜେବି କଲେଜରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଦୁଇ ଦିନ ଧରି ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ରଚନା, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ କଲେଜରୁ ୨୦୦ ଛାତ୍ର ଛାତ୍ରୀ ଯୋଗଦେଇଥିଲେ।

ରଚନା ବିଭାଗରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ର ଦୁର୍ଗା ପ୍ରସାଦ ସାହୁ ପ୍ରଥମ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଆଶିଷ ପ୍ରତୀକ୍ ବିଶ୍ୱାଳ ଦ୍ୱିତୀୟ, ବିଜେବି ମହାବିଦ୍ୟାଳୟର ଛାତ୍ରୀ କରିସ୍ମା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଇଂରାଜୀ ରଚନା ବିଭାଗରେ ରମାଦେବୀ ବିଶ୍ୱବିଦ୍ୟାଳୟର ଅନାମିକା ମହାନ୍ତି ପ୍ରଥମ, ପ୍ରାଣନାଥ ମହାବିଦ୍ୟାଳୟର ଅନିନ୍ଦିତା ରଣସିଂହ ଦ୍ୱିତୀୟ ଓ ବିଜେବି ମହାବିଦ୍ୟାଳୟର ଅନନ୍ଦିତା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଓଡିଆ ବକ୍ତୃତା ପ୍ରତିଯୋଗିତାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରଞ୍ଜିତ ସାହୁ ଓ କେଶରୀ ପ୍ରସାଦ ମହାନ୍ତି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବିଜେବି ମହାବିଦ୍ୟାଳୟର ବିଶ୍ୱଜିତ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ରେଭେନ୍ସା ବିଶ୍ୱଦ୍ୟାଳୟର ଶାସ୍ୱତୀ ସୌମ୍ୟା ସ୍ୱାଇଁ ଓ ବିଜେବି ମହାବିଦ୍ୟାଳୟର ତପସ୍ୱିନୀ ଦାସ ଯୁଗ୍ମ ପ୍ରଥମ, ବିଜେବି ମହାବିଦ୍ୟାଳୟର ତମନ୍ନା ଭୋଇ ଓ ସଂସ୍କୃତି ମହାପାତ୍ର ଯୁଗ୍ମ ଦ୍ୱିତୀୟ , ରେଭେନ୍ସା ବିଶ୍ୱବିଦ୍ୟାଳୟର ଅମନ ବେଉରିଆ ଓ ରମାଦେବୀ ବିଶ୍ୱବିଦ୍ୟାଳୟର ଚୟନୀକା ରାଉତ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୁଇଜ୍ ପ୍ରତିଯୋଗୀତାରେ କିଟ୍ ବିଶ୍ୱବିଦ୍ୟାଳୟର ଅନୁରାଗ ସାମନ୍ତରାୟ ଓ ଆଶିଷ ମହାପାତ୍ର ପ୍ରଥମ, ବିଜେବି ମହାବିଦ୍ୟାଳୟର ସୌଭାଗ୍ୟ ଶୁଭଙ୍କର ପ୍ରଧାନ ଓ ତପସ୍ୱିନୀ ଦାସ ଦ୍ୱିତୀୟ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଶାଶ୍ୱତୀ ସୌମ୍ୟା ସ୍ୱାଇଁ ଓ ଶୁଭଶ୍ରୀ ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଆସନ୍ତା ଅକ୍ଟୋବର ୨ ତାରିଖ ଦିନ ଗାନ୍ଧୀ ଜୟନ୍ତୀ ଅବସରରେ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଛାତ୍ରଛାତ୍ରୀ ମାନଙ୍କୁ ଯଥାକ୍ରମେ ଦଶହଜାର, ସାତହଜାର ଓ ପାଞ୍ଚ ହଜାର ନଗଦ ଅର୍ଥ, ଟ୍ରଫି ସହ ମାନପତ୍ର ପ୍ରଦାନ କରାଯିବ।

## "ଫାବ ଗ୍ରାବ ଫେଷ୍ଟ" ପୁଣି ଫେରିଛି

**ଭୁବନେଶ୍ୱର,୨୫।୯ (ମହାଭାରତ):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ପୂର୍ବରୁ ଦେଖାଯାଇନଥିବା ଏହାର ସବୁଠାରୁ ବଡ଼ ଉତ୍ସବ ମୁଖରିତ "ଫାବ ଗ୍ରାବ ଫେଷ୍ଟ"ର ଘୋଷଣା କରିଛି ଯେଉଁଥିରେ ରହିଛି ଗାଲାକ୍ସି ସ୍ମାର୍ଟଫୋନ, ଟାବଲେଟ, ଲାପଟପ, ଉପକରଣ, ପିନ୍ଧିବା ଯୋଗ୍ୟ, ସ୍ମାର୍ଟ ଟେଲିଭିଜନ, ଡ଼ିଜିଟାଲ ଉପକରଣ ତଥା ସ୍ମାର୍ଟ ମନିଟର ଉପରେ ଆକର୍ଷଣୀୟ ଅଂଶଗ୍ରହଣକାରୀତା ତଥା ଲୋଭନୀୟ କ୍ୟାସବ୍ୟାକ ରିହାତି ଯାହା ସେପ୍ଟେମ୍ବର ୨୬, ୨୦୨୪ରୁ ଆରମ୍ଭ ହେଉଛି। ଏହି ପୂର୍ବରୁ କେବେ ଦେଖାଯାଇନଥିବା ରିହାତି ଗୁଡ଼ିକ ସାମସଙ୍ଗଡଟକମ, ସାମସଙ୍ଗ ସପ ଆପ ତଥା ରହିଥିବା ସାମସଙ୍ଗର ଅନନ୍ୟ ଷ୍ଟୋର ଗୁଡ଼ିକରେ ଉପଲବ୍ଧ ହେବ। ଉତ୍ସବ ମୁଖରିତ ଏହି ଆକର୍ଷଣୀୟ ବିକ୍ରୟଟି ହେଉଛି ଅଧିକ କ୍ରୟ ଉପରେ ଅଧିକ ସଂଚୟ ଯେଉଁଠାରେ ଗ୍ରାହକମାନେ ଦୁଇଟିରୁ ଅଧିକ ସାମଗ୍ରୀ କ୍ରୟ କରିବା ସମୟରେ ଅତିରିକ୍ତ ଭାବରେ ୨ ପ୍ରତିଶତର ରିହାତି ପାଇପାରିବେ। ଏହି ରିହାତି କେତେ ଗୁଡ଼ିଏ ବଛା ବଛା ସାମଗ୍ରୀ ଉପରେ ରହିଛି ଯଥା– ଗାଲାକ୍ସି ସ୍ମାର୍ଟଫୋନ, ପିନ୍ଧିବା ଯୋଗ୍ୟ, ସ୍ମାର୍ଟ ଟେଲିଭିଜନ ତଥା ଡ଼ିଜିଟାଲ ଉପକରଣ ଯାହାକି ସାମସଙ୍ଗଡଟକମ ଏବଂ ସାମସଙ୍ଗ ସପ ଆପ ମାଧ୍ୟମରେ କ୍ରୟ କରିବା ସମୟରେ ଉପଲବ୍ଧ ହୋଇଥାଏ।

## ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ

ଆର୍ଥିକ ଦୃଷ୍ଟିରୁ ମଧ୍ୟ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ। ଆସାମ ଓ ତ୍ରିପୁରାକୁ ବାଦ ଦେଲେ ବାକି ଅନ୍ୟ ରାଜ୍ୟ ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା। ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା। ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ। ଧିରେ ଧିରେ ଆଲୋଚନା ମାଧ୍ୟମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି। ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି। ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି। କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି। କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି। ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି। ରାଜ୍ୟରେ ବୀରେନ ସିଂହଙ୍କ ନେତୃତ୍ୱାଧିନ ସରକାର ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ରାଜ୍ୟରେ ୫୦ ହଜାର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଯବାନ ମୁତୟନ ଥିଲେ ମଧ୍ୟ ସେମାନେ ସ୍ଥିତି ନିୟନ୍ତ୍ରଣ କରିବାରେ ସଫଳ ହୋଇ ପାରୁନାହାଁନ୍ତି। ଗତ ୪ ଦିନ ଭିତରେ ରାଜ୍ୟରେ କୁକି ଏବଂ ମୈତେଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ତଥା ଉଗ୍ରବାଦୀଙ୍କ ରକେଟ ମାଡ଼ରେ ୭ଜଣ ପ୍ରାଣ ହରାଇଛନ୍ତି। ଅନେକ ଆହତ ହୋଇଛନ୍ତି। ମଣିପୁର ରାଇଫଲସ ବାରାକ ଉପରେ ଚଢ଼ାଉ କରି କେତେକ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଲୁଟ କରିବାକୁ ଉଦ୍ୟମ କରିଛନ୍ତି। ସେମାନଙ୍କ ଆକ୍ରମଣରେ ଦୁଇ ଜଣ ଯବାନ ଗୁରୁତର ଆହତ ହୋଇଛନ୍ତି। ଉଗ୍ରବାଦୀଙ୍କ ରକେଟ ମାଡ଼ରେ ଜଣେ ପ୍ରାଣ ହରାଇଥିବା ବେଳେ ୭ଜଣ ଆହତ ହୋଇଛନ୍ତି। ସୁରକ୍ଷା ବାହିନୀ ଉଗ୍ରବାଦୀଙ୍କ ଦ୍ୱାରା ବ୍ୟବହୃତ ୩ଟି ସୁଡ଼ଙ୍ଗକୁ ନଷ୍ଟ କରିଛନ୍ତି। ପ୍ରଥମ ଥର ପାଇଁ ଉଗ୍ରବାଦୀମାନେ ଆକ୍ରମଣରେ ଡ୍ରୋନ ବ୍ୟବହାର କରିଛନ୍ତି। ତେଣୁ ସୁରକ୍ଷା ବାହିନୀ ପକ୍ଷରୁ ଏହାର ମୁକାବିଲା ନିମନ୍ତେ ଆକାଶ ମାର୍ଗରୁ ବାୟୁସେନା ହେଲିକପ୍ଟର ମାଧ୍ୟମରେ ପାଟ୍ରୋଲିଂ କରାଯାଉଛି। ଆଣ୍ଟିଡ୍ରୋନ ସିଷ୍ଟମ ବ୍ୟବହାର କରାଯାଉଛି। ଏଥିରୁ ପରିସ୍ଥିତି କେତେ ସଙ୍ଗୀନ ତାହା ସହଜରେ ଅନୁମେୟ। ଉଗ୍ରବାଦୀମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ରକେଟ ଏବଂ ଡ୍ରୋନ ସବୁ ବିଦେଶରୁ ଆସୁଛି ଏବଂ ଏଥିରୁ ଅଧିକାଂଶ ହେଉଛି ଚୀନ ନିର୍ମିତ। ତେଣୁ ହିଂସା ଓ ଅଶାନ୍ତି ପଛରେ କାହାର ହାତ ରହିଛି ତାହା ସହଜରେ ଅନୁମେୟ। ଏହାକୁ ବିଦେଶୀ ଷଡ଼ଯନ୍ତ୍ରର ପ୍ରତିଫଳନ। ମଣିପୁର ପରିସ୍ଥିତି ଏବେ କାଶ୍ମୀରକୁ ବଳିଗଲାଣି।

# କିମ୍ବଦନ୍ତୀ ଓ କାହାଣୀର ମହାନାୟକ

॥ ସୁମନ୍ତ କୁମାର ଭୂୟାଁ ॥

> ୧୯୨୬ର କଥା। ମହାତ୍ମା ଗାନ୍ଧୀ କଟକ ଆସିଥାଆନ୍ତି। ବାଳକ ବିଜୁଙ୍କ ଇଛା ଗାନ୍ଧିଜୀଙ୍କୁ ଭେଟିବେ। ହେଲେ ପୁଲିସ୍ ଛାଡୁ ନଥାଏ। ଡେଙ୍ଗା-ପତଳା ବିଜୁ ଭିଡ ଠେଲି ମାଡ଼ିଚାଲିଲେ ଆଗକୁ ଗୋରା ପୁଲିସ୍‌ଙ୍କ ଲାଠିକୁ ଖାତର ନକରି। ଉପସ୍ଥିତ ପୁଲିସ ବାବୁ ରାଗିଯାଇ ଲାଠିରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଲେ। ମୁଣ୍ଡରୁ ବୋହିଗଲା ଝର ଝର ଲହୁ। ହେଲେ ଭୟ ନକରି ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଗଲେ ବିଜୁ। ଗାନ୍ଧୀ ମହାତ୍ମା ପୁଲିସ ବାବୁଙ୍କୁ ଭର୍ତ୍ସନା କରିବା ସହ ବିଜୁଙ୍କ ମୁଣ୍ଡରୁ ରକ୍ତ ପୋଛି ଆଶୀର୍ବାଦ ଦେଇଥିଲେ। ପ୍ରଥମ ମହାଯୁଦ୍ଧ ପରବର୍ତ୍ତୀ ସମୟର ଘଟନା।

ବିଜୁଦା, ବିଜୁ ପଟ୍ଟନାୟକ ଓ ବିଜୁ ବାବୁ ଏହିପରି କିଛି ନାମରେ ପରିଚିତ ଥିଲେ ଅନେକ କିମ୍ବଦନ୍ତୀ କାହାଣୀର ସ୍ରଷ୍ଟା ମହାନାୟକ ପ୍ରଖ୍ୟାତ ସ୍ୱାମୀମାନି ରାଜନେତା ବିଜୁବାବୁ। ସେ ଥିଲେ ଏପରି ଜଣେ ଚରିତ୍ର ଯିଏକି ଭୂମିରୁ ଭୂମା ପର୍ଯ୍ୟନ୍ତ ଥିଲା ତାଙ୍କ ବ୍ୟକ୍ତିତ୍ୱ। କେବଳ ଓଡ଼ିଶାର ଘରେ ଘରେ ନୁହେଁ ବା ଭାରତର ରାଜନୀତି କ୍ଷେତ୍ରରେ ନୁହେଁ ବିଶ୍ୱ ଇତିହାସରେ ବିଜୁ ବାବୁ ଜଣେ ଏପରି ନାମ ଯାହାଙ୍କ ଉପରେ ଏବେ ବି ଚର୍ଚ୍ଚା, ଆଲୋଚନା, ବିଶ୍ଳେଷଣ ଓ ଗବେଷଣା ଚାଲୁ ରହିଛି। ସେ ଥିଲେ ଜଣେ ବିନ୍ଦାସ ଓ ଖୋଲାମେଲା ଚରିତ୍ରର ଅଭୁତପୂର୍ବ ବ୍ୟକ୍ତିତ୍ୱ। ପିଲାଦିନରୁ ଦୃଢ଼ ସାହାସୀ, ଖୋଲା ଖର୍ଚ୍ଚୀ, ରୋକଠୋକ କଥା ଯାହାକି ତାଙ୍କ ତମାମ ଜୀବନକୁ ସଫଳତା ଦେଇଛି ଆଉ ବିଫଳତାର କାହାଣୀ ବି ଲେଖିଛି। ଅଜଣା ମୂଳକର ଜଣେ ମାମୁଲି ଆଦିବାସୀ ମହିଳାଙ୍କୁ ସେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ଦେବା ହେଉ ବା କେନ୍ଦ୍ର ରାଜ୍ୟର ସମ୍ପର୍କ ସ୍ୱାଭିମାନରେ ମୁଁ ପାହାଡ଼ ବିକି ଦେଇ ରାଜ୍ୟ ଚଳେଇ ନେବି ପରି ବିତର୍କିତ ମନ୍ତବ୍ୟ ହେଉ ବା ଓଡ଼ିଆ ଟୋକା ସବୁବେଳେ ଖାଣ୍ଟି ଓଡ଼ିଆ ହୁଅ ରୋକଠୋକ ଜବାବ ଦେଇ ସେ ପାଲଟିଥିଲେ ଜଣେ ନିର୍ଭିକ ବ୍ୟକ୍ତିତ୍ୱ।

ଆଜିକାର ରାଜନେତାମାନେ ରାଜନୀତି ପାଇଁ କୋଠି କରୁଛନ୍ତି କିନ୍ତୁ ସେ ରାଜନୀତି ପାଇଁ ନିଜ କୋଠା ବିକ୍ରି କରିଦେଇଥିଲେ। ଯେତେବେଳେ ଯିଏ ବି ତାଙ୍କୁ ହାତ ପାତିଛି ପକେଟରୁ ପଇସା କାଢ଼ି ସବୁ ଅର୍ଥ ତା ହାତକୁ ଦେଇଛନ୍ତି। ଏକ ମଞ୍ଚରେ ଜଣେ ଉଦଭ୍ରାନ୍ତ ଯୁବକ ସର୍ବ ସମ୍ମୁଖରେ ଚାପୁଡ଼ା ମାରିଥିଲେ କିନ୍ତୁ ସେ ତାଙ୍କୁ ଦଣ୍ଡିତ ନକରି ଇଏ ବିଜୁକୁ ହାତ ଉଠାଇଛି ମାନେ ତାକୁ ପୁରସ୍କାର ଦେଇଥିଲେ ଏଭଳି ରାଜନେତା ଆଉ କ'ଣ ମିଳିବେ? ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କୁ ବିରୋଧ କରିବା ପାଇଁ ଯାଇଥିବା ଚାଷୀଙ୍କୁ ରାସ୍ତା ଉପରେ ଡାକି ଆଲୋଚନା କରି ସମାଧାନ କରିଥିଲେ ସେମାନଙ୍କର ଦୁଃଖ। ଏହି ଲେଖକ ଛାତ୍ର ରାଜନୀତି କରୁଥିବାବେଳେ ବିଜୁ ବାବୁଙ୍କ ଘନିଷ୍ଠତାର କିଛି ମୁହୂର୍ତ୍ତ ପାଇଥିଲେ। ଯାହାଙ୍କ ନାମରେ ଗଠିତ ବିଜୁ ଜନତା ଦଳ ଆଜି ଭାରତୀୟ ରାଜନୀତିରେ ଏକ ପ୍ରଭାବୀ ଓ ଦୃଢ଼ ନେତୃତ୍ୱପୂର୍ଣ୍ଣ ଆଞ୍ଚଳିକ ଦଳ ଭାବେ ମୁଣ୍ଡ ଟେକିଛି ଯାହା ଆଗରେ ଜାତୀୟ ଦଳମାନେ ଏକ ପ୍ରକାର ମୁଣ୍ଡ ନୋଇଁବାକୁ ବାଧ ହୋଇଛନ୍ତି। ଇଏ ଥିଲେ ସେହି ବିଜୁ ଯିଏ କି ତାଙ୍କ ସମୟରେ ଓ ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀଙ୍କୁ ହାତଯୋଡ଼ି ସମ୍ମାନ ଜଣାନ୍ତି ନାହିଁ। ବେସାଲିସ, ରୋକଠୋକ କଥା କୁହନ୍ତି। ସେ ସ୍ୱର୍ଗତ ଜ୍ୟୋତିବସୁ ହୁଅନ୍ତୁ ବା ଦେବଗୌଡ଼ା, ଭି.ପି.ସିଂହ ହୁଅନ୍ତୁ ବା ଲାଲୁପ୍ରସାଦ ଯାଦବ, ବାଜପେୟୀ ହୁଅନ୍ତୁ ବା ଆଡ଼ଭାନୀ, ସୁରଜିତ ସିଂହ ବର୍ଣ୍ଣାଲ ହୁଅନ୍ତୁ ବା ନମ୍ବୁଦି ପଦ ସମସ୍ତଙ୍କ ସହ ସେ ବେଶ ଖୋଲା ସମ୍ପର୍କ ରଖିଥିଲେ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଥିଲେ ସାହସୀ, ସ୍ୱାଭିମାନୀ, ଯୁଗସ୍ରଷ୍ଟା ଓ ଦୂରଦ୍ରଷ୍ଟା। ଓଡ଼ିଆ ଜାତି ତଥା ଓଡ଼ିଶାର ଉତ୍‌ଥାନ ପାଇଁ ଆଜୀବନ ଉଦ୍ୟମ କରିଥିବା ମହାନ ନେତାଙ୍କ ମଧ୍ୟରେ ସେ ଅନ୍ୟତମ। ଶୈଶବରୁ ସେ ଥିଲେ ଦୁଃସାହସୀ। ତାଙ୍କର ଦୁଃସାହସ ସଂପର୍କିତ କେତୋଟି ଘଟନା ସଂକ୍ଷେପରେ ଜାଣିବା ହେଉ। ଥରେ ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ପ୍ରବଳ ବନ୍ୟା ଆସିଲା। ବନ୍ୟା ଆସିଲେ ଉତ୍କଳ ମଣି ଗୋପବନ୍ଧୁ ବିପନ୍ନଙ୍କୁ ସହାୟତା ଯୋଗାଇବା ପାଇଁ ଡଙ୍ଗାରେ ଚୁଡ଼ା, ଚାଉଳ ଓ ଅନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ନେଇ ବାହାରିପଡ଼ନ୍ତି। ଥରେ ସେ ବରୀ ଅଞ୍ଚଳକୁ ବାହାରିଲେ। ସଙ୍ଗରେ ଥିଲେ ବାର ବର୍ଷ ବୟସ୍କ ବିଜୁଙ୍କ ସହ ଆଉ କିଛି ଛାତ୍ର। ଉଚ୍ଛୁଳା ନଦୀ, ମଝିରେ ମଝିରେ ଜୋରରେ ପବନ ବୋହୁଥାଏ। ଖରାରୁ ରକ୍ଷା ପାଇବା ପାଇଁ ଗୋପବନ୍ଧୁ ଛତା ଧରି ବସିଥାନ୍ତି ଡଙ୍ଗାର ମଙ୍ଗରେ। ହଠାତ୍ ପବନ ମାଡ଼ରେ ତାଙ୍କ ହାତରୁ ଛତାଟି ଖସିଯାଇ ପଡ଼ିଲା ପାଣିରେ ଏବଂ ଭାସି ଚାଲିଲା ସୁଅରେ। ତାହା ଦେଖି, କେହି କିଛି ବୁଝିବା ପୂର୍ବରୁ ଭରା ନଦୀ ଗର୍ଭକୁ ଲମ୍ଫ ଦେଇଥିଲେ ବିଜୁ। କିଛି ସମୟ ପରେ ଛତା ଧରି ଫେରିଥିଲେ ଡଙ୍ଗାକୁ। ତାଙ୍କ ଦୁଃସାହାସ ଦେଖି ସେ ଦିନ ଚମତ୍କୃତ ହୋଇଥିଲେ ଗୋପବନ୍ଧୁ ଏବଂ ଦିନେ ଓଡ଼ିଆ ଜାତିର ଟେକ ରଖିବୁ କହି ଆଶୀର୍ବାଦ କରିଥିଲେ।

୧୯୨୬ର କଥା। ମହାତ୍ମା ଗାନ୍ଧୀ କଟକ ଆସିଥାଆନ୍ତି। ବାଳକ ବିଜୁଙ୍କ ଇଛା ଗାନ୍ଧିଜୀଙ୍କୁ ଭେଟିବେ। ହେଲେ ପୁଲିସ୍ ଛାଡୁ ନଥାଏ। ଡେଙ୍ଗା-ପତଳା ବିଜୁ ଭିଡ ଠେଲି ମାଡ଼ିଚାଲିଲେ ଆଗକୁ ଗୋରା ପୁଲିସ୍‌ଙ୍କ ଲାଠିକୁ ଖାତର ନକରି। ଉପସ୍ଥିତ ପୁଲିସ ବାବୁ ରାଗିଯାଇ ଲାଠିରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଲେ। ମୁଣ୍ଡରୁ ବୋହିଗଲା ଝର ଝର ଲହୁ। ହେଲେ ଭୟ ନକରି ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଗଲେ ବିଜୁ। ଗାନ୍ଧୀ ମହାତ୍ମା ପୁଲିସ ବାବୁଙ୍କୁ ଭର୍ତ୍ସନା କରିବା ସହ ବିଜୁଙ୍କ ମୁଣ୍ଡରୁ ରକ୍ତ ପୋଛି ଆଶୀର୍ବାଦ ଦେଇଥିଲେ। ପ୍ରଥମ ମହାଯୁଦ୍ଧ ପରବର୍ତ୍ତୀ ସମୟର ଘଟନା। ବାଲିଯାତ୍ରା ପଡ଼ିଆରେ ପ୍ରଥମଥର ପାଇଁ ବିମାନଟିଏ ଅବତରଣ କରିଥାଏ। ବିମାନ ଦେଖିବା ଲାଗି ନାହିଁ ନଥିବା ଭିଡ। ବିଜୁଙ୍କ ଇଛା ପାଖରୁ ଦେଖିବେ। ପୁଲିସ୍‌କୁ ନମାନି, ବାଡ଼ ଭାଙ୍ଗି ବିମାନ ନିକଟରେ ପହଞ୍ଚି ପାରିଥିଲେ।

ପରିଣାମ ସ୍ୱରୂପ ପିଠିରେ ପଡ଼ିଥିଲା ଲାଠି ପାହାର। ସେହି ଦିନ ପ୍ରତିଜ୍ଞା କରିଥିଲେ ବୈମାନିକ ହେବେ ହୋଇଥିଲେ ମଧ। ଏମିତି ସେମିତି ବୈମାନିକ ନୁହେଁ ବହୁତ କିଛି କରିବାର ସାମର୍ଥ୍ୟ ରଖିଥିବା ବୈମାନିକ। ପଣ୍ଡିତ ନେହେରୁଙ୍କ ନିର୍ଦ୍ଦେଶରେ ଇଣ୍ଡୋନେସିଆରୁ ସେଠାକାର ପ୍ରଧାନମନ୍ତ୍ରୀ ସହରିର୍‌ଙ୍କୁ ଡଚ୍ ବାହିନୀ କବଳରୁ ଖସାଇ ବିମାନରେ ନେଇ ଆସିଥିଲେ ନୂଆଦିଲ୍ଲୀ। ସହଯୋଗୀ ଭାବେ ସଙ୍ଗରେ ଯାଇଥିଲେ ପତ୍ନୀ ଜ୍ଞାନ ଦେବୀ। ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଅବଦାନ ପାଇଁ ତାଙ୍କୁ ସେଠାକାର ସର୍ବୋଚ୍ଚ ଉପାଧି ଭୂମିପୁତ୍ରରେ ସମ୍ମାନିତ କରାଯାଇଥିଲା।

୧୯୪୬ରୁ ବିଜୁବାବୁଙ୍କ ରାଜନୈତିକ ଜୀବନର ଯାତ୍ରା ଯେମିତି ଆରମ୍ଭ ହୋଇଥିଲା। ସେଣ୍ଟ୍ରାଲ କଟକସଦର ଆସନରୁ କଂଗ୍ରେସ ପ୍ରାର୍ଥୀଭାବେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୫୨ ପର୍ଯ୍ୟନ୍ତ ଏହାର ସଦସ୍ୟ ଥିଲେ। ପରେ ୧୯୫୨ରେ ଜଗନ୍ନାଥପ୍ରସାଦ ଆସନରୁ, ୧୯୫୭ ରେ ସୋରଡା ଆସନରୁ ଓ ୧୯୬୧ରେ ଚୌଦ୍ୱାର ଆସନରୁ କ୍ରମାଗତ ଭାବେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ୧୯୭୧ରେ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ଉପନିର୍ବାଚନରେ ରାଜନଗର ଆସନରୁ ବିଜୟୀ ହୋଇଥିବା ବେଳେ ୧୯୭୪ରେ ସେହି ଆସନରୁ ପୁଣି ବିଧାନସଭାକୁ ଆସିଥିଲେ। କଟକରୁ ଗଞ୍ଜାମ ଓ ଗଞ୍ଜାମରୁ ପୁଣି କଟକ ହୋଇ କେନ୍ଦ୍ରାପଡ଼ା, ରାଜନୈତିକ ସଫଳତାର ଯାତ୍ରା ରଖିଥିବା ବିଜୁବାବୁ ୧୯୮୦ରେ ଚରଣ ସିଂଙ୍କ ନେତୃତ୍ୱାଧୀନ ଜନତା ପ୍ରାର୍ଥୀ ଭାବେ କେନ୍ଦ୍ରାପଡ଼ାର ପାଟକୁରା ଆସନରୁ ବିଜୟୀ ହୋଇଥିଲେ। ପରେ ୧୯୮୫, ୧୯୯୦ ଓ ୧୯୯୫ରେ କ୍ରମାଗତ ଭାବେ ତିନିଥର ଜନତା ଦଳର ପ୍ରାର୍ଥୀ ଭାବେ ଭୁବନେଶ୍ୱର ଆସନରୁ ବିଧାନସଭାକୁ ଆସିଥିଲେ। ଏହାରି ଭିତରେ ତାଙ୍କର ସଂସଦ ଅଭିଯାନ ମଧ ଚାଲିଥିଲା।

କେନ୍ଦ୍ରରେ ମନ୍ତ୍ରୀ ହେବା ସହିତ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୭୭ରେ ବିଜୁବାବୁ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ବିଜୟୀ ହୋଇଥିବା ବେଳେ ୧୯୮୦ ଓ ୧୯୮୪ରେ ସେହି କେନ୍ଦ୍ରାପଡ଼ା ଆସନରୁ ଲୋକସଭାକୁ ବିଜୟୀ ହୋଇଥିଲେ। ୧୯୯୬ରେ ଉଭୟ ଆସିକା ଓ କଟକ ଲୋକସଭା ଆସନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ କଟକ ଆସନଟି ଛାଡ଼ି ଦେଇଥିଲେ। ୧୯୪୬ରୁ ୧୯୯୭ ଯାଏଁ ରାଜନୈତିକ ଯାତ୍ରାରେ ବିଜୁବାବୁଙ୍କୁ ଯେତିକି ସଫଳତା ମିଳିଥିଲା ସେତିକି ବିଫଳତା ମଧ୍ୟ ମିଳିଥିଲା। ୧୯୬୧ ମସିହା ଜୁନ୍ ୨୩ ତାରିଖରୁ ୧୯୬୩ ମସିହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେ ପ୍ରଥମ ଦଫାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦ୍ୱିତୀୟବାର କ୍ଷମତାକୁ ଆସିବା ପାଇଁ ତାଙ୍କୁ ଦୀର୍ଘବର୍ଷ ଲାଗିଯାଇଥିଲା।

୧୯୯୦ରେ ସେ ପୁଣି ମୁଖ୍ୟମନ୍ତ୍ରୀ ପଦ ଫେରି ପାଇଥିଲେ। କେନ୍ଦ୍ରରେ ସେ ମନ୍ତ୍ରୀ ହୋଇଥିଲେ ସତ କିନ୍ତୁ ଯେତେବେଳେ ଭାରତର ବର୍ଷର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ଆସିଲା ସେତେବେଳେ ସେ ସେଥିରୁ ବଞ୍ଚିତ ହୋଇଥିଲେ। ହୋଇପାରେ ବିଧିର ବିଡ଼ମ୍ବନା ଥିଲା। ସେ ପ୍ରଧାନମନ୍ତ୍ରୀ ତିଆରି କରିଥିଲେ। ମାତ୍ର ନିଜେ ପ୍ରଧାନମନ୍ତ୍ରୀ ହୋଇପାରିନଥିଲେ। ୧୯୧୬ ମାର୍ଚ୍ଚ ୫ ତାରିଖରେ ସେ ଜନ୍ମ ହୋଇଥିଲେ।


ସାଇ ଭବନ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦


# ଦାରାଧିନ ସ୍ତଥା ସ୍ୱର୍ଗଃ...

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ନାରୀଙ୍କୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀଙ୍କୁ ତାଙ୍କ ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି। ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ। ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଈ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି।

ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ପୋଞ୍ଚପତ୍ନୀକଃ।।' ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜ ପ୍ରତି ଗୁରୁବାଣୀ ପ୍ରଦାନ କରି କହିଛନ୍ତି 'ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃ ଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ। ମଣିଷର ଆଦି ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ ହେଉଛି ମାଆ।' ଏହା ନିଃସନ୍ଦେହ ମନ ଭିତରେ ମାତୃଭାବ ଜାଗରିତ ହେଲେ ମଣିଷର କୁପ୍ରବୃତ୍ତି ଅବଦମିତ ହୁଏ। ପ୍ରାଚୀନ ଇତିହାସର ତଥ୍ୟରୁ ଜଣାଯାଏ ମାଆ ଜଗତ୍‌ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା। ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା' ବ୍ୟତୀତ ଆଉ କିଛି ବି ଭାବିପାରି ନଥିଲା। ପରମ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆମ ସମୟରେ ମାତୃ ଜାତିଙ୍କୁ ସମ୍ଭାଷଣ ପ୍ରଦାନରେ କହିଛନ୍ତି - 'ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା - ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ - ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦ ଗଦ କଣ୍ଠରେ ମା'ମୋର, ଜନନୀ ମୋର, କହି ମୁଗ୍ଧ ହୁଅନ୍ତି, ବୃଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି - ତେବେ ହିଁ ତୁମେ ଝିଅ - ତେବେ ହିଁ ତୁମେ ସତୀ।'

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି। ନାରୀ ଜୀବନର ବୈଶିଷ୍ଟ୍ୟ ହେଲା - ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ। କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ। ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ। ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ। ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି - ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା। ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ।

ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି। ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୁଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା। ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ। ନାରୀର ଅର୍ନ୍ତନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ।

ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ। ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଠ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ୱ ଲୋପ ପାଇଯାଏ। ପୁରୁଷ ଯେତେବେଳେ ନାରୀ ଠାରେ କାମମୁଗ୍ଧ ହୋଇଉଠେ ସେତେବେଳେ ତାର ପରିପୂରଣୀ ପ୍ରତିଭା ନଷ୍ଟ ହୁଏ। ମା'ମାନେ ଯଦି ସ୍ୱାମୀଙ୍କ ଠାରେ ସୁକେନ୍ଦ୍ରିକ ନ ହୁଅନ୍ତି ଓ ପୁରୁଷ ଯଦି ଈଶ୍ୱର କେନ୍ଦ୍ରିକ ନ ହୁଅନ୍ତି ତାହାହେଲେ ପରିବାରରେ ମଇଳା ଜମି ଯାଏ। ପୁରୁଷ ସ୍ୱାଧୀନ ହୁଏ ଭଗବାନ (ଗୁରୁ)ଙ୍କୁ ନେଇ ଓ ମା'ମାନେ ସ୍ୱାଧୀନ ସ୍ୱାମୀଙ୍କୁ ନେଇ - ସ୍ୱାମୀ ହେବା ଉଚିତ ଇଷ୍ଟମୁଖୀ ଓ ସ୍ତ୍ରୀର ବୈଶିଷ୍ଟ୍ୟପୂରଣୀ। ଇଷ୍ଟ, ଗୁରୁ ବା ପୁରୁଷୋତ୍ତମଙ୍କ ପ୍ରତି ନିର୍ମଳ ନିଷ୍ଠା ଭିତର ଦେଇ ନିଜକୁ ଶାସନ କରିବାକୁ ହୁଏ ଓ ଏହାଦ୍ୱାରା ଚରିତ୍ର ନିର୍ମଳ ହୁଏ ଓ ପ୍ରେମ ପ୍ରସ୍ଫୁଟିତ ହୁଏ। ଦୃଢ଼କଣ୍ଠରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଘୋଷଣା କଲେ - ପୁରୁଷ ମାନଙ୍କର ନାରୀ ସାଜିବା ଭଲ ନୁହେଁ ଓ ମା'ମାନଙ୍କର ମଧ ପୁରୁଷ ସାଜିବା ଭଲ ନୁହେଁ। ଅଜସ୍ର ଚେଷ୍ଟା କଲେ ମଧ୍ୟ ପୁରୁଷ କେବେ ମା' ହୋଇପାରିବେ ନାହିଁ, ମା' ହିଁ ସନ୍ତାନକୁ ମାପି ଦିଅନ୍ତି ଅର୍ଥାତ୍ ମା'ର ନିଷ୍ଠା, ଭକ୍ତି, ଶ୍ରଦ୍ଧା ଓ ଚରିତ୍ର ଅନୁଯାୟୀ ସନ୍ତାନ ସଦ୍‌ଗୁଣର ଅଧିକାରୀ ହୁଏ। ଯଥାର୍ଥରେ କୁହାଯାଇଛି - ମାତୃଭକ୍ତି ଅଟୁଟ ଯେତେ, ସନ୍ତାନ ହୁଏ କୃତୀ ସେତେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।


ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# ନାରୀର ସପ୍ତ ସଦ୍‌ଗୁଣ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ଯୁଗପୁରୁଷୋତ୍ତମ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ପୁରାଣ ଯୁଗରେ ଗାନ୍ଧାରୀ, ଦ୍ରୌପଦୀ, କୁନ୍ତୀ, ତାରା ଓ ମନ୍ଦୋଦୋରୀଙ୍କୁ ପଞ୍ଚକନ୍ୟା କୁହାଯାଉଥିଲା। ଆଧାତ୍ମିକ ସାଧନା କ୍ଷେତ୍ରରେ ପୁରାଣ ପୃଷ୍ଠାରେ ଗାର୍ଗୀ, ମୈତ୍ରେୟୀ, ସୁଲଭା, ଲୋପାମୁଦ୍ରା, ବିଶ୍ୱବାରାଙ୍କ କୃତୀ ଓ ସ୍ୱୀକୃତି କାଳଜୟୀ ହୋଇରହିଛି। ସେହିପରି ବୈଦିକ ଯୁଗରେ ନାରୀ ମାନଙ୍କ ଦ୍ୱାରା ରଚିତ ଶ୍ଳୋକ ବେଦରେ ସ୍ଥାନ ପାଇଛି। ସ୍ୱାମୀ ବିବେକାନନ୍ଦ ପ୍ରାୟ ଶହେ ବର୍ଷ ତଳେ ଭବିଷ୍ୟବାଣୀ କରିଥିଲେ, ଏକ ବିଂଶ ଶତାବ୍ଦୀ ହେବ ମାତୃ ଗୌରବର ଶତାବ୍ଦୀ। ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ତାଙ୍କ ଭାଷାରେ - 'ମାତା ତା'ର ସ୍ୱାମୀର ସାଥୀ ଓ ପଥ ପ୍ରଦର୍ଶକ, ଶିଶୁର ଆଦ୍ୟଗୁରୁ, ସାମାଜିକ ଜୀବନଧାରାର ଆଧାର, ପରିବାରର ଆଦର୍ଶ, ଦୈହିକ ଓ ମାନସିକ ସ୍ୱାସ୍ଥ୍ୟର ଜାଗ୍ରତ ପ୍ରହରୀ।' ସେ ଆଦ୍ୟାଶକ୍ତି, ସୃଷ୍ଟିକାରିଣୀ ଓ ସମୃଦ୍ଧିର ଦେବୀ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ। ବିଶ୍ୱ ମହିଳା ଦିବସ ଅବସରରେ ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହେଇ ଚାଲିଥାଉ ଏହା ହିଁ କାମନା।


ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ବୁବୁ ଭଞ୍ଜ ହତ୍ୟା ଘଟଣାରେ ୨ ଗିରଫ ,ଆହୁରି ୫ ଜଣ ସଂପୃକ୍ତ

ଅନୁଗୋଳ,(ମହାଭାରତ ): ଅନୁଗୋଳ ସଦର ଥାନା ଛେଳିଆପଡ଼ାର ଭବାନୀ ଶଙ୍କର ଭଞ୍ଜ ଓରଫ୍ ବୁବୁ ହତ୍ୟାକାଣ୍ଡର ପର୍ଦାଫାଶ କରିଛି ପୁଲିସ । ଅନୁଗୋଳ ସହର ଉପକଣ୍ଠରେ ଗଳା କାଟି ହତ୍ୟା ଘଟଣା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା ।ତେବେ ଏହି ଘଟଣାରେ ପୁଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ୩ଟି ଟିମ୍ ଗଠନ କରି ଶେଷରେ ହତ୍ୟା କରିଥିବା ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ହତ୍ୟା ଘଟଣାରେ ଆହୁରି ୫ରୁ ଅଧିକ ବ୍ୟକ୍ତିଙ୍କ ସଂମ୍ପୃକ୍ତି ଥିବା ପୁଲିସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି । ସୂଚନା ଅନୁସାରେ , ଗତ ୧୪ ତାରିଖ ଦିନ ସଦର ଥାନା ଛେଳିଆପଡ଼ା ବାଇପାସ୍ ନିକଟରେ ଦିନ ଦ୍ୱିପହରରେ ଛେଳିଆପଡ଼ା ଗାଁର ଭବାନୀ ଶଙ୍କର ଭଞ୍ଜ ଓରଫ୍ ବୁବୁଙ୍କୁ ଗଳା କାଟି ହତ୍ୟା କରାଯାଇଥିଲା। ବୁବୁଙ୍କୁ ସଂଘବଦ୍ଧ ଭାବରେ ଆକ୍ରମଣ କରି ଝପଡ଼ାରେ ଗଳା କାଟି ହତ୍ୟା କରାଯାଇଥିଲା ।ଏ ସମ୍ପର୍କରେ ବୁବୁଙ୍କ ଭାଇ ଶିବ ଶଙ୍କର ଭଞ୍ଜ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ୍ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ୍ ୩ଟି ଟିମ୍ ଗଠନ କରି ବିଭିଭ ସ୍ଥାନରେ ଚାଉ କରିଥିଲା । ଗତକାଲି ପୁଲିସ୍ ୩ ଅଭିଯୁକ୍ତ ଖମାର ଗାଁର କାଠି ନାଏକ(୨୭) ଓରଫ୍ ଇମାନୁଏଲ୍, ଲାଲକୃଷ୍ଣ ଆଡଭାନୀ(୨୦) ଓରଫ୍ ଲାଲୁ ଓ ଜଣେ ୧୬ ବର୍ଷୀୟ ନାବାଳକଙ୍କୁ ଅନୁଗୁଳରୁ ଗିରଫ କରିଥିଲା। ସେମାନଙ୍କୁ ପୁଲିସ୍ ପଚରାଉଚରା କରିବା ପରେ ସେମାନେ ହତ୍ୟା ଘଟଣାକୁ ସ୍ୱୀକାର କରିଥିବା ପୁଲିସ କହିଛି । ଜାତୀୟ ରାଜପଥ ୫୫ ର ବାଇପାସ୍ ରାସ୍ତା ନିର୍ମାଣରେ ପଡ଼ୁଥିବା ପାଉଁଶରୁ ସ୍ଥାନୀୟ କେତେକ ଲୋକ ସ୍କ୍ରାପ୍ ସଂଗ୍ରହ କରି ହତ୍ୟା ଅଭିଯୁକ୍ତଙ୍କ ପାଖରେ ବିକ୍ରି କରୁଥିଲେ । ତେବେ ହତ୍ୟା ଅଭିଯୁକ୍ତଙ୍କ ସମତେ ବୁବୁ ମଧ ଲୋକଙ୍କ ଠାରୁ ସ୍କ୍ରାପ ନେଇ ବଅଁରପାଳରେ ଥିବା ଏକ କବାଡ଼ି ଦୋକାନୀଙ୍କୁ ବିକ୍ରି କରୁଥିଲେ । ସ୍କ୍ରାପ୍ ବିକ୍ରି ଦର ନେଇ କାଠି ଓ ବୁବୁଙ୍କ ମଧ୍ୟରେ ଶତ୍ରୁତା ଦେଖାଦେଇଥିଲା । ସେମାନଙ୍କର ପୂର୍ବରୁ ଶତ୍ରୁତା ରହିଥିବା ବେଳେ ସ୍କ୍ରାପ୍ ବିକ୍ରିକୁ ନେଇ ଶତ୍ରୁତା ବଢ଼ିଥିଲା । ବୁବୁଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ କାଠିଙ୍କ ସହିତ ଅନ୍ୟ ଅଭିଯୁକ୍ତମାନେ ଯୋଜନା କରିଥିଲେ । ୧୪ ତାରିଖ ଦିନ ସାଢେ ୨ଟା ବେଳେ ହତ୍ୟାକରୀମାନେ ବ୍ୟବସାୟ ସମ୍ପର୍କୀତ ଆଲୋଚନା ପାଇଁ ବୁବୁଙ୍କୁ ଡାକି ଏକ ବୋଲେରୋ ଗାଡ଼ିରେ ଛେଳିଆପଡ଼ା ବାଇପାସ୍ ରାସ୍ତାକୁ ନେଇ ଝପଡ଼ାରେ ଗଳା କାଟି ହତ୍ୟା କରିବା ପରେ ସେଠାରୁ ଫେରାର ହୋଇଯାଇଥିଲେ ବୋଲି ସାମ୍ବାଦିକ ସମ୍ମିଳନୀରେ ଏସ ଡି ପି ଓ ରମାକାନ୍ତ ମହାଲିକ ଓ ଆଇଆଇସି ମୃଣାଳ କାଲୋ ସୂଚନା ଦେଇଛନ୍ତି ।

# ବାରୁଦ ଗଦାରେ ଆସିକାର ନଳବଣ୍ଟା ଗ୍ରାମ

ଆସିକା (ମହାଭାରତ): ଆଗକୁ ଦୀପାବଳି ଥିବାରୁ ବାଣର ଗାଁ ଆସିକା ବ୍ଲକ ନଳବଣ୍ଟା ରେ ବାଣ ତିଆରି ଜୋର ସୋର ରେ ଚାଲିଛି । ଏହି ବାଣ ନିର୍ମାଣ ପାଇଁ ଆବଶ୍ୟକ ସାମଗ୍ରୀ ମଧରେ ବାରୁଦ ମୁଖ୍ୟ ଅଟେ ତେଣୁ ବାଣ କାରିଗର ମାନେ ନଳବ□ା ଗ୍ରାମରେ ଟନ ଟନ ବାରୁଦ ଗଛିତ ଥିବା ନେଇ ଆସିକା ଅଞ୍ଚଳରେ ଚର୍ଚ୍ଚା ବର୍ତ୍ତମାନ ଜୋର ଧରିଛି । ଗତ ବର୍ଷ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସମସ୍ତ ରାଜ୍ୟ ସରକାର ଙ୍କୁ ଦୀପାବଳିରେ ବାଣ ନଫୁଟାଇବା ପାଇଁ କଡା ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ନିର୍ଦ୍ଦେଶ କୁ ଭିତ୍ତି କରି ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକାରୀ ଜଗମୋହନ ମିନା ଗତ ୦୬/୧୧/୨୦୨୩ ରେ ଛତ୍ରପୁର ଠାରେ ଏକ ସମୀକ୍ଷା ବୈଠକ



କରି ଏହି ନିର୍ଦ୍ଦେଶ କୁ କଡାକଡି ଲାଗୁ କରିବା ପାଇଁ ସମସ୍ତ ଥାନାଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ନଳବ□ା ଗ୍ରାମରେ ଆସିକା ପୋଲିସ ପକ୍ଷରୁ ଘନ ଘନ ଚଢ଼ାଉ କରି ଲକ୍ଷ ଲକ୍ଷ ଟଙ୍କାର ବେଆଇନ ବାଣ ଜବତ କରିବା ସହ ମାମଲା ମଧ ରୁଜୁ ହୋଇଥିଲା। ପ୍ରକାଶ ଥାଉକି ବହୁ ବର୍ଷ ଧରି ନଳବଣ୍ଟାରେ ବାଣ ତିଆରି ଏକ କୁଟୀର ଶିଳ୍ପ ରେ ପରିଣତ ହୋଇଛି । ପୂର୍ବେ ବାଣ ତିଆରି କରିବା ପାଇଁ ସରକାର ଙ୍କ ପକ୍ଷରୁ ଲାଇସେନ୍ସ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳୁଥିଲା । ଗ୍ରାମର ବାଣ ତିଆରିରେ ଗ୍ରାମର ବହୁ ପୁରୁଷ ଓ ମହିଳା ଶିଶୁ ଶ୍ରମିକ ମୃତ୍ୟୁ ସାଙ୍ଗକୁ ଗ୍ରାମର ଗୃହପାଳିତ ପଶୁ ମୃତ୍ୟୁ ର ଶିକାର ହେବାସହ ଗ୍ରାମର ଅନେକ କୋଠାଘର ଠାରୁ ଆରମ୍ଭ କରି ନଡାଛପର, ଟିଣ ଘର ପୋଡି ସାଙ୍ଗକୁ ଲକ୍ଷ ଲକ୍ଷ ଟଙ୍କାର ଧନ ଜୀବନ କ୍ଷତି ହୋଇ ଗାଁରେ ଭୟଙ୍କର ଘଟଣା ଘଟି ରାଜ୍ୟରେ ମୁଖ୍ୟ ଚର୍ଚ୍ଚାରବିଷୟ ପାଲଟିଥିଲା ।ଏହି ବେଆଇନ ବାଣ ଗାଁରେ ବହୁ ବ୍ୟବସାୟ କରୁଥିଲା ବେଳେ ଚଳିତ ବର୍ଷ ପ୍ରାୟ ୧୦୦୦ରୁ ଉର୍ଦ୍ଧ ଶ୍ରମିକ ଏହି ବାଣ ତିଆରିରେ ନିୟୋଜିତ ହୋଇଥିବାର ସୂଚନା ରହିଛି । ପ୍ରାୟ ୨କୋଟି ଟଙ୍କା ରୁ ଉର୍ଦ୍ଧ ବାଣ ତିଆରି ହୋଇ ବର୍ଷ ତମାମ ସାଙ୍ଗକୁ ଦୀପାବଳିରେ ବିକ୍ରି ହୁଏ । ଏହି ବାଣ ଗଞ୍ଜାମ ସମେତ ପଡୋଶୀ ରାଜ୍ୟକୁ ବିକ୍ରି ପାଇଁ ପଠାଯାଇଥାଏ । ବାଣ ତିଆରି ପାଇଁ ଗନ୍ଧକ, ଜିଙ୍କ, ଖାର, ରସ,ଗନପାଉଡର,କାଗଜ ଆଦି ଜିନିଷ ଚୋରାରେ ପଡୋଶୀ ଆନ୍ଧ୍ର ପ୍ରଦେଶ, ପଶ୍ଚିମ ବଙ୍ଗ, ରାଇପୁର, ବିହାରରୁ ଚୋରାରେ ଆସୁଥିବାରୁ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି । ଏହି ବେଆଇନ ବାଣ ନିର୍ମାଣ କୁ ଯଦି ଜିଲ୍ଲାପ୍ରଶାସନ ପକ୍ଷରୁ ରୋକ ନ ଲଗାଯାଏ ତେବେ ଦିନେନା ଦିନେ ଏକ ବଡ ଧରଣର ଦୁର୍ଘଟଣା କୁ ଆଡେଇ ଦିଆ ଯାଇପାରିବନି । ଏବଂଆସିକା ବ୍ଲକ ମାନଚିତ୍ରରୁ ନଳବଣ୍ଟା ଲିଭିଯିବା ସୁନିଶ୍ଚିତ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ବାଙ୍ଗାଲୋରରେ ଓଡ଼ିଆ ପ୍ରବାସୀ ଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ




କାକଟପୁର, (ମହାଭାରତ):ବିଗତ ଦିନରେ ଆମ ଓଡିଶା ରେ କୁଶଳୀ ଶିକ୍ଷିତ ହୁଅନ୍ତୁ ଅବା ଅଶିକ୍ଷିତ ବ୍ୟକ୍ତି ବିଶେଷ କୌଣସି କାର୍ଯ୍ୟପ୍ୟା ନପାଇ ରାଜ୍ୟ ବାହାରେ ଅନେକ ସ୍ଥାନ ରେ ଦାଦନ ଖଟିବାକୁ ଯାଇଛନ୍ତି, ଆମ ଓଡ଼ିଶା ରେ ଖଣି, ଖାଦାନ ଶିଳ୍ପ ସବୁ ଥାଇ କି ବି ଏଠି ବାହାର ରାଜ୍ୟ ରେ ବ୍ୟକ୍ତି ନିଯୁକ୍ତି ପାଇବେ କିନ୍ତୁ ଆମ ଓଡ଼ିଆ ନୁହେଁ, କିନ୍ତୁ ବର୍ତ୍ତମାନ ପରିବର୍ତ୍ତନ ଆସିବା ପରେ କିପରି ବାହାର ରାଜ୍ୟ ରୁ ପିଲା ମାନେ ଆମ ଓଡିଶା କୁ ଫେରି ଏଠି କର୍ମଭିତିକ ଆତ୍ମନିର୍ଭରଶୀଳ ହେବେ ସେଥିପାଇଁ ସଦାସର୍ବଦା ଚେଷ୍ଟା ଜାରୀ ରଖିଛନ୍ତି । ବାଙ୍ଗାଲୋର ରେ ଆମ କାକଟପୁର ମାଟି ର ଓଡ଼ିଆ ପୁଅ ସମାଜସେବୀ ରଞ୍ଜିତ ସ୍ୱାଇଁ ଓଡ଼ିଆ ପ୍ରବାସୀ ମାନଙ୍କ ସୁରକ୍ଷା ପାଇଁ ଓଡିଶା ଟ୍ରଷ୍ଟ ନାମକ ଏକ ଅନୁଷ୍ଠାନ ରେ ଏକ ଅଗ୍ରିମ ଭୂମିକା ରେ ରହିଥିବା ବେଳେ ତାଙ୍କ ପ୍ରଚେଷ୍ଟା ଆଜି ସଫଳ ରୂପରେଖ ନେଇଛି । ଆମ ରାଜ୍ୟ ର ମାନନୀୟା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏହି ଟ୍ରଷ୍ଟ ଉଦ୍ୟମ ରେ ଯାଇ ବାଙ୍ଗାଲୋର ରେ ପହଞ୍ଚି ସେଠି ଓଡ଼ିଆ ପ୍ରବାସୀ ଙ୍କୁ ସାକ୍ଷାତ କରିବା ସହ ତାଙ୍କ ସହିତ ଆଲୋଚନା କରିଛନ୍ତି । ଅପରାହ୍ନ ୨ ଘଟିକା ୩୦ ମିନିଟ ମଙ୍ଗଳବାର ରେ ଶ୍ରୀମତୀ ପରିଡା ବିମାନବନ୍ଦର ରେ ପହଞ୍ଚିଥିଲେ, ସେଠୁ ତାଙ୍କୁ ସମ୍ମାନ ର ସହିତ ସ୍ୱାଗତ କରାଯାଇଥିଲା, ଅପରାହ୍ନ ୪ ଘଟିକା ୩୦ ମିନିଟ ରେ ନନ୍ଦୀବେଟା ହୋଟେଲ ମୌର୍ଯ୍ୟ ପାଇନ୍ଟପ୍ ରେ ପହ□ ଓଡ଼ିଆ ପ୍ରବାସୀ ଙ୍କ କାର୍ଯ୍ୟକ୍ରମ ରେ ଯୋଗଦେବା ସହ ସେମାନଙ୍କ ପାରିବାରିକ, ସାମାଜିକ, ଆର୍ଥିକ ଓ ଶରୀରକ ସମସ୍ୟା ଉପରେ ଆଲୋଚନା କରି ସବୁକିଛି ବୁଝିଥିଲେ । ଏହି ଓଡ଼ିଆ ଟ୍ରଷ୍ଟ ପକ୍ଷ ରୁ ବାଙ୍ଗାଲୋର ରେ ରହୁଥିବା ସମସ୍ତ ପ୍ରବାସୀ ଓଡ଼ିଆ ସେମାନଙ୍କ ସମସ୍ୟା ଦାବୀ ମାନନୀୟା ଉପମୁଖ୍ୟମନ୍ତ୍ରୀ ଙ୍କ ନିକଟରେ ରଖିଥିଲେ । ସେମାନଙ୍କ ସମସ୍ୟା ର ସମାଧାନ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ତାଙ୍କୁ ପ୍ରତିଶୃତି ଦେଇଛନ୍ତି । କାକଟପୁର ମାଟି ର ପୁଅ ତଥା ସମାଜସେବୀ ରଞ୍ଜିତ ସ୍ୱାଇଁ ଙ୍କ ଏହି ପ୍ରୟାସ ପାଇଁ ଓଡ଼ିଆ ପ୍ରବାସୀ ମାନେ ତାଙ୍କୁ ପ୍ରଶଂସା କରିବା ସହ ମାନନୀୟା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

# ହୋ ହାଲ୍ଲା ଭିତରେ ସରିଲା କୋଇଲା ଖଣି ପାଇଁ ଜନ ଶୁଣାଣି

ଅନୁଗୋଳ ,(ମହାଭାରତ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକରେ ଖନନ ହେବାକୁ ଯାଉଛି ବୈତରଣୀ ୱେଷ୍ଟ ଓପନ କାଷ୍ଟ କୋଇଲା ଖଣି। ଏହି ଖଣି ଖନନ ପାଇଁ ଗୁଜୁରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେସନକୁ ମଞ୍ଜୁରୀ ମିଳିଛି । ବାର୍ଷିକ ପ୍ରାୟ ୧୫ ନିୟୁତ ଟନ କୋଇଲା ଉତ୍ପାଦନ ପାଇଁ ଏହି ସଂସ୍ଥାକୁ ମଞ୍ଜୁରୀ ମିଳିଛି । ସେଥିପାଇଁ ଆଜି ଛେଣ୍ଡିପଦା ଠାରେ ପରିବେଶ ଜନିତ ଜନ ଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା । ଅନୁଗୁଳ ଅତିରିକ୍ତ ଜିଲ୍ଲାପାଳ ଏବଂ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଏହି ଜନଶୁଣାଣିକୁ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ସମେତ ନିର୍ବାଚନ ମଣ୍ଡଳୀର ଶତାଧିକ ବାସିନ୍ଦା ଉପସ୍ଥିତ ଥିଲେ । ଅନ୍ୟ ପକ୍ଷରେ ଖଣିକୁ ବିରୋଧ କରୁଥିବା ଛେଣ୍ଡିପଦା ଆଞ୍ଚଳିକ ସୁରକ୍ଷା ମଞ୍ଚର ଶତାଧିକ ସଦସ୍ୟ ବିକ୍ଷୋଭ ଶୋଭାଯାତ୍ରା କରି କାର୍ଯ୍ୟକ୍ରମ ହେଉଥିବା ସ୍ଥାନକୁ ଆସିଥିଲେ । ସେମାନେ ଖଣିକୁ ବିରୋଧ କରି ନାରାବାଜି ଦେଇଥିଲେ । ଏଭଳି କିଛି ସମୟ ହେବା ପରେ ଶେଷରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।ଖଣିକୁ ବିରୋଧ କରୁଥିବା ଲୋକେ ଏବଂ ସମର୍ଥନ କରୁଥିବା ଲୋକଙ୍କ ମଧ୍ୟରେ ପ୍ରଥମେ ବାଦ ବିବାଦ ଦେଖା ଦେଇଥିଲା । ଶୁଣାଣି ବେଳେ ପ୍ରବଳ ହୋ ହଲା ହୋଇଥିଲା । ଖଣି ଖନନ ପାଇଁ ସପକ୍ଷବାଦୀ ଓ ବିପକ୍ଷବାଦୀ ମାତ୍ର ୨୧ ଜଣ ସେମାନଙ୍କ ମତ ରଖିଥିଲା । ଖଣି ବିପକ୍ଷବାଦୀ କହିବା ମାତ୍ରେ ହୋ ହଲା ଆରମ୍ଭ ହୋଇଥିଲା । ତେଣୁ ଖୁବ କମ ସମୟ ମଧ୍ୟରେ ଜନ ଶୁଣାଣି ସମାପ୍ତ କରି ଦିଆ ଯାଇଥିଲା । ତେବେ ଖଣିକୁ ବିରୋଧ କରୁଥିବା ଲୋକଙ୍କ କହିବା ଅନୁସାରେ, ଜନଶୁଣାଣିରେ ସେମାନଙ୍କୁ କଥା ଶୁଣିବାକୁ ଦିଆଗଲା ନାହିଁ । ଏହା ଜନ ଶୁଣାଣି ନଥିଲା ଏକ ପ୍ରହସନ ଥିଲା । ଆଗାମୀ ଦିନରେ ଲୋକ ଏହାର ଜବାବ ଦେବେ ।ଏନେଇ କଂଗ୍ରେସ ନେତ୍ରୀ ସସ୍ମିତା ବେହେରା କହିଛନ୍ତି, ଆଜିର ଜନଶୁଣାଣି ଏକ ନିର୍ଦ୍ଦିଷ୍ଟ ଦଳର ପ୍ରାୟୋଜିତ ଥିଲା । ଯେଉଁ ଲୋକମାନଙ୍କୁ ଶିଖେଇ ପଠାଇଥିଲେ କେବଳ ତାଙ୍କୁ କହିବା ପାଇଁ ସୁଯୋଗ ଦିଆଯାଉଥିଲା । ଆମେ ଯେତେବେଳେ ପରିବେଶ ସଂକ୍ରାନ୍ତରେ କିଛି ଆଲୋଚନା କରିବା ପାଇଁ ଚେଷ୍ଟା କରିଥିଲୁ, ସେତେବେଳେ ବିଧାୟକଙ୍କ ଲୋକମାନେ ବିଶୃଙ୍ଖଳା କରିବା ସହ ଧମକ ଚମକ୍ ଦେଇ ଆମ କଥାକୁ ଶୁଣିବାକୁ ଦିଆଗଲେ ନାହିଁ । ଆମକୁ କହିବାକୁ ସମୟ ଦିଆଗଲା ନାହିଁ । ଖଣି ଖନନକୁ ବିରୋଧ କରୁଥିବା ଲୋକ କହିଛନ୍ତି ଯେ , ଏଠାରେ ଲୋକଙ୍କୁ କିଛି କହିବାକୁ ଦିଆଗଲା ନାହିଁ । ପୁରୁଷ ମହିଳା ମିଶି ପ୍ରାୟ ୨ ହଜାର ଲୋକ ଜନଶୁଣାଣିକୁ ଆସିଥିଲେ । କିନ୍ତୁ ଆମକୁ କହିବାର କିଛି ସୁଯୋଗ ମିଳିଲାନି । ତେଣୁ ଆମେ ଏ ଜନଶୁଣାଣିକୁ ବିରୋଧ କରୁଛୁ । ଆମ ଲୋକମାନଙ୍କର ଦାବି ସେମାନେ ତାଙ୍କ ଭିଟାମାଟି ଛାଡ଼ିବେ ନାହିଁ । ଜଙ୍ଗଲ ଜମି ଉପରେ ଲୋକମାନଙ୍କର ଅଧିକାର ଅଛି । ଆଗାମୀ ଦିନରେ ଲୋକ ଏହାର ଜବାବ ଦେବେ । ସ୍ଥାନୀୟ ବିଧାୟକ ଅଗସ୍ତି ବେହେରାଙ୍କ କହିବା କଥା ଲୋକଙ୍କର ଯାହା ସ୍ୱର ହେଲା ଏଠାରେ ସମ୍ପୂର୍ଣ୍ଣ ଭାବରେ ସଫଳ ହୋଇଛି । ପୂର୍ବତନ ବିଧାୟକ ଓ କଂଗ୍ରେସ ଦଳର ନେତା କିଛି ଲୋକଙ୍କୁ ଆଣି ବିରୋଧ କରୁଥିଲେ । ପରିବେଶ ଜନଶୁଣାଣି ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବରେ ଶେଷ ହୋଇଛି । କୌଣସି ଅପ୍ରିତିକର ପରିସ୍ଥିତି ହୋଇନାହିଁ । ଲୋକମାନଙ୍କୁ ନିଯୁକ୍ତି, ଥଇଥାନ, ପ୍ୟାକେଜ ଦିଆଯିବ ।

# ଶ୍ରେଷ୍ଠ ସମାଜ ସେବୀ ଭାବେ ସମ୍ମାନିତ ହେଲେ ଆଇନଜୀବୀ ଆରତୀ ମହାନ୍ତି



କୋରାପୁଟ(ମହାଭାରତ): କୋରାପୁଟ ଜିଲ୍ଲା ସହରର ଅତି ପରିଚିତ ଆଇନଜୀବୀ ତଥା ହ୍ୟୁମାନ ରାଇଟ୍ସର ସାଉଥ ଜନ ର ସଭାପତି ମହିଳା ଆରତୀ ମହାନ୍ତିଙ୍କୁ କଲିକତା ରେ ଶ୍ରେଷ୍ଠ ସମାଜସେବୀ ଭାବେ ସମ୍ମାନିତ କରାଯାଇଛି । କଲିକତାରେ ଆୟୋଜିତ ଏହି ଉତ୍ସବରେ ବଙ୍ଗ ଗେରବ ସମ୍ମାନରେ ତାଙ୍କୁ ସମ୍ମାନୀତ କରାଯାଇଥିଲା । ସେ ଜଣେ ଆଇନଜୀବୀ ସହ , ହ୍ୟୁମାନ ରାଇଟ୍ସ ର ସାଉଥ ଜନ ର ସଭାପତି ଦାୟିତ୍ୱ ମଧ ତୁଲାଉଛନ୍ତି ସହରରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିବା ସହ ଅନାଥ ମାନଙ୍କୁ ସାହାର୍ଯ୍ୟ କରିବା ଓ ଗରୀବ ଅସହାୟଙ୍କୁ ସାହାର୍ଯ୍ୟ କରିବାକୁ ସେ ଭଲ ପାଆନ୍ତି । ଏହିପରି କୋରାପୁଟ ମାଟିର ଝିଅ ବଙ୍ଗଳାଦେଶର କଲିକତାରେ ସମ୍ମାନୀତ ହୋଇଥିବା ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିବା ସହିତ ତାଙ୍କ ସଫଳତା ପ୍ରତି ବିଭିଉ ମହଲରୁ ପ୍ରଶଂସାର ସୁଅ ଛୁଟିଛି ।

# ହିନ୍ଦୋଳ ବ୍ଲକର ୫ମ ସାଧାରଣ ବୈଠକ ଅନୁଷ୍ଠିତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳନିର୍ବାଚନ ମଣ୍ଡଳୀ ହିନ୍ଦୋଳବ୍ଲକର ପଞ୍ଚମ ସାଧାରଣ ଅଧିବେଶନ ବ୍ଲକ ବିଜୁପଟ୍ଟନାୟକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ବହୁଦିନ ପରେ ଅଧକ୍ଷ୍ୟା ସସ୍ମିତାରାଣୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଜିପିଓ ଅନିତା ଦାସ ବିବରଣୀ ପାଠ କରିଥିଲେ । ଆଜିର ଅଧିବେଶନରେ ୩୫ପଂଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ମାନେ ଯୋଗଦେଇ ଆଲୋଚନାରେ ଭାଗ ନେବାସହ ନିଜସ୍ୱ ମତ ଉପସ୍ଥାପନା କରିଥିଲେ । ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ,ଉଦ୍ୟାନ, ପଶୁ ସମ୍ପଦ, ରାସ୍ତାଘାଟ ନିର୍ମାଣ, ବିଦ୍ୟୁତ, ଜଙ୍ଗଲ ବିଭାଗ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ଓ ବହୁ ଜନହିତକର ପ୍ରସ୍ତାବ ଜନପ୍ରତିନିଧି ମାନେ ଦେଇଥିଲେ । ସେହିପରି ବହୁ ପଂଚାୟତର ଅନେକ କାର୍ଯ୍ୟ ସଠିକ ଭାବରେ ହେଉନଥିବା, ଜନପ୍ରତିନିଧି ମାନଙ୍କୁ ଓ ସେମାନଙ୍କ ପ୍ରସ୍ତାବିତ ଜନହିତକର କାର୍ଯ୍ୟକୁ କାର୍ଯ୍ୟକାରୀ ନକରିବା ସହ ବହୁ ବିଭାଗୀୟ ଅଧିକାରୀଙ୍କ ମନମାନି ସର୍ବୋପରି ବ୍ଲକ ପ୍ରଶାସନର ଅବହେଳା,ସ୍ଥାଣୁତା ଓ ବିଇଓ ଙ୍କ ସମେତ ଅନେକ ଅଧିକାରୀଙ୍କ ଅଫିସ କାର୍ଯ୍ୟରେ ଅନୁପସ୍ଥିତତା ସ ପାଇଁ ବହୁ ଜନପ୍ରତିନିଧି ଅସନ୍ତୋଷ ଜାହିର କରିଥିଲେ ।

# ଆନ୍ଧ୍ର ପ୍ରଦେଶ ଦମ୍ପତିଙ୍କ ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ

ପାରଳାଖେମୁଣ୍ଡି, (ମହାଭାରତ): ଆଜି ଗଜପତି ଜିଲ୍ଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୫୬ ତମ ଶିଶୁକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ଆନ୍ଧ୍ର ପ୍ରଦେଶ ରାଜ୍ୟର ଏକ ଦମ୍ପତ୍ତିଙ୍କୁ ହସ୍ତାନ୍ତର କରିଛନ୍ତି । ସୁଚନା ପ୍ରକାରେ ଆଜକୁ ପ୍ରାୟ ୫ ମାସ ତଳେ ଉକ୍ତ ଶିଶୁଟିକୁ ରାୟଗଡ଼ ଅଞ୍ଚଳରୁ ଅସହାୟ ଅବସ୍ଥାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଉଦ୍ଧାର କରିଥିଲେ । ଉକ୍ତ ଶିଶୁଟିର ଯତ୍ନଓ ସୁରକ୍ଷା ପାଇଁ ଜିଲ୍ଲାରେ ଥିବା ଏକମାତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ରାଣୀପେଣ୍ଟଠାରେ ରଖାଯାଇଥିଲା । ଉକ୍ତ ଶିଶୁଟିର କେହି ନଥିବା ଜାଣିବା ପରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ତାହାର ପାଇଁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ରର ପୋର୍ଟାଲରେ ଅପଲୋଡ଼ କରାଯାଇଥିଲା । ଯାହାଦ୍ୱାରା ଶିଶୁଟି ପୋଷ୍ୟ ଭାବେ ଯେକୌଣସି ଦମ୍ପତ୍ତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରବର୍ତ୍ତି ମୁହର୍ତ୍ତରେ ଚାରିବର୍ଷ ଧରି ସନ୍ତାନ ପାଇଁ ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି



ରହିଥିବା ଆନ୍ଧ୍ରପ୍ରଦେଶ ଦମ୍ପତ୍ତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ ।ଉପରୋକ୍ତ ଦମ୍ପତ୍ତି ଶାରିରୀକ ଭାବେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ । ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ପରବର୍ତ୍ତି ମୂହୁର୍ତ୍ତରେ ସମସ୍ତ ଦସ୍ତାବିଜ କୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିକୁ ଆନ୍ଧ୍ରପ୍ରଦେଶ ରାଜ୍ୟର ଦମ୍ପତ୍ତି ଙ୍କୁ ହସ୍ତାନ୍ତର କରିଦିଆଯାଇଥିଲା । ଏହି ଶିଶୁଟି ପୁତ୍ର ସନ୍ତାନ ହୋଇଥିଲା ବେଳେ ଏହାର ବୟସ ମାତ୍ର ୫ ମାସ ହୋଇଥିଲା । ଶିଶୁଟିକୁ ପାଇ ଦମ୍ପତ୍ତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା ।ହସ୍ତାନ୍ତର ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ବିଶାଖାପାଟଣା ଜିଲ୍ଲା (ଆନ୍ଧ୍ରପ୍ରଦେଶ) ର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଏ.ସତ୍ୟ ନାରାୟଣା, ଶିଶୁ ଅଧିକାର ଆୟୋଗ, ଆନ୍ଧ୍ର ପ୍ରଦେଶ ର ସଦସ୍ୟ ଶ୍ରୀଯୁକ୍ତ ଜି.ସୀତାରାମ, ନିସାନ ସାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ପ୍ରତ୍ୟୁଷ କୁମାର ସୂର୍ଯ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଫେରାର ବାରଙ୍ଗ ବ୍ଲକ ଜିଲ୍ଲା ପରିଷଦ ସଭ୍ୟ ଭାଇଙ୍କୁ ଗିରଫ କଲା କଟକ ସଦର ପୋଲିସ

କଣ୍ଟାପଡ଼ା (ମହାଭାରତ):କଟକ ସଦର ଥାନା ଅଧୀନରେ ଥିବା କୋରକରା ଗ୍ରାମ ପଞ୍ଚାୟତ ବିଶିପଦା ଗ୍ରାମର ଅଶୋକ ଭୋଇ ଯେ କି ଜଣେ ବିଜେପିର କର୍ମୀ ଓ ନିଜ ସାଙ୍ଗ ସହ ୧୧/୮/୨୦୨୪ ତାରିଖ ଦିନ ସନ୍ଧ୍ୟାରେ ବଜାରରୁ ଫେରୁଥିବା ବେଳେ ବାରଙ୍ଗ ବ୍ଲକ ୩୩ ନଂ ଜୋନ୍ ର ବିଜେଡ଼ି ଜିଲ୍ଲା ପରିଷଦ ସଭ୍ୟ ପ୍ରଦିପ ଭୋଇଙ୍କ ନିଜ ଦୁଇଭାଇ ପ୍ରକାଶ ଭୋଇ ଯେ କି ବିଜେଡ଼ିର ବାରଙ୍ଗ ବ୍ଲକ ସାଧାରଣ ସମ୍ପାଦକ ଓ ପ୍ରଣବ ଭୋଇ ମିଶି ଗାଡ଼ି ଅଟକାଇ ଅଶୋକଙ୍କ ମୁହଁକୁ ଲଙ୍କାଗୁଣ୍ଡ ପକେଇ ଠେଙ୍ଗା ଓ ରଡରେ ଆକ୍ରମଣ କରିଥିଲେ ଏବଂ ଏହି ଆକ୍ରମଣରେ ଅଶୋକ ଭୋଇଙ୍କ ବାମ ହାତରେ ବହୁତ ଜୋରରେ ଆଘାତ ହୋଇଥିଲା । ଅଶୋକ ମହିଧର ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ହୋଇଥିଲେ । ଆକ୍ରମଣ ହୋଇଥିବା ନେଇ ଅଶୋକ ଏକ ଋଜ କଟକ ସଦର ଥାନାରେ ଦେଲା ପରେ ସଦର ଥାନାରେ ଜିଲ୍ଲା ପରିଷଦ ପ୍ରଦୀପ ଭୋଇ, ପ୍ରକାଶ ଭୋଇ ଓ ପ୍ରଣବ ଭୋଇ ନାମରେ ଏକ କେସ ନଂ ୦୪୨୭ ଅନୁଯାୟୀ ଗତ ୧୧/୮/୨୦୨୪ ତାରିଖରେ ଭାରତୀୟ ନ୍ୟାୟ ସଂହିତା ୨୯୬, ୩୫୧(୩), ୧୧୭(୨) ,୩୦୩ ଓ ୩(୫) ଦଫା ରୁଜୁ କରିଥିଲା ଯ ଏହି ଘଟଣା ପରଠାରୁ ଜିଲ୍ଲା ପରିଷଦ ନିଜେ ଏବଂ ତାଙ୍କ ଦୁଇ ଭାଇ ପ୍ରକାଶ ଓ ପ୍ରଣବ ଦୀର୍ଘ ଦେଢ଼ ମାସ ହେବ ଫେରାର ଥିବା ବେଳେ ଗତ କାଲି ସଦର ଥାନା ପୋଲିସ ପ୍ରକାଶକୁ ଗିରଫ କରିଛି । ସଦର ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ କଣ୍ଟାପଡ଼ା ବ୍ଲକ ଅଧୀନରେ ଥିବା ବ୍ରାହ୍ମଣ ସାଇଲୋ ଗ୍ରାମରେ ପ୍ରକାଶ ଭୋଇ ତାଙ୍କର ଜଣେ ପ୍ରୀତି ବନ୍ଧୁଙ୍କ ଘରେ ଥିବା ଖବରପାଇ ତାକୁ ସେଠାରୁ ଗିରଫ କରି ଥାନା ଆଣିଥିଲା । କଟକ ସଦର ଥାନା ପ୍ରକାଶ କୁ ଥାନାକୁ ଆଣିବା ପରେ ରୁଜୁ କେସ ଅନୁଯାୟୀ ଗତ କାଲି ସନ୍ଧ୍ୟାରେ ପ୍ରକାଶ ଭୋଇ କୁ କୋର୍ଟ ଚାଲାଣ କରିଛି । ପୋଲିସ ପାଖେ ସମସ୍ତ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଥାଇ ମଧ ପାଖାପାଖି ଦେଢ଼ ମାସ ଧରି ଅଭିଯୁକ୍ତ ପ୍ରଦୀପ ଭୋଇ ଯେ କି ବାରଙ୍ଗ ବ୍ଲକ ୩୩ ନଂ ଜୋନ୍ ର ଜିଲ୍ଲା ପରିଷଦେ ସଭ୍ୟ ଓ ତାଙ୍କ ସାନ ଭାଇ ପ୍ରଣବ ଭୋଇ ଏବେ ସୁଧା ଫେରାର ଅଛନ୍ତି କଟକ ସଦର ପୋଲିସ ସେମାନଙ୍କୁ ଠାବ କରିପାରିନିୟ ବିଜେଡ଼ିର କୌଣସି ପ୍ରଭାଶାଳୀ ବ୍ୟକ୍ତିଙ୍କ ଚାପରେ ଅଭିଯୁକ୍ତଙ୍କୁ ଗିରଫ କରି ପାରୁନି କି କଟକ ସଦର ପୋଲିସ ? ଏହିଁ ବିଷୟ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଉପକୂଳ ସୁରକ୍ଷା ପାଇଁ ସାଗର କବଚ ୨ ଆରମ୍ଭ

ଅସ୍ତରଙ୍ଗ,(-ମହାଭାରତ): - ୨୦୦୮ ମସିହା ୨୬/୧୧ ମୁମ୍ବାଇ ରେ ଜଳପଥ ଦେଇ ଆସିଥିବା ଆତଙ୍କବାଦୀ ଯେଉଁଭଳି କାଣ୍ଡ ଘଟାଇଥିଲେ, ଏହାକୁ ଦୃଷ୍ଟି ରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ତରଫରୁ ଉପକୂଳ ର ସୁରକ୍ଷା କୁ ଅଧିକ ମଜବୁତ କରିବା ପାଇଁ ପ୍ରୟାସ ଜାରୀ ରଖିଛନ୍ତି । ସେଥିପାଇଁ ସାଗର କବଚ ୨ ନାମରେ ଏକ ପ୍ରକାର ଉପକୂଳ ସୁରକ୍ଷା କାର୍ଯ୍ୟକ୍ରମ ଆଜକୁ ୧୬ ବର୍ଷ ହେବ ଚାଲିଆସୁଛି, ଏହି ସାଗର କବଚ ୨ ମାଧ୍ୟମ ରେ ଅସ୍ତରଙ୍ଗ ନୂଆଗଡ ସ୍ଥିତ ମେରାଇନ ଥାନା ତରଫରୁ ବ୍ୟାପକ ପେଟ୍ରୋଲିଙ୍ଗ ବ୍ୟବସ୍ଥା




ବୃଦ୍ଧି ହୋଇଛି, ୨ ଟି ପୃଥକ ପୃଥକ ବୋଟ କୁ ନାଲି ବାହିନୀ ଓ ଅନ୍ୟଟିକୁ ସବୁଜ ବାହିନୀ କରାଯାଇଛି । ନାଲି ବାହିନୀ ଆତଙ୍କବାଦୀ ଙ୍କ ଟିମ୍ ଓ ସବୁଜ ଉପକୂଳ ସୁରକ୍ଷା କର୍ମୀ ଙ୍କ ଟିମ୍ ରୂପେ ବିବେଚିତ ହୋଇଥିବା ବେଳେ ଉଭୟ ବୋଟ ଉଭୟ ଙ୍କୁ ଖୋଜିବା ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅସ୍ତରଙ୍ଗ ଦେବି ମୁହାଣ, ସଅନ, ସୁଧୀକେସ୍ୱର, ମେରାଇନ ମାଛଧରା ବନ୍ଦର ନିକଟରେ ସମୁଦ୍ର ପଥ ରେ ଚାଲୁରହିଛି । ଯଦି ନାଲି ବାହିନୀ ସବୁଜ ଙ୍କୁ ଠାବ କରିବେ ତାହେଲେ ପୋଲିସ ବୋଟ ଉପରେ ଫାଇନ ଲାଗିବ ଓ ଯଦି ଓଲଟା ହୁଏ ତାହେଲେ ପୁରସ୍କାର ପ୍ରାପ୍ତି, ସରକାର ଙ୍କ ଉଦ୍ଦେଶ୍ୟ ଏହି କାର୍ଯ୍ୟକ୍ରମ ଦ୍ୱାରା ଆମ ଉପକୂଳ ପୋଲିସ, ତଟରକ୍ଷୀ ବାହିନୀ, କୋଷ୍ଟଗାର୍ଡ ସଦାସର୍ବଦା ଆଲର୍ଟ ରହିବେ ଓ ଅନୁପ୍ରବେଶକାରି ଙ୍କୁ ସହଜ ରେ ସମୁଦ୍ରପଥ ରେ ଧରିପାରିବେ । ଏହି କାର୍ଯ୍ୟକ୍ରମ ତଟରକ୍ଷୀବାହିନୀ ଓ ଅସ୍ତରଙ୍ଗ ପୋଲିସ ର ମିଳିତ ଆନୁକୂଲ୍ୟରେ ରେ ମେରାଇନ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇଛି । ଏହି ଟିମ୍ ରେ ସବଇନିସ୍ପେକ୍ଟର ସନ୍ତୋଷ କୁମାର ଜେନା, ବିପ୍ର ଚରଣ ସ୍ୱାଇଁ, କ୍ଷୀରୋଦ ସ୍ୱାଇଁ, ବୋଟ ମାଷ୍ଟର ପ୍ରକାଶ କୁମାର ଦାସ ଙ୍କ ସମେତ ଥାନା ର ସମସ୍ତ କର୍ମଚାରୀ ନିୟୋଜିତ ଅଛନ୍ତି ।

## ଜିଶି କଲେଜରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ବରୀ,(ମହାଭାରତ);: ବରୀ ରାମଚନ୍ଦ୍ରପୁର ସ୍ଥିତ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଡିଗ୍ରୀ ମହା ବିଦ୍ୟାଳୟ ଯୁବ ରେଡକ୍ରସ୍ ଓ ସମ୍ବାଦ ଆମ ଓଡିଶା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିରରେ ବରୀ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡି ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଫିତା କାଟିବା ସହିତ ପ୍ରଥମେ ରକ୍ତଦାନ କରି ରକ୍ତଦାନ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଆଜିର ଏହି ଶିବିରରେ ୫୦ ଇଉନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ସ୍ଥାନୀୟ ସରପଂଚ ମଧୁସ୍ମିତା ବେହେରା ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅଧକ୍ଷ ପ୍ରବୋଧ କୁମାର ସାମଲ ଓ ଛାତ୍ର ଛାତ୍ରୀ ମାନେ ମଧସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସେହିପରି ଅଧାପକ ସାନ୍ତନୂ କୁମାର ଜେନା , ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଦିପ୍ତ କୁମାର ବିଶ୍ୱାଳ ଯୁବ ରେଡକ୍ରସ୍ ସଂଯୋଜକ ବସନ୍ତ କୁମାର ଦାସ, ଅଧାପକ ନରୋତମ ପରିଡା,ବସନ୍ତ ଦାସ, ସ୍ମୃତିରେଖା ସାମଲ, ପଙ୍କଜିନୀ ମନୋହରୀ, ନିବେଦିତା କର, ରଶ୍ମି ରଞ୍ଜନ ପତି , କ୍ରୀଡା ଶିକ୍ଷକବାବାଜି ଚରଣ ଘଡାଇ ପ୍ରମୂଖ ଉପସ୍ଥିତ ରହି ରକ୍ତ ଦାତାଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## କଳାହାଣ୍ଡି ଜିଲ୍ଲା ସ୍ତରୀୟ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ ସମାରୋହ ଆୟୋଜିତ




କଳାହାଣ୍ଡି (ମହାଭାରତ):ଭବାନୀପାଟଣା, ୨୪ଯ୯: ସ୍ଥାନୀୟ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଶତବାର୍ଷିକୀ କକ୍ଷରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ ସମାରୋହ ଆୟୋଜିତ ହୋଇଯାଇଛି। ସମଗ୍ର ଶିକ୍ଷା କଳାହାଣ୍ଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା କଳାହାଣ୍ଡିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ସଭାପତିତ୍ୱ କରିଥିବା ବେଳେ ଉଦଘାଟକ ଭାବେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି ରୂପେ ଯୋଗଦେଇ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କ ପ୍ରତିନିଧି ଅନୀଲ କୁମାର ନନ୍ଦ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ କଳାହାଣ୍ଡିର ଅଧକ୍ଷ ଡ. ଦେଶବନ୍ଧୁ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ସମଗ୍ର ଶିକ୍ଷା କଳାହାଣ୍ଡିର ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ଓ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କରିଥିଲେ ପଲମ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡିଲେଶ୍ୱର ରଣା। ଏହି ଅବସରରେ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ ଓ ସଂଗୀତ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷୟତ୍ରୀ ମିନତି କୁମାରୀ ପ୍ରଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ଆରଇଓ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କ୍ଷୁଦ୍ର ନାଟିକା 'ଛୁ ମନ୍ତର' ପରିବେଷଣ କରିଥିଲେୟ କାର୍ଯ୍ୟକ୍ରମରେ ଜିଲ୍ଲାର ୧୩ଗୋଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିବା ବେଳେ ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

## ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ସମାବେଶକୁ ଆସିବେ ମୁଖ୍ୟମନ୍ତ୍ରୀ

## ସାମ୍ବାଦିକଙ୍କ ପାଇଁ ଖୁବଶୀଘ୍ର ହେବ ସରକାରୀ ବ୍ୟବସ୍ଥା - ବିଧାୟକ ଭାସ୍କର ମଢେଇ

ଉଦଳା ( ମହାଭାରତ )- ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବରେ ଯୋଗଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀୟ ଏହା ସହିତ ଉକ୍ତ ଦିନ ହିଁ ଉଦଳାରେ ଅନେକ ନୂତନ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଜି ଉଦଳା ଠାରେ ଆୟୋଜିତ ହୋଇଥିବା ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ତୃତୀୟ ସାଧାରଣ ପରିଷଦ ବୈଠକରେ ମିଳିଛି ସୂଚନା। ଉଦଳା ସିପ୍ରନ ଇନ ହୋଟେଲରେ ଆଜି ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ତୃତୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ,ସମ୍ମାନିତ ଅତିଥି ଉଦଳା ଏନଏସି ନଗରପାଳ ପ୍ରମିଳା ପଣ୍ଡା, ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବାଛିନି, ରଂଜିତ କୁମାର ସାହୁ, ସୌରଭ ପଟ୍ଟନାୟକ, ବରିଷ୍ଠ ନେତା ବିଭୁତି ମହାନ୍ତ ପ୍ରମୁଖ ମଂଚାସୀନ ହୋଇଥିଲେ। ସାମ୍ବାଦିକ ଅରୁଣ କୁମାର ଓତାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଏହି ଅବସରରେ




ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମଢେଇ ନିଜର ବକ୍ତବ୍ୟ ସମୟରେ ଗଣତନ୍ତ୍ରର ୩ ସ୍ତମ୍ଭ ପାଇଁ ସମସ୍ତ ସୁବିଧା ସୁଯୋଗ ଥିଲେ ଚତୁର୍ଥ ସ୍ତମ୍ଭ ଅବହେଳିତ ଅବସ୍ଥାରେ, ତେଣୁ ଖୁବ ଶୀଘ୍ର ରାଜ୍ୟ ସରକାର ସାମ୍ବାଦିକଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଘୋଷଣା କରିବେ ବୋଲି କହିଥିଲେ। ଏହା ସହିତ ପ୍ରସ୍ତାବ ଦିଆଯାଇଥିବା ଅନୁସାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହେବାକୁ ଥିବା ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ଯୋଗ ଦେବେ ଏବଂ ଉକ୍ତ ଦିନ ଉଦଳା ଅଞ୍ଚଳରେ ଅନେକ ନୂଆ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ବିଧାୟକୟ ସମ୍ମାନିତ ଅତିଥି ଶ୍ରୀମତୀ ପଣ୍ଡା ସାମ୍ବାଦିକତା ଭଳି ସେବାକୁ ଆଦରି ଥିବା ବନ୍ଧୁମାନଙ୍କ ବାର୍ଷିକ ଉତ୍ସବ ବୈଠକରେ ସାମିଲ ହେବା ଗର୍ବର କଥା ବୋଲି କହିଥିଲେ। ଏହା ପରେ ଅନ୍ୟ ଅତିଥିମାନେ ନିଜର ମତ ରଖିବା ପରେ ବୈଠକକୁ ଶେଷ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ସନ୍ତୋଷ ବାଛିନି ସଂଯୋଜନା କରିଥିବା ବେଳେ ସାମ୍ବାଦିକ ସୁଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ସଂଘର ସଦସ୍ୟ ମାନଙ୍କୁ ନେଇ ହୋଇଥିଲା ବୈଠକୟ ଉକ୍ତ ବୈଠକରେ ଆଗାମୀ ବାର୍ଷିକ ଉତ୍ସବ ପାଳନ ନେଇ ବିଭିନ୍ନ ସବ କମିଟି ଗଠନ କରାଯାଇଥିଲା। ଖାଦ୍ୟ କମିଟି, ଅର୍ଥ କମିଟି, ସ୍ମରଣିକା କମିଟି ଭଳି ବିଭିନ୍ନ କମିଟି ପ୍ରସ୍ତୁତ କରାଯାଇଛି। ଉକ୍ତ କମିଟି ସଦସ୍ୟମାନେ କମିଟି ଅନୁସାରେ କାର୍ଯ୍ୟ କରିବା ସହିତ ଆଗାମୀ ବାର୍ଷିକ ଉତ୍ସବ କୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ପରିଷଦ ବୈଠକରେ ମୟୂରଭଞ୍ଜ ଜିଲ୍ଲାର ବାରିପଦା, ବାଙ୍ଗିରିପୋଷି, ରାଇରଙ୍ଗପୁର, ଖୁଣ୍ଟା, ଗୋପବନ୍ଧୁ ନଗର, ଉଦଳା, କରଞ୍ଜିଆ ସମେତ ଜିଲ୍ଲାର ସମସ୍ତ ଅଞ୍ଚଳର ସାମ୍ବାଦିକ ଯୋଗଦେଇଥିଲେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନାରେ ଜଗବନ୍ଧୁ ପ୍ରଧାନ, ସୁଶାନ୍ତ ମହାନ୍ତି, ତପନ କୁମାର ସେଠି, ଶ୍ୱେତ ସୁନ୍ଦର ମଲ୍ଲିକଙ୍କ ସମେତ ଅନ୍ୟ ସାମ୍ବାଦିକମାନେ ସହଯୋଗ କରିଥିଲେ।

## ୬୩ ତମ ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ ଚମ୍ପିୟନସିପ ପାରାଦୀପ ରେ ଉଦଘାଟିତ

ପାରାଦୀପ (ମହାଭାରତ):୬୩ ତମ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ ଚମ୍ପିୟନସିପ ବୁଧବାର ଅପରାହ୍ନ ରେ ପାରାଦୀପ ବନ୍ଦରର ଗୋପବନ୍ଧୁ ଷ୍ଟାଡିଅମ ଠାରେ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଅବସରରେ ପାରାଦୀପ ବନ୍ଦର ଟ୍ରାଫିକ ଉପଦେଷ୍ଟା ଆଶିଷ କୁମାର ବୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସପ୍ତାହ ବ୍ୟାପି ଏହି କ୍ରୀଡାର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଫୁଟବଲ ଆସୋସିଏସନ ର ସମ୍ପାଦକ ଆଶୀର୍ବାଦ ବେହେରା, ଇଫକୋ ପାରାଦୀପ ୟୁନିଟ ମୁଖ୍ୟ କେ.ଜେ.ପଟେଲ, ପାରାଦୀପ ବନ୍ଦର କ୍ରୀଡା ପରିଷଦ ର ସଭାପତି ଡି.ଏନ.ସୋନ୍ଧି, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା,ଫୁଟବଲ କୋଚ ରବି ଦାସ ଙ୍କ ସମେତ ଓଡିଶା ଫୁଟବଲ ଆସୋସିଏସନ ର କାର୍ଯ୍ୟକର୍ତ୍ତା ଏବଂ ପାରାଦୀପ ବନ୍ଦରର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଏହି ଉଦଘାଟନୀ ସମାରୋହରେ ଉପସ୍ଥିତ ଥିଲେ ।ଏହି ଚମ୍ପିୟନସିପ ରେ




କଟକ, ଗଞ୍ଜାମ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର, ପାରାଦୀପ, କେନ୍ଦ୍ରପଡ଼ା ସମେତ ଆଠ ଟି ଫୁଟବଲ ଜିଲ୍ଲା ଅଂଶଗ୍ରହଣ କରୁଛନ୍ତି । ତେବେ ପ୍ରଥମ ଉଦଘାଟନୀ ଦିବସରେ ବର୍ଷା ହେତୁ ଖେଳ କାଲି ପାଇଁ ସ୍ଥଗିତ ରହିଛି।

## ତୀର୍ଥ କରିବାକୁ ଯାଇ ବୁଦ୍ଧ ଗୟା ରୁ ନିଖୋଜ ହୋଇଯାଇଛନ୍ତି ବୃଦ୍ଧ

କନ୍ଧମାଳ:(ମହାଭାରତ ) : ଚରିଧାମ ତୀର୍ଥ କରିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି ଜଣେ ସତୁରି ବର୍ଷର ବୃଦ୍ଧ । ତେବେ ବୃଦ୍ଧ ଜଣକ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଧୀନରେ ଥିବା ପାହିରେଳୁ ଗାଁ ର ଦେବରାଜ କହଁର ବୋଲି ଜଣାପଡିଛି। ସୂଚନା ଅନୁସାରେ ଏହି ପାହିରେଳୁ ଗାଁ ର ଭରତ ସାହୁ, ଦେବରାଜ କହଁର ଏବଂ ଅନ୍ୟଜଣ ବୃଦ୍ଧ ଙ୍କୁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ନୟାଗଡ଼ ଅଂଚଳର ଦିବାକର ପ୍ରହାରାଜ ନାମକ ଜଣେ ବ୍ୟକ୍ତି ଚରିଧାମ ଯାତ୍ରା କରିବା ପାଇଁ ନେଇଥିଲେ । ଗତ ଶନିବାର ଦିନଠାରୁ ଏହି ବୃଦ୍ଧ ମାନେ ତୀର୍ଥ କରିବା ପାଇଁ ଗାଁ ରୁ ଯାଇଥିବା ବେଳେ ସୋମବାର ସକାଳୁ ବୁଦ୍ଧ ଗୟା ଠାରୁ ବୃଦ୍ଧ ଜଣକ ନୋଖୋଜ ହଇଯାଇଥିଲେ । ବହୁ ଖୋଜାଖୋଜି କଲାପରେ ମଧ୍ୟ ବୃଦ୍ଧ ଙ୍କ କୌଣସି ଖବର ମିନାଥିବାରୁ ଏମାନଙ୍କୁ ଦାୟିତ୍ୱ ରେ ନେଇଥିବା ବ୍ୟକ୍ତି ଦିବାକର ପ୍ରହରାଜ ଗୟା ର ପୋଲିସ ଥାନାରେ ବୃଦ୍ଧ ଜଣକ ନିଖୋଜ ହୋଇଯିବା ନେଇ ଏକ ଲିକିତ ଏତଲା ମଧ୍ୟ ଦେଇଥିବା ଜଣାପଡିଥିବା ବେଳେ ଗୟା ପୋଲିସ ମଧ୍ୟ ବୃଦ୍ଧ ଙ୍କୁ ଖୋଜାଖୋଜି ଜାରି ରଖିଥିବା ସୂଚନା ଦେଇଛନ୍ତି ଦିବାକର ପ୍ରହାରାଜ । ଅନ୍ୟପଟେ ସମସ୍ତ ତୀର୍ଥ ଯାତ୍ରୀ ଗାଁ କୁ ସୁରକ୍ଷିତ ଫେରିଆସିଥିବା ବେଳେ ନିଖୋଜ ବୃଦ୍ଧ ଙ୍କ ପରିବାର ଏବେ ଚିନ୍ତାରେ ରହିଛନ୍ତି । ସେପଟେ ବୃଦ୍ଧ ଙ୍କୁ ଖୋଜି ଆଣିବା ପାଇଁ ପରିବାର ଲୋକେ ଗମମାଧମ ଜରିଆରେ ଆକୁଳ ନିବେଦନ ମଧ କରିଛନ୍ତି ।

## ଘଡଘଡି ବିଜୁଳି ପଡ଼ି ଘର କ୍ୟା ନଷ୍ଟ ଅଳ୍ପକେ ବର୍ତ୍ତିଛନ୍ତି ପରିବାର ଲୋକେ

ବିଷମକଟକ(ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡା ପଞ୍ଚାୟତର ଶୁଙ୍କୁରୁ ପଡା ଗ୍ରାମର ହରି ଉଲ୍ଲାକା ଙ୍କ ଘରେ ଆଜି ପ୍ରବଳ ବର୍ଷା ଯୋଗୁଁ ଘଡଘଡି ବିଜୁଳି ପଡ଼ି ତାଙ୍କ ଘର ଟିଣ ପଡ଼ି ଘରର କାନ୍ଥ ଭୁଶୁଡ଼ି ପଡ଼ି ଯାଇଛି। ପରିବାରର କୌଣସି ବ୍ୟକ୍ତି ଙ୍କର କିଛି ହୋଇନାହିଁ। ପରିବାର ଲୋକେ ଆକାଶରେ କଳା ହାଣ୍ଡିଆ ମେଘ ଆସିବା ଦେଖି ତାଙ୍କ ପୋଡସି ଙ୍କ ଘରକୁ ଛାଲି ଯିବା କିଛି ସମୟ ପରେ ତାଙ୍କ ଘର ଉପରେ ବିଜୁଳି ପଡିଥିଲା। ତେଣୁ ଅଳ୍ପକେ ବର୍ତ୍ତିଛନ୍ତି ପରିବାର ଲୋକେ। ଏହି ସମ୍ପର୍କରେ ଆମେ ବିଷମକଟକ ବିଡ଼ିଓ ସଦାଶିବ ନାୟକ ଓ ବିଷମକଟକ ତହସିଲ କେ ଭେଙ୍କଟଶ୍ୱର ରେଡି ଙ୍କୁ ଜଣାଇବା ପରେ ନିଶ୍ଚିତ ଭାବରେ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଗୋବର୍ଦ୍ଧନ ଇନ୍ଦିରା ପଡା ସ୍କୁଲକୁ ଯିବା ରାସ୍ତାର ଦୁରାବସ୍ଥା ଯୋଗୁ ହିନସ୍ତାରେ ଯାତାୟତ କରୁଛନ୍ତି ଛାତ୍ରଛାତ୍ରୀ ଓ ଗ୍ରାମ ବାସୀ



ମୁନିଗୁଡା-(ମହାଭାରତ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇନ୍ଦିରାପଡା ଗ୍ରାମରେ ବିଗତ ସରକାରଙ୍କର ଶାସନ ୨୪ ବର୍ଷ ବିତିଗଲା,ରାୟଗଡା ଜିଲ୍ଲା ମୁନିଗୁଡା୍ଲକ ସଦର ମହକୁମାକୁ ସାହିମାନଙ୍କରେ ସିସି ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଅନୁଦାନ ଆସିଥିଲା। ମାତ୍ର ସେହି ଟଙ୍କା ସଠିକ୍ ଢଙ୍ଗରେ ବିନିଯୋଗ ନହୋଇ କର୍ମୀଙ୍କ ଆର୍ଥୀକ ସୁଦୃଢ଼ ନିମନ୍ତେ ନିମ୍ନମାନର ସିସି ରାସ୍ତାମାନ ନିର୍ମାଣ ହୋଇଥିଲା। କିଛିଦିନ ପରେ ସେହି ସିସି ରାସ୍ତାର ଅବସ୍ଥା ଯେଉଁ ତିମିରକୁ ସେହି ତିମରରେ ପରିଣତ ହୋଇ ପୁନର୍ବାର ଅନ୍ୟ ଯୋଜନାରେ ସେହି ସିସି ରାସ୍ତା ନିର୍ମାଣ କରାଯାଇ ସମର୍ପ୍ଣ କରାଯାଇ ଥାଏ। ଏପରି ସରକାରୀ ଅର୍ଥ ବାଟମାରଣ ହେଉଥିବା ଲେ ଯନ୍ତ୍ରୀ ଠିକାଦାର ମାଲେମାଲ ହୋଇ ଲୋକମାନେ ସେମାନଙ୍କ ଯାତାୟତ ରାସ୍ତାର ସୁଫଳ ପାଇପାରୁ ନାହାଁନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ସୃଷ୍ଟି ହୋଇଛି ମୁନିଗୁଡା ଗ୍ରାମପଞ୍ଚାୟତ ଗୋବର୍ଦ୍ଧନ ମୌଜାର ଇନ୍ଦିରାପଡା। ହାଟମୁନିଗୁଡା ଯାଇଥିବା ଗ୍ରାମ୍ୟ ଉଉୟନ ବିଭାଗର ମୁଖ୍ୟ ପିଚୁ ରାସ୍ତା ଠାରୁ ପାଟଖଣ୍ଡା ମନ୍ଦିର ଦେଇ ଇନ୍ଦିରାପଡା ସ୍କୁଲ ପର୍ଯ୍ୟନ୍ତ ସିସି ରାସ୍ତା ବିପର୍ଯ୍ୟସ୍ତ ହୋଇ ବର୍ଷା ଟିକିଏରେ ରାସ୍ତା ପାଣି କାଦୁଅରେ ସଡସଡ ହୋଇ ସ୍ତିକୁ ଲୋକମାନେ ଯାତାୟତ କରିବା କଷ୍ଟ ହୋଇ ପଡୁଛି। ଏପରିକି ଇନ୍ଦ୍ରପଡା ସାହି ବାସିନ୍ଦା ଓ ଛାତ୍ରଛାତ୍ରୀମାନେ ଏହି କାଦୁଅ ରାସ୍ତାରେ ପଶି ଘରକୁ ଯାଇଥାନ୍ତି। ଏଣୁ ସ୍କୁଲକୁ ଯିବା ଆସିବା କରିବା ଦ୍ୱାରା ବିଭିଡ ରୋଗର ଶିକାର ହେଉଛନ୍ତି। ତେଣୁ ସ୍କୁଲର ଛାତ୍ରଛାତ୍ରୀ ଓ ସ୍ତି ବାସିନ୍ଦାଙ୍କ ହିତ ଦୃଷ୍ଟିରୁ ତୁରନ୍ତ ଏହି ରାସ୍ତାର ଅବସ୍ଥା ସୋଭିକ କରିବାକୁ ବ୍ଲକ ପ୍ରଶାସନ ନିକଟରେ ଅଭିଭାବକ ଓ ସ୍ତି ବାସିନ୍ଦା ମାନେ ଦାମୀ ରହିଛି।

## ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଅପରିଚିତ ଶବକୁ ସତ୍କାର କରିବା ର କିଛି ସମୟ ପରେ ଶବ ର ପରିଚୟ ମିଳିଲା

ଅନୁଗୋଳ,(ମହାଭାରତ):ସୂଚନା ଥାଉ କି ଗତ ଗୁରୁବାର ଦିନ ଜଣେ ଅଜଣା ବ୍ୟକ୍ତି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଆସିଥିଲେ । ଡାକ୍ତର ମୃତ ଘୋଷଣା ପରେ ସ୍ଥାନୀୟ ପୋଲିସ ଉପସ୍ଥିତ ରେ ଶବ ବ୍ୟବଚ୍ଛେଦ ହୋଇଥିଲା । ଦୀର୍ଘ ପାଞ୍ଚ ଦିନ ରହିବା ପରେ କେହି ଦାବିଦାର ଆସି ନ ଥିଲେ । ଆଜି ପୋଲିସ ଶବ ର ଶେଷ ସାଥୀ ଚିନ୍ମୟୀ ଦାସ ଓ ସ୍ୱେଚ୍ଛାସେବୀ ସୁଧାକର ସାହୁ ଙ୍କୁ ଶବ ସତ୍କାର ପାଇଁ ଖବର ଦେଇଥିଲେ । ମୃତକ ଟିକୁ ପୋତି ସାରିବା ପରେ ସୋସିଆଲ ମିଡିଆରେ ପୋଷ୍ଟ କରିବାର କୋଡିଏ ମିନିଟ ଭିତରେ ମୃତକ ଙ୍କର ପରିଚୟ ମିଳିପାରିଥିଲା । ମୃତକ ହେଲେ ଅନଗୁଳ ଜିଲ୍ଲା ଆଙ୍କୁଳା ଗ୍ରାମ ର ପ୍ରଳୟ ଗୋଛାୟତ, ବୟସ (ବର୍ଷ),ପିତା ସ୍ୱର୍ଗତ ଭୀମ ଗୋଛାୟତ ବୋଲି ସମ୍ପର୍କୀୟ ସୂଚନା ଦେଇଛନ୍ତି।

## କାହିଁକି ପାଟଣାଗଡ଼ ଇଷ୍ଟଦେବୀ ଙ୍କୁ ବିଶ୍ୱାସର ଦେବୀ ମାଁ ପାଟଣେଶ୍ୱରୀ କୁହାଯାଏ

ପାଟଣାଗଡ଼ ( ମହାଭାରତ ) ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଅଞ୍ଚଳର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ। ମାଁ କୁ ଯିଏ ବି ଡାକି ଦେଲେ ମାଁ ଉଓ କରନ୍ତି । ଶକ୍ତି ସ୍ୱରୂପିଣି ମାଁ ମହାମାୟାଙ୍କ ଆଉ ଏକ ରୂପ ହେଉଛି ମାଁ ପାଟଣେଶ୍ୱରୀ। ମାଁ ଙ୍କ ତୀର୍ଥ କୁ ଯିଏ ବି ଗଲେ , କେହି କେବେ ଖାଲି ହାତରେ ଫେରି ଆସି ନ ଥାଏ । ସେଥି ପାଇଁ ତ ମାଁ ପାଟଣେଶ୍ୱରୀ ଙ୍କ ପିଠକୁ ବହୁ ଶ୍ରଦ୍ଧାଳୁ ଦୁରଦୂରାନ୍ତ ରୁ ଅନେକ ଭକ୍ତ ଙ୍କ ସୁଅ ଛୁଟିଥାଏ । ବିଶ୍ୱାସ ରହିଛି ଏଠାରେ ଭକ୍ତଙ୍କ ମନସ୍ କାମନା ପୂରଣ ହେବା ସହିତ ଶତ୍ରୁଙ୍କ ଠାରୁ ଏହି ଅ▢ଳକୁ ରକ୍ଷା କରିଥାନ୍ତି ମାଁ ପାଟଣେଶ୍ୱରୀ ।କାହି କେଉଁ ଆବାହନ କାଳ ରୁ ତାଙ୍କର ଏଠି ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଏ । ବିଶେଷ କରି ଦଶହରା



ସମୟରେ ମାଁ ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ । ଦଶହରା ଆରମ୍ଭ ହେବା ପୂର୍ବରୁ ମୂଳାଷ୍ଟମି ଦିନ ଠାରୁ ମାଁ ପାଟଣେଶ୍ୱରୀ ଙ୍କର ରୀତି ନୀତିରେ ପୂଜା ଆରମ୍ଭ ହୋଇଯାଏ । ଯେଉଁଥିରେ ପ୍ରତ୍ୟେହ ସଂଧ୍ୟାରେ ମାଁ'ଙ୍କର ବିଶେଷ ଆଳତୀ କରା ଯାଉଥିବା ବେଳେ ଧୂପ ,ଦୀପ , ନଡ଼ିଆ ଇତ୍ୟାଦିରେ ପୂଜା ପାଇଁ ଥାଆନ୍ତି ।ସେହି ପରୀ ଆଶ୍ୱିନ ଶୁକ୍ଳ ପକ୍ଷ ପ୍ରତିପଦା ଦିନ ବରୁଆ ବେଶରେ ଭକ୍ତ କୁ ଦର୍ଶନ ଦେଇ ଥାଆନ୍ତି ମାଁ ପାଟଣେଶ୍ୱରୀ । ସମାନ ଭାବରେ ଆଶ୍ୱିନ ଶୁକ୍ଳପକ୍ଷ ନବମୀ ଦିନରେ ନଗର ପରିକ୍ରମା କରି ଥାଆନ୍ତି ମାଁ ପାଟଣେଶ୍ୱରୀ । ଯାହାକୁ ପାଟଣାଗଡ଼ ର ବଏଲ ଯାତ୍ରା ବୋଲି ଲୋକେ କହି ଥାଆନ୍ତି , ଯେଉଁଥିରେ ମାଁ ପାଟଣେଶ୍ୱରୀ ନଗର ପରିକ୍ରମା କରିବା ସହିତ ସହରର ଚାରି ଦିଗକୁ ବୁଲି ଥାଆନ୍ତି ଏବଂ ଶତ୍ରୁ ନାଶ କରି ଥାଆନ୍ତି ବୋଲି ବିଶ୍ୱାସ କରାଯାଇ ଅଛି। ଏଥିରେ ରାଜ ପରିବାର ର ପାଟଖଣ୍ଡା ବ୍ୟବହାର ହୋଇଥାଏ। ମାଁ ଙ୍କ ର ଏହି ପିଠକୁ ତନ୍ତ୍ର ମନ୍ତ୍ରର ପୀଠ ବୋଲି ମଧ କୁହାଯାଏ , ଲୋକ ଙ୍କ କଥା , ରହିଛି ପୂର୍ବ ରୁ ବଲାଙ୍ଗିର ରୁ ପାଟଣାଗଡ଼ , ପାଟଣା ରାଜ୍ୟର ରାଜଧାନୀ ଥିଲା ଏବଂ ଇତିହାସ କାରଙ୍କ ଗବେଷଣା ଅନୁଯାୟୀ ୨୦୦୦ ବର୍ଷ ପୂର୍ବେ ଏହା ପତନଗଡ଼ ରୁ ପାଟଣାଗଡ଼ ହୋଇଅଛି , ଏଠାକାର ରାଜା ମାଧବ ଚନ୍ଦ୍ର ଦେଓ ଆତଙ୍କ ଖେଳାଇ ଥିବା କିଛି ଶତ୍ରୁକୁ ମାରିବା ପାଇଁ ବୁଢ଼ୀ କୋରେଢ଼ ଜଙ୍ଗଲ ଯାଇଥିଲେ , ସେହି ସମୟରେ ସେ ଜଙ୍ଗଲରେ ଥକି ଯାଇ , ଏକ ବୃକ୍ଷ ମୂଳେ ବସି ଆଶ୍ରୟ ନେଇଥିବା ବେଳେ ତାଙ୍କ ସାମ୍ନାରେ ମାଁ ବନଦୁର୍ଗା ପ୍ରକଟ ହୋଇଥିଲେ , ତେବେ ରାଜା ତାଙ୍କୁ ତାଙ୍କ ଗଡ଼ରେ ବିରାଜ ମାନ ହୋଇ ଶତ୍ରୁ ନାଶ କରିବାକୁ ପ୍ରାର୍ଥନା କରିଥିଲେ । ସେହି ଦିନ ଠାରୁ ବନଦୁର୍ଗା କୁ ଏଠି ସ୍ଥାପିତ କରା ଯାଇଥିଲା ଓ ସେ ପାଟଣେଶ୍ୱରୀ ରୂପରେ ଏଠି ଦକ୍ଷିଣ ମୁହାଁ ହୋଇ ମହିଷା ମର୍ଦିନି ବେଶରେ ପୂଜାପାଇ ଆସୁଛନ୍ତି , ସେହି ପରି ମାଁ'ଙ୍କ ନାମ ରୁ ପତନଗଡ଼ ରୁ ପାଟଣାଗଡ଼ ହୋଇଥିଲା ,ମାଁ ପାଟଣେଶ୍ୱରୀ କୁ ପାଟଣା ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ତଥା ଇଷ୍ଟ ଦେବୀ ଭାବରେ ସବୁ ରାଜା ,ପ୍ରଜା ପୂଜା କରି ଆସୁ ଥିବା ବେଳେ ଏବେ ବି ସେ ବଲାଙ୍ଗିର ଜିଲ୍ଲା ର ଇଷ୍ଟ ଦେବୀ ରୂପରେ ପୂଜା ପାଉଛନ୍ତି ।

## ପାରାଦୀପ ବନ୍ଦର ପକ୍ଷରୁ ୪୭ ତମ ବିଶ୍ୱ ସାମୁଦ୍ରିକ ଦିବସ ପାଳିତ

ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୪୭ତମ ବିଶ୍ୱ ସାମୁଦ୍ରିକ ଦିବସ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ମେରାଇନ ସାଇଟ ରେ ବନ୍ଦର ଉପ ସରଂକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ ବିଶ୍ୱ ସାମୁଦ୍ରିକ ଦିବସ ପତାକା ଉତ୍ତୋଳନ କରିଥିଲେ । ଏଥିରେ ପାରାଦୀପ ବନ୍ଦରର ବରିଷ୍ଠ ଅଧିକାରୀ, ମେରାଇନ ବିଭାଗର ଅଧିକାରୀ ଏବଂ ଓଡିଶା ମେରିଟାଇମ ଏକାଡେମୀ ର ଛାତ୍ର ମାନେ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଏକ ସଚେତନତା ରାଲି ବନ୍ଦର ସହର ପରିକ୍ରମା କରାଯାଇଥିଲା । ସନ୍ଧ୍ୟାରେ ଅଫିସର୍ସ କ୍ଲବ ଠାରେ 'ନୌ ଚଳାଚଳ ର ଭବିଷ୍ୟତ ଓ ସୁରକ୍ଷା ପ୍ରଥମ' ବିଷୟବସ୍ତୁ ଉପରେ



ଆଧାରିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ବନ୍ଦର ମେରାଇନ ଇଞ୍ଜିନିୟର ଏମ.କେ.ମହନ୍ତ ଓ ପାଇଲଟ ଏସ.ଏସ.ମିଶ୍ର ଯୋଗଦେଇ ନୌଚଳାଚଳ ର ଭବିଷ୍ୟତ ଓ ସୁରକ୍ଷା ଉପରେ ନିଜର ବକ୍ତବ୍ୟ ରଖିଥିଲେ । ସୂଚନାଥାଉକି,୧୯୭୮ ମସିହା ମାର୍ଚ୍ଚ ୧୭ ତାରିଖ ରେ ବିଶ୍ୱ ସାମୁଦ୍ରିକ ଦିବସ ପାଳନ କରାଯାଇଥିଲା ଏବଂ ସେହି ଦିନଠାରୁ ପ୍ରତିବର୍ଷ ସେପ୍ଟେମ୍ବର ମାସର ଶେଷ ସପ୍ତାହରେ ବିଶ୍ୱ ସାମୁଦ୍ରିକ ଦିବସ ପାଳନ କରାଯାଉଛି।

# ପ୍ରତ୍ୟାହୃତ ୩ କୃଷି ଆଇନ ପୁଣି ଲାଗୁ କରିବାକୁ ଚାହୁଁଛନ୍ତି କଙ୍ଗନା

**ନୂଆଦିଲ୍ଲୀ,୨୫।୯(ଏଜେନ୍ସି):** ପୁଣିଥରେ ଚର୍ଚ୍ଚାରେ ବିଜେପି ସାଂସଦ କଙ୍ଗନା ରାଣାଓ୍ୱତ । ଚାଷୀଙ୍କ ସବୁଠାରୁ ବଡ଼ ଆନ୍ଦୋଳନ ଯୋଗୁ ପ୍ରତ୍ୟାହାର ହୋଇଥିବା ୩ କୃଷି ଆଇନକୁ ପୁଣିଥରେ କେନ୍ଦ୍ର ସରକାର ଲାଗୁ କରନ୍ତୁ ବୋଲି କଙ୍ଗନା କହିଛନ୍ତି । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ହିମାଚଳ ପ୍ରଦେଶର ମଣ୍ଡିରେ ଅଭିନେତ୍ରୀରୁ ସାଂସଦ ହୋଇଥିବା କଙ୍ଗନା କହିଛନ୍ତି, ମୁଁ ଜାଣିଛି ଏହି ବୟାନ ବିବାଦୀୟ ହୋଇପାରେ । କିନ୍ତୁ ୩ କୃଷି ଆଇନ ପୁଣି ଆସିବା ଦରକାର। ଚାଷୀମାନେ ନିଜ ଆଡ଼ୁ ଏହାକୁ ଲାଗୁ କରିବା ପାଇଁ ଦାବି କରିବା ଉଚିତ । କଙ୍ଗନାଙ୍କ କହିବା କଥା ହେଲା ୩ କୃଷି ଆଇନ ଚାଷୀଙ୍କୁ ଫାଇଦା ଦେବ । ହେଲେ କିଛି



ରାଜ୍ୟର ଚାଷୀଙ୍କ ଆନ୍ଦୋଳନ ଯୋଗୁ ସରକାର ଏହାକୁ ପ୍ରତ୍ୟାହାର କରିଥିଲେ। ସେ କହିଛନ୍ତି, ଦେଶର ବିକାଶରେ ଚାଷୀମାନେ ହେଉଛନ୍ତି ଗୋଟିଏ ଶକ୍ତିଶାଳୀ ସ୍ତମ୍ଭ । ନିଜର ଫାଇଦା ପାଇଁ ସେମାନେ ୩ କୃଷି ଆଇନ ଲାଗୁ କରିବାକୁ ନିଜ ଆଡ଼ୁ ଦାବି କରନ୍ତୁ ବୋଲି ମୁଁ ସେମାନଙ୍କୁ ଆହ୍ୱାନ ଦେବାକୁ ଚାହିଁବି । କଂଗ୍ରେସ ପକ୍ଷରୁ କଙ୍ଗନାଙ୍କ ବୟାନର କଡ଼ା ଜବାବ ଦିଆଯାଇଛି । ଦଳ କେବେ ହେଲେ ଏମିତି ହେବାକୁ ଦେବନି ବୋଲି ମଧ୍ୟ କଂଗ୍ରେସ କହିଛି । କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନେତ କହିଛନ୍ତି, ୩ କଳା ଚାଷୀ ବିରୋଧୀ ଆଇନକୁ ବିରୋଧ କରି ୭୫୦ ଜଣ କୃଷକ ସହିଦ ହୋଇଛନ୍ତି। ଏବେ ପୁଣି ସେହି ଆଇନକୁ ପୁଣି ଲାଗୁ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଆମେ ଏହା କେବେ ହେବାକୁ ଦେବୁ ନାହିଁ । ହରିୟାଣା ପ୍ରଥମ ରାଜ୍ୟ ଭାବେ ଏହାର ଉତ୍ତର ଦେବ । ଆଗକୁ ହରିୟାଣା ବିଧାନସଭା ନିର୍ବାଚନ ଥିବାରୁ ସୁପ୍ରିୟା ଏପରି କଥା କହିଛନ୍ତି ।

# ଆମେରିକା ନୁହେଁ ଫ୍ରାନ୍ସରୁ ଯୁଦ୍ଧାସ୍ତ୍ର କିଣିବ ଭାରତ

**ନୂଆଦିଲ୍ଲୀ,୨୫।୯(ଏଜେନ୍ସି):** ଭାରତ ଓ ଫ୍ରାନ୍ସ ମଧ୍ୟରେ ଅସ୍ତ୍ରଶସ୍ତ୍ରକୁ ନେଇ ଏକ ବଡ଼ ଚୁକ୍ତି ହେବାକୁ ଯାଉଛି ଏବଂ ଏହି ଚୁକ୍ତି ଏକ ନିଆରା ଚୁକ୍ତି ହେବାକୁ ଯାଉଛି । କାରଣ ଯୁଦ୍ଧାସ୍ତ୍ର ସହ ତାହାର ଟେକନଲୋଜୀ ମଧ୍ୟ ଦେବାକୁ ଫ୍ରାନ୍ସ ରାଜି ହୋଇଛି । ଅସ୍ତ୍ରଶସ୍ତ୍ର ବିକ୍ରୟ କରୁଥିବା ଦେଶମାନେ ଯେତେବେଳେ ଟେକ୍ନୋଲୋଜି ଟ୍ରାନ୍ସଫର (ଟିଓଟି) କଥା ଆସେ, ସେମାନେ ଦ୍ୱିଧାଗ୍ରସ୍ତ ହୋଇଯାଆନ୍ତି ଏବଂ ଟିଓଟି ପାଇଁ ସହଜରେ ପ୍ରସ୍ତୁତ ହୁଅନ୍ତି ନାହିଁ । କିନ୍ତୁ ଭାରତ ଏବେ ଅସ୍ତ୍ରଶସ୍ତ୍ର ବିକ୍ରି କରୁଥିବା ଦେଶଗୁଡ଼ିକୁ କହୁଛି ଯେ ଆମକୁ କେବଳ ଅସ୍ତ୍ରଶସ୍ତ୍ର ର ଆବଶ୍ୟକତା ନାହିଁ, ବରଂ ଆମକୁ ଟେକ୍ନୋଲୋଜି ହସ୍ତାନ୍ତର ମଧ୍ୟ ଆବଶ୍ୟକ ଏବଂ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଅଧୀନରେ ଅସ୍ତ୍ରଶସ୍ତ୍ର କିମ୍ବା ଉପକରଣର କିଛି ଅଂଶ ଭାରତରେ



ମଧ୍ୟ ଉତ୍ପାଦନ କରାଯିବା ଉଚିତ୍ । ଭାରତର ଏହି ସର୍ତ୍ତକୁ ଆମେରିକା ଗ୍ରହଣ କରିନଥିବାବେଳେ ଫ୍ରାନ୍ସ ରାଜି ହୋଇଛି ୧୦୦% ଟେକ୍ନୋଲୋଜି ହସ୍ତାନ୍ତର ସହିତ ୧୧୦ କିଲୋ ନ୍ୟୁଟନ୍ ଥ୍ରଷ୍ଟ ଯୁଦ୍ଧ ବିମାନ ଇଞ୍ଜିନ ଭାରତକୁ ଯୋଗାଇବାକୁ ଫ୍ରାନ୍ସ ପ୍ରସ୍ତୁତ ଅଛି । ଅଣ୍ଡରଓ୍ୱାଟର ଡ୍ରୋନ୍ ଏବଂ ପରମାଣୁ ବୁଡ଼ାଜାହାଜ ଯୋଗାଇବା ପାଇଁ ମଧ୍ୟ ଫ୍ରାନ୍ସ ପ୍ରସ୍ତୁତ ରହିଛି । ଏବେ ଏନଏସଏ ଅଜିତ ଡୋଭାଲ ଏହି ଚୁକ୍ତିରେ ମୋହର ଲଗାଇବାକୁ ଫ୍ରାନ୍ସ ଯିବେ । ଯେକୌଣସି ବଡ଼ ଅସ୍ତ୍ର ଶସ୍ତ୍ର ପାଇଁ ଶତ ପ୍ରତିଶତ ଟେକ୍ନୋଲୋଜି ହସ୍ତାନ୍ତର କରିବା ଏକ ବଡ଼ କଥା, କିନ୍ତୁ ଫ୍ରାନ୍ସ ଏଥିପାଇଁ ପ୍ରସ୍ତୁତ ଅଛି ।

# କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବଢ଼ିଲା ଅଡୁଆ

**ନୂଆଦିଲ୍ଲୀ,୨୫।୯(ଏଜେନ୍ସି):** କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ହାଇକୋର୍ଟ ଝଟକା । ଜମି ଦୁର୍ନୀତିରେ ସିଦ୍ଧରମୈୟାଙ୍କ ବିରୋଧରେ ମାମଲା ପାଇଁ ରାଜ୍ୟପାଳଙ୍କ ଅନୁମୋଦନ ଠିକ୍ ବୋଲି କହିଛନ୍ତି ହାଇକୋର୍ଟ । ରାଜ୍ୟପାଳଙ୍କ ଅନୁମୋଦନକୁ ଖାରଜ କରିବାକୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ସିଦ୍ଧରମୈୟା । କିନ୍ତୁ ହାଇକୋର୍ଟ କହିଛନ୍ତି, ଆଇନ ଅନୁସାରେ ରାଜ୍ୟପାଳଙ୍କ ନିଷ୍ପତ୍ତି ଉଚିତ । ସେ ଠିକରେ ନିରପେକ୍ଷ ଭାବେ ନିଷ୍ପତ୍ତି ନେଇଛନ୍ତି। ଜମି ଦୁର୍ନୀତି ଅଭିଯୋଗର



ତଦନ୍ତ ହେବ କହି ସିଦ୍ଧରମୈୟାଙ୍କ ପିଟିସନକୁ ଖାରଜ କରିଛନ୍ତି କର୍ଣ୍ଣାଟକ ହାଇକୋର୍ଟ । ଦୁଇ ସପ୍ତାହ ଯାଏ ହାଇକୋର୍ଟଙ୍କ ରାୟ ସ୍ଥଗିତ ରଖିବାକୁ ମଧ୍ୟ କରଯାଇଥିବା ଆବେଦନକୁ ଖାରଜ କରାଯାଇଛି । ଜାଲିଆତି କରି ସିଦ୍ଧରମୈୟା ନିଜ ପରିବାର ପାଇଁ ଜମି ହାତେଇଥିବାର ଅଭିଯୋଗ ହୋଇଥିଲା । ଆଜିର ହାଇକୋର୍ଟଙ୍କ ରାୟ ପରେ ବିଜେପି ସିଦ୍ଧରମୈୟାଙ୍କ ଇସ୍ତଫା ଦାବି କରିଛି ।

# ଭାରତକୁ ବାଂଲାଦେଶର ଧମକ

**ନୂଆଦିଲ୍ଲୀ,୨୫।୯(ଏଜେନ୍ସି):** ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ କ୍ରମାଗତ ଭାବେ ଆକ୍ରମଣ କରାଯାଉଛି । ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଗଠିତ ନୂତନ ମଧ୍ୟବର୍ତ୍ତୀକାଳୀନ ସରକାର ଏହି ଆକ୍ରମଣକୁ ରୋକିବାରେ ଅସଫଳ ହୋଇଛନ୍ତି । କିନ୍ତୁ ଏହି ସରକାର ଭାରତକୁ ଧମକ ଦେବାକୁ ପଛାଉ ନାହାଁନ୍ତି । ନିକଟରେ ଝାଡଖଣ୍ଡର ବୋକରୋଠାରେ ଏକ ରାଲିରେ ସମ୍ବୋଧିତ କରିବାବେଳେ ଗୃହମନ୍ତ୍ରୀ ଅମିତ ଶାହା କହିଥିଲେ ଯେ ଏଠାରେ ଅନୁପ୍ରବେଶକାରୀଙ୍କ ପାଇଁ ସ୍ଥାନ ନାହିଁ । ଆମ ସରକାର ଆସିବା ପରେ ସେମାନଙ୍କଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆମେ ସମସ୍ତଙ୍କୁ ତାଙ୍କ ସ୍ଥାନକୁ ଫେରାଇଦେବୁ । ଶାହାଙ୍କର ଏହି ବୟାନରେ ରାଗରେ ଜରଜର ହେଉଛି ବାଂଲାଦେଶ ସରକାର । ଏହାକୁ ବିରୋଧ କରି ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ ଢାକାରେ ଭାରତୀୟ ଡେପୁଟି ହାଇ କମିଶନରଙ୍କୁ ଏକ ପ୍ରତିବାଦ ପତ୍ର ଲେଖିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଭାରତୀୟ ନେତାମାନେ ବାଂଲାଦେଶୀମାନଙ୍କ ବିଷୟରେ ଏଭଳି ଆପତ୍ତିଜନକ ମନ୍ତବ୍ୟ ଗ୍ରହଣୀୟ ନୁହେଁ ସେମାନେ ଏଭଳି ମନ୍ତବ୍ୟ ଦେବା ଠାରୁ ଦୂରେଇ ରହିବା ଉଚିତ୍ ।ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ ସୋମବାର ଭାରତୀୟ ଡେପୁଟି ହାଇ କମିଶନରଙ୍କ ନିକଟକୁ ଏହି ପତ୍ର ଲେଖିଛନ୍ତି । ୟୁନୁସଙ୍କ ସରକାର ଜୋର ଦେଇଛି ଯେ ପଡୋଶୀ ଦେଶର ନାଗରିକଙ୍କ ବିରୋଧରେ ଦାୟିତ୍ୱପୂର୍ଣ୍ଣ ପଦବୀରେ ବସିଥିବା ବ୍ୟକ୍ତିଙ୍କ ମୁଖରୁ ଆସିଥିବା ଏଭଳି ମନ୍ତବ୍ୟ ଦୁଇ ବନ୍ଧୁ ଦେଶ ମଧ୍ୟରେ ପାରସ୍ପରିକ ସମ୍ମାନ ଏବଂ ବୁଝାମଣାକୁ ଦୁର୍ବଳ କରିଥାଏ । ଆମେ ଏହାକୁ ଏଡ଼ାଇବା ଉଚିତ୍ । ହେଲେ ଏପର୍ଯ୍ୟନ୍ତ ଭାରତ ପକ୍ଷରୁ ଏନେଇ କେଣସି ପ୍ରତିକ୍ରିୟା ମିଳିନାହିଁ । ଅମିତ ଶାହା ଶୁକ୍ରବାର ନିର୍ବାଚନ ପ୍ରଚାର ପାଇଁ ଝାଡଖଣ୍ଡ ଗସ୍ତରେ ଥିଲେ । ସେ ଭୋଟବ୍ୟାଙ୍କ ରାଜନୀତି ପାଇଁ ଜେଏମ୍ଏମ୍ ନେତୃତ୍ୱାଧୀନ ମିଳିତ ସରକାର ବେଆଇନ ଅନୁପ୍ରବେଶକୁ ପ୍ରୋତ୍ସାହିତ କରୁଥିବା ଆରୋପ ଲଗାଇଥିଲେ । ଯଦି ଏହା ବନ୍ଦ ନହୁଏ ତେବେ ଆସନ୍ତା ୨୫-୩୦ବର୍ଷ ମଧ୍ୟରେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ସେ ଚେତାବନୀ ଦେଇଛନ୍ତି । ବୋକାରୋରେ ଶାହା ଏହା ମଧ୍ୟ କହିଥିଲେ, 'ରାଜ୍ୟରେ ଅନୁପ୍ରବେଶକାରୀଙ୍କ ପାଇଁ ସ୍ଥାନ ନାହିଁ । ସେମାନେ ଆମ ଝିଅମାନଙ୍କୁ ବିବାହ କରୁଛନ୍ତି, ଜମି ଅକ୍ତିଆର କରୁଛନ୍ତି ଏବଂ ସମୃଦ୍ଧ ଆଦିବାସୀ ସଂସ୍କୃତି ଏବଂ ଐତିହ୍ୟକୁ ନଷ୍ଟ କରୁଛନ୍ତି । ଆମ ସରକାର ଆସିବା ପରେ ଆମେ ପ୍ରତ୍ୟେକଙ୍କୁ ବାହାର କରିଦେବୁ । ଅମିତ ଶାହା ଦାବି କରିଛନ୍ତି ଯେ ଅନୁପ୍ରବେଶକାରୀଙ୍କ ହେତୁ ସନ୍ଥାଲ ପରଗାନା ଆଦିବାସୀଙ୍କ ସଂଖ୍ୟା ୪୪%ରୁ ୨୮% କୁ ହ୍ରାସ ପାଇଛି । ସାହିବଗଞ୍ଜ ଜିଲ୍ଲାର ୧୦୦୦ କୋଟି ଟଙ୍କାର ଖଣି ସ୍କାମ, ସେନା ଲ୍ୟାଣ୍ଡ ସ୍କାମ ଏବଂ ପେପର ଲିକ ସ୍କାମ ସମେତ ବର୍ତ୍ତମାନର ସରକାର ସମୟରେ ଘଟିଥିବା ଏହି ସ୍କାମ ବିଷୟରେ ସେ ଉଲ୍ଲେଖ କରିଥିଲେ ।

# ଜାପାନରେ ଶକ୍ତିଶାଳୀ ଭୂମିକମ୍ପ, ସୁନାମୀ ଆଲର୍ଟ

**ନୂଆଦିଲ୍ଲୀ,୨୫।୯(ଏଜେନ୍ସି):** ପୁଣି ଥରେ ଥରିଲା ଜାପାନ । କିଛି ସମୟ ପୂର୍ବରୁ ଜାପାନରେ ଆସିଛି ଭୟଙ୍କର ଭୂକମ୍ପ । ଶକ୍ତିଶାଳୀ ଭୂକମ୍ପ ପରେ ଟୋକିଓର ଦକ୍ଷିଣରେ ଥିବା ଦୂର ଦ୍ୱୀପପୁଞ୍ଜ ପାଇଁ ଜାପାନର ପାଣିପାଗ ବିଭାଗ ସୁନାମି ଚେତାବନୀ ଦେଇଛି । ତେବେ ଭୂକମ୍ପ ଯୋଗୁଁ ଏପର୍ଯ୍ୟନ୍ତ କେଣସି କ୍ଷୟକ୍ଷତି ହୋଇନାହିଁ । ଜାପାନ ପାଣିପାଗ ବିଭାଗ କହିଛି ଯେ ମଙ୍ଗଳବାର ସକାଳେ ଇଜୁ ଦ୍ୱୀପର ଉପକୂଳବର୍ତ୍ତୀରେ ୫.୯ ମ୍ୟାଗ୍ନିଚ୍ୟୁଡର ଏକ ଭୂକମ୍ପ ଅନୁଭୂତ ହେଇଛି ଏବଂ କିଛି ସମୟ ମଧ୍ୟରେ ଏହି ଅଞ୍ଚଳରେ ଏକ ମିଟର ପର୍ଯ୍ୟନ୍ତ ଲହରୀ ଆଶଙ୍କା କରାଯାଇପାରେ ବୋଲି ଚେତାବନୀ ଦେଇଛି। ଗତ ମାସରେ ଦକ୍ଷିଣ ଜାପାନର ମିୟାଜାକି ପ୍ରିଫେକ୍ଟରରେ ୭.୧ ମ୍ୟାଗ୍ନିଚ୍ୟୁଡର ଏକ ଭୂକମ୍ପ ଘଟିଥିଲା । ଏହି ଭୂକମ୍ପରେ ଅତି କମରେ ୧୬ ଜଣ ଆହତ ହୋଇଥିଲେ । ଏଥି ସହିତ, ୫୦ସେମି ଉଚ୍ଚତା ବିଶିଷ୍ଟ ଛୋଟ ସୁନାମି ତରଙ୍ଗ ସୃଷ୍ଟି



ହେଇଥିଲା । ଏହି ଘଟଣା ପରେ ଜାପାନ ମେଟେରୋଲୋଜିକାଲ ଏଜେନ୍ସି (ଜେଏମଏ) ପ୍ରଥମ ଥର ପାଇଁ ମେଗାକ୍ୱାକ ଆଲର୍ଟ ଜାରି କରିଛି । ଜାପାନରେ ଏହା ପ୍ରଥମ ଥର ପାଇଁ ଜାରି କରାଯାଇଛି । ଏହି ଭୂକମ୍ପର କେନ୍ଦ୍ର ଉପକୂଳଠାରୁ ଦୂରରେ ଏବଂ ପ୍ରାୟ ୨୫ କିଲୋମିଟର ଦୂରରେ ଥିବା ଏକ ଭୂତଳ ସମୁଦ୍ର କୂଳ ନାନକାଇ ଟ୍ରଫ୍ ନିକଟରେ ଥିଲା ।ନାନକାଇ ଟ୍ରଫ୍ ତଳେ ଏକ ବଡ଼ ତ୍ରୁଟି ଜୋନ୍ ଥିବାର ସନ୍ଧାନ ମିଳିଛି। ଜାପାନ ସରକାରଙ୍କ ଅନୁଯାୟୀ, ଏପରି ଭୂକମ୍ପ ଯୋଗୁଁ ଲକ୍ଷାଧିକ ଲୋକ ଆହତ ହୋଇପାରନ୍ତି । ଏକ ମେଗାକ୍ୱାକ ଆଲର୍ଟ ଏବଂ ପରାମର୍ଶଦାତା ପ୍ରଦାନ କରୁଥିବାବେଳେ ଜେଏମଏ କହିଛି ଯେ ସାଧାରଣ ପରିସ୍ଥିତିରେ ଘଟିଥିବା ଭୂକମ୍ପ ଅପେକ୍ଷା ବଡ଼ ଧରଣର ଭୂକମ୍ପ ହେବାର ସମ୍ଭାବନା ଅଧିକ । ପାଣିପାଗ ବିଜ୍ଞାନୀଙ୍କ ଅନୁଯାୟୀ, ରିଚ୍ଟର ସ୍କେଲରେ ୮ ରୁ ଅଧିକ ତୀବ୍ରତା ବିଶିଷ୍ଟ ଭୂକମ୍ପକୁ ମେଗାକ୍ୱେକ୍ ଶ୍ରେଣୀଭୁକ୍ତରେ କରାଯାଇଛି । ଏହି ତୀବ୍ରତାର ଭୂକମ୍ପ ବିନାଶ ଆଣିପାରେ ବିଶ୍ୱାସ କରାଯାଏ ଯେ ଏହି ପ୍ରକାର ଭୂକମ୍ପ ପ୍ରତି ୧୦୦ବର୍ଷରେ ଥରେ ଘଟେ, ଯେଉଁଥି ପାଇଁ ଜାପାନରେ ଏକ ମେଗାକ୍ୱାକ ଆଲର୍ଟ ଜାରି କରାଯାଇଛି ।

# ମୃତକଙ୍କ ପରିବାରକୁ ସମବେଦନା ଜଣାଇଲେ ପୂର୍ବତନ ମନ୍ତ୍ରୀ

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଭଦ୍ରେଶ୍ୱର ଥାନା ଗୋତରା ଗ୍ରାମରେ ପହଂଚି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଜଣେ ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି। ଗୋତରା ଗ୍ରାମର ସୁକଦେବ ବେହେରାଙ୍କ ଏକମାତ୍ର ପୁତ୍ର ଗୋପିନାଥ ବେହେରା ଗତ ଗଣେଷପୂଜା ଦିନ ଏକ ବାଇକରେ ଆସୁଥିଲା ବେଳେ ନାହାଙ୍ଗ ନିକଟରେ ଅଜଣା ଗାଡି ଧକ୍କାରେ ମୃତ୍ୟୁବରଣ କରିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ କେନ୍ଦ୍ରରେ ସ୍ଥାନୀୟ ଲୋକେ ଭର୍ତି କରିଥିଲେ। ଅବସ୍ଥା ଉଦବେଗ ଜନକ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ୭ଦିନ ପରେ ଗୋପିନାଥ ଆଖି ବୁଜୁଥିଲେ। ଖବର ପାଇ ମାହାଙ୍ଗାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଆଜି ଅପରାହ୍ନରେ ତାଙ୍କ ଗୋତରାସ୍ଥିତ ବାସଭବନକୁ ଯାଇ ଗଭୀର ସମବେଦନା ଜଣାଇବା ସହ ମୃତକଙ୍କ ପରିବାରକୁ ୫ହଜାର ଟଙ୍କାର ଆର୍ଥୀକ ସହାୟତା ପ୍ରଦାନ କରିଥିଲେ। ଶ୍ରୀ ଜେନାଙ୍କ



ସହ ଗୋତରା ସରପଂଚ ସୂର୍ଯ୍ୟକାନ୍ତ ପଣ୍ଡା, ଯୁବସମାଜସେବୀ ଦେବରଞ୍ଜନ ମହାନ୍ତି, ପୂର୍ବତନ ସରପଂଚ ଚିତରଞ୍ଜନ ମହାପାତ୍ର, ସମିତି ସଭ୍ୟ ପ୍ରଦିପ୍ତ କୁମାର ବିଶ୍ୱାଳ, ତ୍ରିନାଥ ଜେନା,ପ୍ରୀତମ କାନୁନଗୋ, ପ୍ରେମାନନ୍ଦ ଷଡଙ୍ଗୀ, ଯୁବନେତା ଶଶାଙ୍କ ଖେଖର ବେହେରା, ଦୋଳଗୋବିନ୍ଦ ପ୍ରଧାନ, ନିବାସ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ତେବେ ଶ୍ରୀ ଜେନାଙ୍କ ଏହି ମହତ କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

## ଜିଲ୍ଲା ପରିଷଦର ସ୍ୱତନ୍ତ୍ର ବୈଠକ

# ଜିଲ୍ଲାରୁ ଦୂର ହେବ ଶିକ୍ଷକ ସମସ୍ୟା

**କେନ୍ଦ୍ରାପଡ଼ା,(ନି.ପ୍ର):** ଷଷ୍ଠ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ଏକ ସ୍ୱତନ୍ତ୍ର ବୈଠକ ବୁଧବାର ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସଙ୍କ ଅଧ୍ୟକ୍ଷ୍ୟତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ରହିଥିବା ଶିକ୍ଷକ ସମସ୍ୟା ଦୂର ହେବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ କହିଥିଲେ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩ ସେପ୍ଟେମ୍ବର ମାସରେ କନିଷ୍ଠ ଶିକ୍ଷକ ପଦବୀ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା। ପରେ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ୧୨୬୫ଟି ଅନୁମୋଦିତ ପଦବୀ ନିମନ୍ତେ ଅନଲାଇନ ମାଧ୍ୟମରେ ଆବେଦନ ପତ୍ର ଆହ୍ୱାନ କରାଯାଇଥିଲା। ଏହା ପରେ ୧୧୬୫ଟି ଯୋଗ୍ୟ ପ୍ରାର୍ଥୀଙ୍କ ନଥିପତ୍ର ଯାଞ୍ଚ କରାଯାଇଥିଲା। ଜିଲ୍ଲା ପାଇଁ ୧୦୩୮ଜଣଙ୍କ ଯୋଗ୍ୟ ତାଲିକା ପ୍ରକାଶ ପାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦବୀ ପୂରଣ ନିମନ୍ତେ ସମସ୍ତ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଠାରୁ ଖାଲିଥିବା ବିଦ୍ୟାଳୟମାନଙ୍କର ତାଲିକା ମଗାଯାଇ ୧୦୩୮ଗୋଟି ବିଦ୍ୟାଳୟର ତାଲିକା ସରକାରଙ୍କୁ ପ୍ରେରଣ କରାଯାଇଥିଲା। ଆଜି



ଜିଲ୍ଲାପରିଷଦ ବୈଠକରେ ଅନୁମୋଦନ ହୋଇଛି। ବ୍ଲକଓ୍ୱାରୀ ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ବେଳେ ଯେଉଁ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି ସେହି ବିଦ୍ୟାଳୟରେ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଚୂଡ଼ାନ୍ତ ତାଲିକାର ଅନୁମୋଦନ ନିମନ୍ତେ ଉକ୍ତ ବୈଠକ ଆହ୍ୱାନ କରାଯାଇଥିଲା। ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ନିଲୁ ମହାପାତ୍ର, ଜିଲ୍ଲାପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡା, ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଜିଲ୍ଲା ପରିଷଦ ସମସ୍ତ ଜୋନର ସଦସ୍ୟ/ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ମହାପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ

**ପାରଳାଖେମଣ୍ଡି,(ନି.ପ୍ର):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ କୁଜାସିଂ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନିଲ କାନ୍ତ ମହାନ୍ତି, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଦିଲ୍ଲିପ କୁମାର ବେହେରା ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି କୁଜାସିଂ ଗ୍ରାମ ପଞ୍ଚାୟତ ସମେତ ନମନଗଡ, ଜୀବା ଓ ଝାମୀ ପଞ୍ଚାୟତର ସମୁଦାୟ ମୋଟ- ୧୬୦ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୦୫ ଗୋଟି, ଗ୍ରାମ ଭିତ୍ତିକ ସମସ୍ୟା- ୫୫ ଗୋଟି ଆସିଥିଲା , ସେଥିମଧ୍ୟରୁ ୭ ଗୋଟି ଆଭିଯୋଗକୁ ତୁରନ୍ତ ଫୈସଲା କରାଯାଇ ସମାଧାନ କରଯାଇଛି। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା।

# ୭୨ତମ ଜିଲ୍ଲା ପରିଷଦ ବୈଠକ



**ମାଲକାନଗିରି, (ନି.ପ୍ର):** ମାଲକାନଗିରି ସଦର ସ୍ଥିତ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ୭୨ ତମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବରଙ୍ଗପୁର ସାଂସଦ, ବଳଭଦ୍ର ମାଝୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ପତିତ ପାବନ ବୈଦ୍ୟ, ମାଲକାନଗିରି ବିଧାୟକ, ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ, ମଙ୍ଗୁ ଖିଲ, ଜିଲ୍ଲାପାଳ, ଆଶିଷ ଈଶ୍ୱର ପାଟିଲ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ମଞ୍ଚାସୀନ ଥିଲେ। ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ଗ୍ରାମାଞ୍ଚଳ ରାସ୍ତାକୁ ରାସ୍ତା ଓ କୋଠାବାଡ଼ି ବିଭାଗକୁ ହସ୍ତାନ୍ତର କରି କାର୍ଯ୍ୟ ତ୍ୱରାନିତ କରିବା ପାଇଁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମେଗା ଲିଫ୍ଟ ୧୨ ଟି ପ୍ରକଳ୍ପରୁ ୮ ଟି ସଂପୂର୍ଣ୍ଣ ହୋଇଛି ବୋଲି ସୂଚନା ଦିଆଯାଇଛି। ଜିଲ୍ଲାର କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ଆଜି ବୈଠକରେ ଅନୁମୋଦନ କରାଯାଇଅଛି। କେନ୍ଦୁ ପତ୍ର ନିମନ୍ତେ ଲୋକଙ୍କ ମଧ୍ୟରେ ଆହୁରି ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଅଛି ବୋଲି ସାଂସଦ ଗୁରୁତ୍ୱାରୋପ କରିଛନ୍ତି। ଅଗ୍ରାଧିକାର ଭିତ୍ତିରେ ଜାତୀୟ ରାଜପଥ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ କୁହାଯାଇଛି । ଆଦିବାସୀ ଓ ହରିଜନ ଉନ୍ନୟନ, କୃଷି, ପ୍ରାକୃତିକ ବିପର୍ଯ୍ୟୟ ଓ ସ୍ୱାସ୍ଥ୍ୟ ସେବା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଛି। ବୈଠକରେ ଜିଲ୍ଲା ପରିଷଦର ସମସ୍ତ ସଭ୍ୟ, ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡାରେ ଜୋନ ସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା

**କେନ୍ଦ୍ରାପଡ଼ା,(ନି.ପ୍ର):** କେନ୍ଦ୍ରାପଡ଼ା ସହରର ଇଛାପୁର ସରକାରୀ ହାଇସ୍କୁଲ ପରିସରରେ ଟି.ଇ. ଓ ଏସସିଇଆରଟି ନିର୍ଦ୍ଦେଶାଳୟ, ଓଡିଶା ସହାୟତାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏକ ଜୋନ ସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମହାକାଳପଡା ମଣ୍ଡଳ ଶିକ୍ଷା ଅଧିକାରୀ ତନ୍ମୟ ବେହେରା, ମାର୍ଶାଘାଇ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଇଛାପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବିଣାପାଣୀ ଦାଶ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଜିର ଦିନରେ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ।



ରାଜକନିକା ହାଟସାହି ହାଇସ୍କୁଲର ଶିକ୍ଷକ ନିରଞ୍ଜନ ବେହେରା ଓ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲର ଶିକ୍ଷୟିତ୍ରୀ ବିଜୟାଲକ୍ଷ୍ମୀ ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ କଟକ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ବିଚାରପତି ଭାବେ ଡ୍ରାମା ତଥା ଯାତ୍ରା ନିର୍ଦ୍ଦେଶକ ଦିଲ୍ଲିପ କୁମାର ସାହୁ ଓ ଆକାଶବାଣୀ କଟକର କଳାକାର ଅଭିରାମ ନାୟକ ଯୋଗଦେଇଥିଲେ। ଅପରାହ୍ନରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ୍ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଡେରାବିଶ ବ୍ଲକର ବରିଷ୍ଠ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ଇଛାପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବିଣାପାଣୀ ଦାଶ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ, ଯାତ୍ରା ନିର୍ଦ୍ଦେଶକ ଦିଲ୍ଲିପ କୁମାର ସାହୁ ଓ କଳାକାର ଅଭିରାମ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖୋର୍ଦ୍ଧା ଜିଲ୍ଲା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଯାଜପୁର ଜିଲ୍ଲା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଜଗତସିଂହପୁର ଜିଲ୍ଲାର କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରଘୁନାଥ ଦାସ, ଲାଲବାବୁ ଖାଁ, ପ୍ରଶାନ୍ତ କୁମାର ଦାସ, ଶୁଭେନ୍ଦୁ ନାୟକ, ମହେନ୍ଦ୍ର ବିଶ୍ୱାଳଙ୍କ ସମେତ ଇଛାପୁର ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଖୋର୍ଦ୍ଧା ଜିଲ୍ଲାର କୃତି ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି।

# କାନପୁରରେ ୩ ସ୍ପିନରଙ୍କୁ ନେଇ ଓହ୍ଲାଇପାରେ ଭାରତ



**କାନପୁର,୨୫।୯(ଏଜେନ୍ସି):** ଚେନ୍ନାଇରେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ୍‌କୁ ୨୮୦ ରନ୍‌ରେ ଜିତିବା ପରେ କାନପୁରରେ ଶୁକ୍ରବାରଠାରୁ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ତଥା ଟେଷ୍ଟ୍ ଲାଗି ରୋହିତ ବାହିନୀ ସଜବାଜ ହେଉଛି। ଶୃଙ୍ଖଳାରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିବା ସହ ଲଗାତାର ତୃତୀୟ ବର୍ଷ ପାଇଁ ବିଶ୍ୱ ଟେଷ୍ଟ୍ ଚମ୍ପିଅନସିପ୍‌ର ଫାଇନାଲ୍ ଖେଳିବା ଦୃଷ୍ଟିରୁ ଟିମ୍ ଇଣ୍ଡିଆ ପାଇଁ ଏହି ମ୍ୟାଚ୍‌ର ମଧ୍ୟ ଢେର ଗୁରୁତ୍ୱ ରହିଛି। ଏଥିଲାଗି କିନ୍ତୁ ଭାରତୀୟ କ୍ରିକେଟ୍ ଦଳକୁ କାନପୁର ସହ ଚଳିତ ଋତୁର ଅବଶିଷ୍ଟ ୯ ମ୍ୟାଚ୍‌ରୁ ଅନ୍ୟୁନ ଚାରିଟି ବିଜୟ ଅର୍ଜନ କରିବାର ଦରକାର ରହିଛି। ବାଂଲାଦେଶ ବିପକ୍ଷ ଗୋଟିଏ ମ୍ୟାଚ୍ ସହ ନ୍ୟୁଜିଲାଣ୍ଡ ବିପକ୍ଷ ତିନିଟି (ଘରୋଇ ପରିବେଶ) ଓ ଅଷ୍ଟ୍ରେଲିଆ ବିପକ୍ଷରେ ଅଷ୍ଟ୍ରେଲିଆ ମାଟିରେ ପାଞ୍ଚଟି ଟେଷ୍ଟ୍ ଭାରତ ହାତରେ ରହିଛି। ତେବେ ଏହି ଚାରିଟି ବିଜୟ ଲକ୍ଷ୍ୟ ପୂରଣ କରିବା ଲାଗି ଘରୋଇ ପରିବେଶରେ ଖେଳିବାକୁ ଥିବା ମ୍ୟାଚ୍ ଭାରତ ପାଇଁ ଭଲ ସୁଯୋଗ ଭାବେ ଉଭା ହୋଇଛି। କାରଣ ଅଷ୍ଟ୍ରେଲିଆ ମାଟିରେ ଖେଳାଯିବାକୁ ଥିବା ବର୍ଡର-ଗାଭାସ୍କର ଶୃଙ୍ଖଳାର ୫ ଟେଷ୍ଟରେ ବିଜୟୀ ହେବା ଭାରତ ପାଇଁ ଆଦୌ ସହଜ ହେବନି।

ଚେନ୍ନାଇରୁ କାନପୁରକୁ ଧ୍ୟାନ ହଟିବା ସହ ଉଭୟ ଭାରତ ଓ ବାଂଲାଦେଶ ପାଇଁ କିନ୍ତୁ ପିଚ୍ ନୂଆ ଆହ୍ୱାନ ଭାବେ ଉଭା ହେବାକୁ ଯାଉଛି। କାରଣ ଚେନ୍ନାଇର ଲାଲ୍ ମାଟି ପିଚ୍ ସ୍ପୋର୍ଟିଂ ଓ ବାଉନ୍ସି ଥିଲା ବେଳେ କାନପୁରର କଳା ମାଟି ପିଚ୍ ପାରମ୍ପରିକ ଭାବେ ସ୍ପିନରଙ୍କୁ ସୁହାଇ ଆସୁଛି। ଉଭୟ ସ୍ଥାନର ପିଚ୍ ମଧ୍ୟରେ ଆକାଶପାତାଳ ଫରକ ଥିଲା ବେଳେ ସ୍ୱଭାବ ହେଉଛି ପୂରା ବିପରୀତ। କ୍ରିକେଟ୍ ଉତ୍ତରରୁ ଦକ୍ଷିଣ ଭାରତକୁ ଆସିବା ସହ ପାଗ ଓ ପରିବେଶ ମଧ୍ୟ ବଦଳିବ। ସେହି ଦୃଷ୍ଟିରୁ ଉଭୟ ଦଳକୁ ସେମାନଙ୍କ ରଣନୀତିରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ହେବ। ତେବେ ଏଥରର ପିଚ୍ ପ୍ରଥମ ଦିନରୁ ସ୍ପିନ୍ ଧରିବାର ସମ୍ଭାବନା କମ୍ ଥିବା କ୍ୟୁରେଟର ସଙ୍କେତ ଦେଇଥିବାରୁ ଉଭୟ ଦଳ ଏଥିଲାଗି ଶାନ୍ତିର ନିଶ୍ୱାସ ମାରିପାରିବେ। ନୂଆ ପ୍ରଶିକ୍ଷକ ତଥା ପୂର୍ବତନ ଭାରତୀୟ ଓପନର୍ ଗୌତମ ଗମ୍ଭୀର ଖେଳାଳିଙ୍କ କାର୍ଯ୍ୟଭାର ପରିଚାଳନା ଉପରେ ଜୋର୍ ଦେଉଥିବାରୁ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ କାନପୁରରେ ବିଶ୍ରାମ ଦେବା କଥା ଭାରତ ଚିନ୍ତା କରିପାରେ। ଏହି ପ୍ରସ୍ତାବକୁ ଦଳୀୟ ପରିଚାଳନା ମଣ୍ଡଳି ଗୁରୁତ୍ୱ ଦେଉଥିବା ଜଣାପଡ଼ୁଛି। ତେବେ ଶେଷ ନିଷ୍ପତ୍ତି ମ୍ୟାଚ୍ ପୂର୍ବଦିନ ନିଆଯିବ ବୋଲି ଜଣାପଡ଼ୁଛି। ସେପଟେ ଭାରତ ମଧ୍ୟ ତିନି ଜଣ ସ୍ପିନରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବା କଥା ଚିନ୍ତା କରୁଛି। ଯଦି ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଏ, ତାହେଲେ ଅକ୍ଷର ପଟେଲ କିମ୍ବା କୁଲଦୀପ ଯାଦବଙ୍କ ଭିତରୁ ଜଣେ ଖେଳିପାରନ୍ତି। ବୁମ୍‌ରା ଖେଳିଲେ ଯୁବ ବୋଲର ଆକାଶଦୀପଙ୍କୁ ବାହାରେ ରହିବାକୁ ହେବ। ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ ଲାଗି କାନପୁରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ବିରୋଧରେ ହେଉଥିବା ହିଂସା ପ୍ରତିବାଦରେ ଅଖିଳ ଭାରତୀୟ ହିନ୍ଦୁ ମହାସଭା ନାମକ ଏକ ସଂସ୍ଥା ଷ୍ଟାଡିୟମ୍ ସମ୍ମୁଖ ରାସ୍ତାକୁ ଅବରୋଧ କରି ସେଠାରେ ହୋମ କରିବାର ଧମକ ଦେଇଥିବାରୁ ପୁଲିସ ସଜାଗ ରହିଛି।ଏହି ସଂଗଠନର ଦୁଇ ଜଣ ସଦସ୍ୟଙ୍କ ବିରୋଧରେ ଆନୁଷ୍ଠାନିକ ଅଭିଯୋଗ ଫର୍ଦ୍ଦ ଦାୟର ହୋଇଥିବା ଏସିପି ହରିଶ ଚନ୍ଦର କହିଛନ୍ତି ଖେଳାଳିଙ୍କ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଷ୍ଟାଡିୟମ୍ ଭିତରେ ଓ ବାହାର ସୁରକ୍ଷା ବ୍ୟବସ୍ଥାକୁ ମ୍ୟାଚ୍ ପୂର୍ବଦିନଠାରୁ ପରଦିନ ପର୍ଯ୍ୟନ୍ତ ସୁଦୃଢ଼ କରାଯିବ ବୋଲି ସୂଚନା ଦେଇଛନ୍ତି ସେ।

## ଦ୍ୱିତୀୟ ଟେଷ୍ଟ ଖେଳିବେନି ଦୟାଲ, ସର୍ଫରାଜ ଓ ଧ୍ରୁବ

ନୂଆଦିଲ୍ଲୀ,୨୫।୯: ବାଂଲାଦେଶ ବିପକ୍ଷ ଟେଷ୍ଟ ମ୍ୟାଚରୁ ୩ ଜଣଙ୍କୁ ବିସିସିଆଇ ଆଉଟ୍ କରିଛି। ଏମାନେ ହେଉଛନ୍ତି ସରଫରାଜ ଖାନ, ଧ୍ରୁବ ଜୁରେଲ ଏବଂ ଯଶ ଦୟାଲ। ଏହି ୩ ପ୍ଲେୟରଙ୍କୁ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ପାଇଁ ୧୫ ଜଣିଆ। ଟିମ୍‌ରେ ସାମିଲ କରାଯାଇଥିଲା। କିନ୍ତୁ ଏମାନେ ପ୍ଲେଇଙ୍ଗ୍ ଇଲେଭେନରେ ଖେଳିବାରେ ପାଇଲେନି ସୁଯୋଗ। ବର୍ତ୍ତମାନ ଇରାନୀ କପ୍ ପାଇଁ ସରଫରାଜ, ଧ୍ରୁବ ଏବଂ ଯଶ ଦ୍ୱିତୀୟ ଟେଷ୍ଟରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଗୋଟିଏ ପଟେ ସରଫରାଜ ଖାନ ମୁମ୍ବାଇ ଟିମ୍ ପାଇଁ ଖେଳିବେ। ଅନ୍ୟପଟେ ଧ୍ରୁବ ଜୁରେଲ ଏବଂ ଯଶ ଦୟାଲ 'ରେଷ୍ଟ ଇଣ୍ଡିଆ।' ଟିମରେ ସ୍ଥାନ ମିଳିଛି। ତେବେ ଶ୍ରେୟସ୍ ଆୟର, ଇଶାନ୍ କିଶାନଙ୍କ ଏବଂ ଶାର୍ଦ୍ଦୁଲ ଠାକୁର ପରି ପ୍ଲେୟର ଭାରତୀୟ ଟେଷ୍ଟ ଟିମ୍‌ରେ ପ୍ରତ୍ୟାବର୍ତ୍ତନ କରିବାକୁ ଆଶା ରଖିଛନ୍ତି।ଏହି ସମସ୍ତ ଖେଳାଳି ଇରାନ କପ୍‌ରେ ଭଲ ପ୍ରଦର୍ଶନ କରିବା ପରେ ହିଁ ପରବର୍ତ୍ତୀ ସିରିଜ୍ରେ ଟିମ୍ ଇଣ୍ଡିଆରେ ସ୍ଥାନ ପାଇବା ପାଇଁ ଦାବି କରିପାରିବେ।

## ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ

# ୬ଷ୍ଠ ସ୍ଥାନରେ ପନ୍ତ

ଦୁବାଇ,୨୫।୯: ଦୀର୍ଘ ୨ ବର୍ଷ ପରେ ଟେଷ୍ଟ କ୍ରିକେଟକୁ ଫେରିଥିବା ଟିମ ଇଣ୍ଡିଆର ୱିକେଟ କିପର ଋଷଭ ପନ୍ତ କମାଲ କରିଛନ୍ତି। ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ସେ ଶତକ ମାରିବା ପରେ ଏହା ତାଙ୍କୁ ଆଇସିସି ରାଙ୍କିଙ୍ଗରେ ଫାଇଦା ଦେଇଛି। କାର ଦୁର୍ଘଟଣା ପୂର୍ବରୁ ପନ୍ତ ରାଙ୍କିଙ୍ଗର ଟପ୍ ୧୦ରେ ଥିଲେ। ସେ ୨ ବର୍ଷ ପରେ ସୁସ୍ଥ ହୋଇ ପଡ଼ିଆକୁ ଫେରିବା କ୍ଷଣି ପୁଣି ବ୍ୟାଟିଂ ରାଙ୍କିଙ୍ଗର ଟପ ୧୦ରେ ପ୍ରବେଶ କରିଛନ୍ତି।



### ଶୀର୍ଷ ୧୦ରୁ ବିଦା ହେଲେ କୋହଲି ଓ ରୋହିତ

ବର୍ତ୍ତମାନ ପନ୍ତ ରାଙ୍କିଙ୍ଗର ୬ଷ୍ଠ ସ୍ଥାନରେ ପହଞ୍ଚି ଯାଇଛନ୍ତି। ତେବେ ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା ଓ ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ରାଙ୍କିଙ୍ଗରେ ଅବନ୍ନତି ହୋଇଛି।

ଆଜି ଆଇସିସି ପକ୍ଷରୁ ଜାରି ତାଲିକା ଅନୁଯାୟୀ, ପନ୍ତ ୭୩୧ ପଏଣ୍ଟ ସହ ରାଙ୍କିଙ୍ଗର ୬ଷ୍ଠ ସ୍ଥାନରେ ଅଛନ୍ତି। ସେହିପରି ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଗୁରୁତ୍ୱପୂର୍ଣ୍ଣ ୫୬ ରନର ଇନିଂସ ଖେଳିଥିବା ଟିମ ଇଣ୍ଡିଆର ଓପନର ଯଶସ୍ୱୀ ଜୈସୱାଲ ୭୫୧ ପଏଣ୍ଟ ସହ ୫ମ ସ୍ଥାନ ଦଖଲ କରିଛନ୍ତି।

ଭାରତର ଅଧିନାୟକ ରୋହିତ ଶର୍ମା ଯଦିଓ ଟପ୍ ୧୦ରେ ରହିଛନ୍ତି, କିନ୍ତୁ ତାଙ୍କୁ ୫ଟି ସ୍ଥାନ ହରାଇବାକୁ ପଡ଼ିଛି। ସେ ମାତ୍ର ୭୧୬ ପଏଣ୍ଟ ସହ ରାଙ୍କିଙ୍ଗର ୧୦ନମ୍ବର ସ୍ଥାନରେ ଅଛନ୍ତି। ବିରାଟ କୋହଲି ମଧ୍ୟ ୫ଟି ସ୍ଥାନ ତଳକୁ ଖସି ଟପ ୧୦ରୁ ବାଦ ପଡ଼ି ଦ୍ୱାଦଶ ସ୍ଥାନରେ ପହଞ୍ଚିଛନ୍ତି।

ପୂର୍ବରୁ ଭଳି ୮୯୯ ପଏଣ୍ଟ ସହ ଜୋ ରୁଟ ୧ନଂ ସ୍ଥାନରେ, ୮୫୨ ପଏଣ୍ଟ ସହ କେନ ୱିଲିୟମସନ ଦ୍ୱିତୀୟରେ ଓ ଡାରେଲ ମିଚେଲ ୭୬୦ ପଏଣ୍ଟ ସହ ତୃତୀୟ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ଟେଷ୍ଟ ବୋଲିଂ ରାଙ୍କିଙ୍ଗ କଥା ବିଚାରକୁ ନେଲେ ଭାରତର ରବିଚନ୍ଦ୍ରନ ଅଶ୍ୱିନ ପୂର୍ବଭଳି ୧ନଂ ସ୍ଥାନରେ ରହିଛନ୍ତି। କିନ୍ତୁ ୨ ନଂ ସ୍ଥାନକୁ ଲମ୍ଫ ମାରିଛନ୍ତି ଯଶପ୍ରୀତ ବୁମରା। ରବୀନ୍ଦ୍ର ଜାଡେଜା ମଧ୍ୟ ଗୋଟିଏ ସ୍ଥାନ ଉପରକୁ ଉଠି ରାଙ୍କିଙ୍ଗର ୬ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି।

# ୫ମ ପତ୍ନୀଙ୍କୁ ଛାଡ଼ପତ୍ର ଦେଲେ କୁସ୍ତିଯୋଦ୍ଧା



ନୂଆଦିଲ୍ଲୀ,୨୫।୯: କୁସ୍ତିଯୋଦ୍ଧା ରିକ ଫ୍ଲେୟର ନିଜର ଛାଡ଼ପତ୍ରର ଘୋଷଣା ପରେ ବିଶ୍ୱ ରେସଲିଙ୍ଗ ଏଣ୍ଟରଟେନମେଣ୍ଟ ଅର୍ଥାତ ଡବ୍ଲୁଡବ୍ଲୁଇ ପ୍ରେମୀମାନେ ଚକିତ ହୋଇଯାଇଛନ୍ତି। ୨୦୧୮ରେ ରିକ ୱେଣ୍ଡି ବାର୍ଲୋଙ୍କୁ ବିବାହ କରିଥିଲେ। ବିବାହର ୬ବର୍ଷ ପରେ ରିକ ଛାଡ଼ପତ୍ର ନେବା ଘଟଣା ଚର୍ଚ୍ଚାର ପରିସରରେ ରହିଛି। ରିକଙ୍କ ବୟସ ଏବେ ୭୫ବର୍ଷ। ଏହା ତାଙ୍କ ୫ମ ବିବାହ ଥିଲା। ଛାଡ଼ପତ୍ର ଦେଇଥିବା ସ୍ତ୍ରୀଙ୍କ ବୟସ ୬୪ବର୍ଷ ରହିଛି।

ଫ୍ଲେୟର ତାଙ୍କ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, - ୱେଣ୍ଡି ଏବଂ ମୁଁ ୧୩ଟି ଚମତ୍କାର ବର୍ଷ ବିତାଇଛୁ ପ୍ରତ୍ୟେକ ଦମ୍ପତିଙ୍କ ପରି ଆମ ଜୀବନରେ ଆସିଥିବା ପ୍ରତିଟି ଉଠାଣି ଗଡ଼ାଣିକୁ ମିଶିକି ସାମ୍ନା କରିଛୁ। ମୁଁ ଭାବୁଛି ବର୍ତ୍ତମାନ ସମସ୍ତଙ୍କ ପାଇଁ ଏହା ଜାଣିବା ଜରୁରୀ ଯେ ଆମେ ସମ୍ମାନର ସହିତ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ। ମୁଁ ୨୦୧୭ରେ ଏକ କଠିନ ପର୍ଯ୍ୟାୟ ଦେଇ ଗତି କରୁଥିଲି । ୱେଣ୍ଡି ସେତେବେଳେ ମୋତେ ବହୁତ ସାହାଯ୍ୟ କରିଥିଲେ। ଧନ୍ୟବାଦ ଶବ୍ଦ ତାଙ୍କ ପାଇଁ ଖୁବ କମ ହୋଇଯିବ। ସେ ମୋତେ କେବେ ବି ହାତ ଛାଡି କରିନାହାନ୍ତି।

ଏଥିପାଇଁ ମୁଁ ସର୍ବଦା କୃତଜ୍ଞ ରହିବି। ଆମେ ବର୍ତ୍ତମାନ ବିଭିନ୍ନ ପ୍ରୋଜେକ୍ଟରେ କାମ କରୁଛୁ ମୁଁ ତାଙ୍କୁ ତାଙ୍କ ପ୍ରୋଜେକ୍ଟ ପାଇଁ ଶୁଭେଚ୍ଛା ଜଣାଉଛି ଏବଂ ମୁଁ ଜାଣେ ସେ ମୋର ସମର୍ଥନ କରନ୍ତି। ଫ୍ଲେୟାର ସେପ୍ଟେମ୍ବର ୨୦୧୮ରେ ବାର୍ଲୋଙ୍କୁ ବିବାହ କରିଥିଲେ। ବାର୍ଲୋ ଫ୍ଲେୟରଙ୍କ ପଞ୍ଚମ ପତ୍ନୀ ପୂର୍ବରୁ ଲେସଲି ଗୁଡମ୍ୟାନ୍, ଏଲିଜାବେଥ୍ ହେରେଲ୍, ଟିଫନି ୱାନଡେମାର୍କ ଏବଂ ଜ୍ୟାକଲିନ୍ ବିମ୍ସଙ୍କୁ ବିବାହ କରିଥିଲେ। କୁସ୍ତିଯୋଦ୍ଧା ଭାବେ ଫ୍ଲେୟର ଶେଷ ମ୍ୟାଚ୍ ୨୦୨୨ରେ ଖେଳିଥିଲେ।

## ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ ଚାମ୍ପିଅନ୍‌ସିପ ପାରାଦୀପରେ ଉଦଘାଟିତ

ପାରାଦୀପ,୨୫।୯: ୬୩ ତମ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ ଚମ୍ପିୟନସିପ ବୁଧବାର ଅପରାହ୍ନ ରେ ପାରାଦୀପ ବନ୍ଦରର ଗୋପବନ୍ଧୁ ଷ୍ଟାଡିଅମ ଠାରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଅବସରରେ ପାରାଦୀପ ବନ୍ଦର ଟ୍ରାଫିକ ଉପଦେଷ୍ଟା ଆଶିଷ କୁମାର ବୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସପ୍ତାହ ବ୍ୟାପି ଏହି କ୍ରୀଡାର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଫୁଟବଲ ଆସୋସିଏସନ ର ସମ୍ପାଦକ ଆଶୀର୍ବାଦ ବେହେରା, ଇଫକୋ ପାରାଦୀପ ୟୁନିଟ ମୁଖ୍ୟ କେ.ଜେ.ପଟେଲ, ପାରାଦୀପ ବନ୍ଦର କ୍ରୀଡା ପରିଷଦ ର ସଭାପତି ଡି.ଏନ.ସୋଣ୍ଡି, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା,ଫୁଟବଲ କୋଚ ରବି ଦାସ ଙ୍କ ସମେତ ଓଡିଶା ଫୁଟବଲ ଆସୋସିଏସନ ର କାର୍ଯ୍ୟକର୍ତ୍ତା ଏବଂ ପାରାଦୀପ ବନ୍ଦରର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଏହି ଉଦଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ଏହି ଚମ୍ପିୟନସିପ ରେ କଟକ, ଗଞ୍ଜାମ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର, ପାରାଦୀପ, କେନ୍ଦ୍ରାପଡ଼ା ସମେତ ଆଠଟି ଫୁଟବଲ ଜିଲ୍ଲା ଅଂଶଗ୍ରହଣ କରୁଛନ୍ତି।ତେବେ ପ୍ରଥମ ଉଦଘାଟନୀ ଦିବସରେ ବର୍ଷା ହେତୁ ଖେଳ କାଲି ପାଇଁ ସ୍ଥଗିତ ରହିଛି।




# ଭାରତୀୟ ଯୋଡ଼ିଙ୍କୁ ପ୍ରଥମ ଏଟିପି ମୁକୁଟ



ନୂଆଦିଲ୍ଲୀ,୨୫।୯: ଭାରତୀୟ ବ୍ୟାଡ୍‌ମିଣ୍ଟନ ଯୋଡ଼ି ଜୀବନ ନେଦୁଞ୍ଚେଝିୟାନ୍ ଓ ବିଜୟ ସୁନ୍ଦର ପ୍ରଶାନ୍ତ ଏକାଠି ପ୍ରଥମ ଏଟିପି ମୁକୁଟ କରାୟତ୍ତ କରିଛନ୍ତି। ଏହିଯୋଡ଼ି ହାଙ୍ଗଝେ ଓପନ୍‌ରେ ପୁରୁଷ ଯୁଗଳ ଟ୍ରଫି ହାତେଇଛନ୍ତି। ମଙ୍ଗଳବାର ଫାଇନାଲ୍‌ରେ ଭାରତୀୟ ଯୋଡ଼ି ୪-୬, ୭-୬, ୧୦-୭ ସେଟ୍‌ରେ ଜର୍ମାନୀର କନ୍‌ଷ୍ଟାନ୍‌ଟିନ୍ ଫ୍ରାଞ୍ଜେନ ଓ ହାର୍ଦିକ ଜେବେନ୍ସଙ୍କୁ ମାତ୍ ଦେଇଥିଲେ ୩୫ ବର୍ଷୀୟ ଜୀବନଙ୍କ ଏହା ଦ୍ୱିତୀୟ ଏଟିପି ଟୁର୍ ମୁକୁଟ ପୂର୍ବରୁ ସେ ୨୦୧୭ରେ ରୋହନ ବୋପାନ୍ନାଙ୍କ ସହ ଚେନ୍ନାଇ ଓପନ୍ ଜିତିଥିଲେ। ଅନ୍ୟପକ୍ଷରେ ବିଜୟଙ୍କ ଏହା ପ୍ରଥମ ଏଟିପି ଟୁର୍ ଟ୍ରଫି । ଅନ୍ୟପକ୍ଷରେ ଚେଙ୍ଗ୍‌ଡୁ ଓପନ୍‌ରେ ଭାରତର ଯୁକି ଭାମ୍ବ୍ରି ଓ ତାଙ୍କ ଫ୍ରାନ୍ସ ସାଥୀ ଅଲ୍‌ବାନୋ ଓଲିଭେଟି ଉପବିଜେତାରେ ସନ୍ତୁଷ୍ଟ ରହିଛନ୍ତି। ମଙ୍ଗଳବାର ଫାଇନାଲ୍‌ରେ ଭାରତ-ଫ୍ରାନ୍ସ ଯୋଡ଼ି ୪-୬, ୬-୪, ୪-୧୦ ସେଟ୍‌ରେ ଶୀର୍ଷ ମାନ୍ୟତାପ୍ରାପ୍ତ ଫ୍ରାନ୍ସ ଯୋଡ଼ି ସ୍ୱାଡିଓ ଡେମ୍ବିୟା ଓ ଫାବିଏନ୍ ରେବେଲଙ୍କଠୁ ହାରି ଯାଇଥିଲେ। ତେବେ ଭାରତର ଶୀର୍ଷ ମାନ୍ୟତାପ୍ରାପ୍ତ ଏକକ ଖେଳାଳି ସୁମିତ ନଗଲ ବେଜିଂ ଓପନ୍ ଯୋଗ୍ୟତା ପର୍ଯ୍ୟାୟରେ ହାରି ଯାଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ବିଶ୍ୱର ୮୩ ନମ୍ବର ନଗଲ ୨-୬, ୬-୭ ସେଟ୍‌ରେ ବିଶ୍ୱର ୬୩ ନମ୍ବର ରୁଷିଆର ପାଭେଲ କୋଟୋଭଙ୍କଠୁ ପରାଜିତ ହୋଇଥିଲେ।

# ୪୯୮ ରନ୍‌ର ରେକର୍ଡ ଇଂନିସ ଖେଳିଲେ ଦ୍ରୋଣ

ନୂଆଦିଲ୍ଲୀ,୨୫।୯: ଇତିହାସ ରଚିଛନ୍ତି ୧୮ ବର୍ଷୀୟ କ୍ରିକେଟର ଦ୍ରୋଣ ଦେଶାଇ। ସେ ମଣିନଗରର ଜେଏଲ ଇଂଲିଶ ସ୍କୁଲ ବିପକ୍ଷରେ ମାରିଛନ୍ତି ୪୯୮ ରନ। ଗୁଜରାଟର ଗାନ୍ଧିନଗରରେ ଥିବା ଶିବାୟ କ୍ରିକେଟିଂ କ୍ଲବରେ ଚାଲିଥିବା ଡିୱାନ ବାଲୁଭାଇ କପ(ଅଣ୍ଡର-୧୯)ରେ ସେ ଏପରି ବଡ଼ ଇନିଂସ ଖେଳିଛନ୍ତି। ସେ ୪୯୮ ରନ କରି ଆଉଟ ହେବା ପରେ ୫୦୦ ଠାରୁ ମାତ୍ର ୨ ରନ ପଛରେ ରହି ଯାଇଥିବା ଅନୁଭବ କରିଥିଲେ।



ତେବେ ୧୮ ବର୍ଷ ବୟସରେ ସେ ୪୯୮ ରନର ଇନିଂସ ଖେଳି ନୂଆ। କୀର୍ତ୍ତିମାନ ହାସଲ କରିଛନ୍ତି। ସେ ଗୁଜରାଟରେ ଆଜି ଯାଏ ଖେଳା ଯାଇଥିବା ଅନ୍ତଃସ୍କୁଲ କ୍ରିକେଟରେ ସର୍ବାଧିକ ରନ ସ୍କୋରର ହୋଇଯାଇଛନ୍ତି। ସେହିପରି ଭାରତ ପାଇଁ ସେ ତୃତୀୟ ସର୍ବାଧିକ ରନ ହାସଲକାରୀ କ୍ରିକେଟର ମଧ୍ୟ ବନି ଯାଇଛନ୍ତି। ଦ୍ରୋଣଙ୍କ ସହ ତୃତୀୟ ସ୍ଥାନରେ ଅରମାନ ଜାଫର ରହିଛନ୍ତି। ଏହି ଦୁଇ ଖେଳାଳିଙ୍କ ଉପରେ ପ୍ରଣବ ଧନାୱାଡେ ଓ ପୃଥ୍ୱୀ ଶ' ଅଛନ୍ତି।

ଦ୍ରୋଣ ୪୯୮ କରିବା ପାଇଁ ପଡ଼ିଆରେ ୩୭୨ ମିନିଟ ସମୟ ଅତିବାହିତ କରିଥିଲେ। ସେ ୩୨୦ଟି ବଲର ସାମ୍ନା କରି ୮୬ଟି ଚୌକା ଓ ୭ଟି ଛକା ମାରିଛନ୍ତି। ସେ ୫୦୦ ଠାରୁ ୨ ରନ ପଛରେ ଥିବା ବେଳେ କରନ ମେଜିୟାତ୍ରଙ୍କ ବଲରେ ଆଉଟ ହୋଇଯାଇଛନ୍ତି।

ଦ୍ରୋଣଙ୍କ ବ୍ୟତୀତ ସେଣ୍ଟ ଜାଭିୟର ଲୟୋଲା ହଲ ଆମାସ ପାଇଁ ହେତ ଦେଶାଇ ୯୮ ବଲରେ ୧୪୮ ଓ ଅଧିନାୟକ ବିରାଜ ତାଲାଟି ୯୩ ବଲରେ ଅପରାଜିତ ୧୦୪ ରନ କରିଛନ୍ତି। ଫଳରେ ଦଳ ପ୍ରଥମ ଇନିଂସରେ ୭ ୱିକେଟ ହରାଇ ବିଶାଳ ୮୪୪ ରନ କରିବା ପରେ ପାଳି ଘୋଷଣା କରିଥିଲା। ଏହା ପୂର୍ବରୁ ଦଳ ଜେଏଲ ଟିମକୁ ପ୍ରଥମ ଇଂନିସରେ ମାତ୍ର ୪୦ ରନରେ ଅଲଆଉଟ କରି ଦେଇଥିଲା। ଦ୍ୱିତୀୟ ଇନିଂସରେ ମଧ୍ୟ ଜେଏଲ ଦଳ କେବଳ ୯୨ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ସେଣ୍ଟ ଜାଭିୟର ମ୍ୟାଚ୍କୁ ଗୋଟିଏ ଇନିଂସ ଓ ୭୧୨ ରନରେ ଜିତି ନେଇଛିୟ। ସେଣ୍ଟ ଜାଭିୟର ପାଇଁ ବୋଲିଂରେ ଦକ୍ଷୀଣ ଶର୍ମା କମାଲ କରିଛନ୍ତି। ସେ ମ୍ୟାଚ୍ ୫୩ ରନ ଦେଇ ୯ଟି ୱିକେଟ ଦଖଲ କରିଛନ୍ତି।

## ବିସିସିଆଇଠୁ ଶିଖୁ ପାକିସ୍ତାନ : କମ୍ରାନ

କରାଚୀ,୨୫।୯: ନିକଟ ଅତୀତରେ ପାକିସ୍ତାନର ଖରାପ ଖରାପ ଅବସ୍ଥା ଦେଖି ପାକିସ୍ତାନର ପୂର୍ବତନ ଉଇକେଟ କିପର କମ୍ରାନ ଆକମଲ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ପୋଲ୍ ଖୋଲିଛନ୍ତି। ଅକମଲ କହିଛନ୍ତି, ପାକିସ୍ତାନ କ୍ରିକେଟ ବୋର୍ଡ ବିସିସିଆଇରୁ ଶିଖିବା ଉଚିତ। ସେମାନଙ୍କର ବୃତ୍ତିଗତତା, ସେମାନଙ୍କ ଦଳ, ଚୟନକର୍ତ୍ତା, ଅଧିନାୟକ ଏବଂ କୋଚ ଏହିସବୁ ଦଳ ଦଳକୁ ଏକ ନମ୍ବର କରି ବିଶ୍ୱରେ ରାଜ୍ କରେ। ୨୧ ଅଗଷ୍ଟରୁ ୦୩ ସେପ୍ଟେମ୍ବର ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ବାଂଲାଦେଶ ପାକିସ୍ତାନ ଗସ୍ତ କରିଛି। ଏହି ଗସ୍ତ ପୂର୍ବରୁ ବାଂଲାଦେଶ ପାକିସ୍ତାନ ବିପକ୍ଷରେ କୌଣସି ଟେଷ୍ଟ ମ୍ୟାଚ ଜିତି ନ ଥିଲା, କିନ୍ତୁ ବାଂଲାଦେଶ ଦଳ ପାଇଁ ଏହି ଗସ୍ତ ଐତିହାସିକ ଥିଲା ଏଠାରେ ସେମାନେ ନିଜ ଘରେ ଟେଷ୍ଟ ସିରିଜରେ ପାକିସ୍ତାନକୁ ୨-୦ରେ ପରାସ୍ତ କରିଥିଲେ। ଏହି ପରାଜୟ ପରେ ପାକିସ୍ତାନ ଦଳ ଉପରେ ଅନେକ ସମାଲୋଚନା କରାଯାଇଥିଲା।

# ଟ୍ରଫି ଜିତିବା ଏକମାତ୍ର ଲକ୍ଷ୍ୟ : ହର୍ମନପ୍ରୀତ



ଦୁବାଇ,୨୫।୯: ୟୁଏଇରେ ଆସନ୍ତାମାସ ଅକ୍ଟୋବର ୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଅଧିନାୟିକା ହର୍ମନପ୍ରୀତ କୌର ଦଳର ଲକ୍ଷ୍ୟ ଓ ଆଭିମୁଖ୍ୟ ନେଇ ବିସ୍ତୃତ ବିବରଣୀ ଦେଇଛନ୍ତି। ସେ କହିଛନ୍ତି, ଏକ ଦଳ ଭାବେ ବିଶ୍ୱକପ୍ ଜିତିବା ଆମ ପାଇଁ ବହୁପ୍ରତୀକ୍ଷିତ ସ୍ୱପ୍ନ ହୋଇ ରହିଛି। ଟ୍ରଫି ଜିତିବା ହିଁ ଆମର ଏକମାତ୍ର ଲକ୍ଷ୍ୟ ହେବ। ଦେଶ ଓ ସମର୍ଥକଙ୍କ ପାଇଁ ଗୌରବ ଆଣିବାକୁ ଦଳର ସବୁ ଖେଳାଳି ଦୃଢ଼ ପ୍ରତିଶ୍ରୁତିବଦ୍ଧ।

ନିର୍ଭୀକ କ୍ରିକେଟ୍ ଖେଳି ଏହି ଦୁଇ ଲକ୍ଷ୍ୟ ପୂରଣ କରିବାକୁ ଆମେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବୁ ଆମ ପାଇଁ ପ୍ରତି ମ୍ୟାଚ୍ ନିଜ ଦକ୍ଷତା, କୌଶଳ ଓ ପ୍ରତିଭା ପ୍ରଦର୍ଶନ କରି ଯୁବ ଓ ଉଦୀୟମାନ ତାରକାଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ସୁଯୋଗ ଦେବ ବିଶ୍ୱକପ୍ ଜିତିବାର ଶକ୍ତି, ସାମର୍ଥ୍ୟ, ଦକ୍ଷତା ଆମ ପାଖରେ ଅଛି ସେହିଭଳି ୟୁଏଇରେ ପ୍ରଥମ ଥର ଖେଳିବା ନେଇ ଉଲ୍ଲସିତ ଥିବା ହର୍ମନପ୍ରୀ ମତ ଦେଇଛନ୍ତି।

ଅକ୍ଟୋବର ୩ରୁ ଆରମ୍ଭ ହେବାକୁ ଯାଉଥିବା ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପାଇଁ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଅଫିସିଆଲଙ୍କ ନାମ ତାଲିକା ଘୋଷଣା କରିଛି ସମସ୍ତ ପୂର୍ବ ଧାରାକୁ ଭଙ୍ଗ କରି ଏଥର କେବଳ ମହିଳା ଅମ୍ପାୟାର୍‌ମାନେ ମହିଳା ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ପରିଚାଳନା କରିବେ ବୋଲି ସ୍ପଷ୍ଟ ହୋଇଛି। ୟୁଏଇରେ ଅନୁଷ୍ଠିତ ହେବାକୁ ଥିବା ଏହି ମହିଳା ବିଶ୍ୱକପ୍ ପାଇଁ ୧୦ ଅମ୍ପାୟାର୍ ଓ ୩ ମ୍ୟାଚ୍ ରେଫରିଙ୍କୁ ମନୋନୀତ କରାଯାଇଥିବା ବେଳେ ଏମାନେ ସମସ୍ତେ ମହିଳା ବିଗତ ୪ ବିଶ୍ୱକପ୍ ପରିଚାଳନା କରିଥିବା ସବୁଠାରୁ ଅଭିଜ୍ଞ ଅମ୍ପାୟାର୍ କ୍ଲେୟାର ପୋଲୋସାକ୍ ଏଥିରେ ସାମିଲ ଅଛନ୍ତି। କିମ୍ କଟନ୍ ଓ ଜ୍ୟାକଲିନ୍ ୱିଲିୟମ୍ସ ସେମାନଙ୍କ ତୃତୀୟ ବିଶ୍ୱକପ୍ ପରିଚାଳନା ସୁଯୋଗ ପାଇଛନ୍ତି। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଗତ ସଂସ୍କରଣ ଫାଇନାଲ୍‌କୁ ଏହି ଦୁଇ ଜଣ ପରିଚାଳନା କରିଥିଲେ। ଗତ ଫାଇନାଲ୍‌ରେ ଟିଭି ଅମ୍ପାୟାର୍ ଥିବା ସୁ ରେଡଫର୍ଣ୍ଣ ତାଙ୍କ ଚତୁର୍ଥ ବିଶ୍ୱକପ୍ ସୁଯୋଗ ପାଇଛନ୍ତି ଜିମ୍ବାୱେ ଅମ୍ପାୟାର ସାରା ଡାମ୍ବାନେଭାନା କିନ୍ତୁ ବିଶ୍ୱକପ୍ ପଦାର୍ପଣ କରିବେ।

ଅମ୍ପାୟାର୍: ଲେରେନ୍ ଅନେଗବାଗ, କିମ୍ କଟନ୍, ସାରା ଡାମ୍ବାନେଭାନା, ଆନ୍ନା ହାରିସ୍, ନିମାଲି ପେରେରା, କ୍ଲେୟାର ପୋଲୋସାକ୍, ଭ୍ରିନ୍ଦା ରାଠି, ସୁ ରେଡଫର୍ଣ୍ଣ, ଏଲୋସ ସେରିଡାନ୍, ଜ୍ୟାକଲିନ୍ ୱିଲିୟମ୍ସ

ରେଫରି: ସାନ୍ଦ୍ରେ ଫ୍ରିଜ୍, ଜିଏସ୍ ଲକ୍ଷ୍ମୀ, ମାଇକେଲ୍ ପେରେଇରା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ